ଯାହା ହୁଏତ କେବେ ଘଟିବ ନାହିଁ, ତାହା ପାଇଁ ଉଦ୍‌ବେଗ ଭିତରେ ରହିବା ଦ୍ୱାରା ବହୁ ଶକ୍ତିର ଅପଚୟ ହୋଇଥାଏ।
- ଫ୍ରାଙ୍କ୍‌ଲିନ

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ସାଇ ଇଣ୍ଟରନ୍ୟାଶନାଲ ସ୍କୁଲ ପକ୍ଷରୁ ସାଇ ମଡେଲ ୟୁନାଇଟେଡ ନ୍ୟାଶନ୍ସ କନଫରେନ୍ସ, ସ୍କୁଲ କ୍ୟାମ୍ପସ, ଇନଫୋସିଟି, ସକାଳ ୯ଟା ୩୦।
- ଆକ୍ୱାରିଲେ ପକ୍ଷରୁ ଜଳଚିତ୍ର ରଙ୍ଗ ପ୍ରଦର୍ଶନ, ଓଡ଼ିଶା ମର୍ଡନ ଆର୍ଟ ଗ୍ୟାଲେରି, ଅପରାହ୍ନ ୫ଟା ୩୦।
- ଓଡ଼ିଶା ସାହିତ୍ୟ ଏକାଡେମୀର ସ୍ୱନକ୍ଷତ୍ର ଦିବସ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା।
- ମିରାମ୍ବିକା ଇଭେଣ୍ଟ ପକ୍ଷରୁ ଅଡିଓ ସିଡି ଉନ୍ମୋଚନ, ସୂଚନା ଭବନ, ସନ୍ଧ୍ୟା ୭ଟା।

**କଟକ**

- ଉତ୍କଳ ସମ୍ମିଳନୀ କଟକ ଜିଲା ପକ୍ଷରୁ ସାମାଜିକ କର୍ମୀ ଶୈଳବାଳା ଦାସଙ୍କ ସ୍ମୃତି ସନ୍ଧ୍ୟା ପାଳନ, ରଘୁନାଥଜୀଉ ମନ୍ଦିର, ତେଲେଙ୍ଗାବଜାର, ଅପରାହ୍ନ ୫ଟା।

## ମେଟଲ୍ ମିଟ୍-୨୦୧୯
# ସାମ୍ନାସାମ୍ନି ହେବେ ୭୮ ଟିମ୍

- ଜୁନିୟର୍‌ରେ ୪୨, ସିନିୟରରେ ୩୬
- ପରିଚାଳନା କରିବେ କୁଇଜ୍ ମାଷ୍ଟର ଅଜୟ ପୁନିଆ

ଭୁବନେଶ୍ୱର,୨୪।୭(ବ୍ୟୁରୋ)

କୁଇଜ୍ ଭଳି ଏକ ସମ୍ପୂର୍ଣ୍ଣ ଭିନ୍ନ କନ୍‌ସେପ୍ଟକୁ ନେଇ ଦୈନିକ ଇଂଲିଶ ଖବରକାଗଜ 'ଓଡ଼ିଶା ପୋଷ୍ଟ' ପକ୍ଷରୁ ଲଗାତର ୪ର୍ଥ ବର୍ଷ ପାଇଁ ଆୟୋଜିତ ହେବାକୁ ଯାଉଛି 'ମେଟଲ୍ ମିଟ୍- ୨୦୧୯'। ଦକ୍ଷତା ଓ ଉପସ୍ଥିତ ବୁଦ୍ଧିର ଏହି ଯୁଦ୍ଧ ପାଇଁ ଏହା ମଧ୍ୟରେ ଆରମ୍ଭ ହୋଇଯାଇଛି କାଉଣ୍ଟଡାଉନ୍। ଓଡ଼ିଶାର କୁଇଜିଂ କଲଚରକୁ ଆଗକୁ ନେବା ଲକ୍ଷ୍ୟରେ ଆୟୋଜିତ ଏହି ପ୍ରତିଯୋଗିତାକୁ ଆଉମାତ୍ର କିଛିଦିନ ବାକି ଥିବାବେଳେ ସାମ୍ନାସାମ୍ନି ପାଇଁ ପ୍ରତିଯୋଗୀ ଟିମ୍ ଏବଂ ଶିକ୍ଷାନୁଷ୍ଠାନଗୁଡ଼ିକ ନିଜକୁ ପ୍ରସ୍ତୁତ କରିନେଇଛନ୍ତି। ବର୍ତ୍ତମାନ ସୁଦ୍ଧା ସମଗ୍ର ଓଡ଼ିଶାର ବିଭିନ୍ନ ସ୍କୁଲ୍ ଓ କଲେଜରୁ ମୋଟ ୭୮ ଟିମ୍ ଅଂଶଗ୍ରହଣ କରିବାକୁ ଥିବାବେଳେ ଉଭୟ ଜୁନିୟର ଏବଂ ସିନିୟର କାଟାଗୋରିରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହେବ।

ମେଟଲ୍ ମିଟ୍ ୨୦୧୮ ସଂସ୍କରଣର ବିପୁଳ ସଫଳତା ପରେ ଓଡ଼ିଶା ପୋଷ୍ଟ ଆୟୋଜନ କରିବାକୁ ଯାଉଛି ମେଟଲ୍ ମିଟ୍ ୨୦୧୯ ସଂସ୍କରଣ। ଅଗଷ୍ଟ ୩ ଓ ୪ ଦୁଇଦିନ ଧରି ଭୁବନେଶ୍ୱରସ୍ଥିତ ସ୍ୱସ୍ତି ପ୍ରିମିୟମ୍ ହୋଟେଲରେ ଆୟୋଜିତ ହେବାକୁ ଥିବା ଏହି ରାଜ୍ୟସ୍ତରୀୟ କୁଇଜ୍ ପ୍ରତିଯୋଗିତା ଚଳିତବର୍ଷ ଆହୁରି ଆକର୍ଷଣୀୟ ହେବାକୁ ଯାଉଛି।

Reviving Quizzing
METTLE MEET 2019
A Quiz Extravaganza

ଭୁବନେଶ୍ୱର ସହ ପୁରୀ, କଟକ, ଢେଙ୍କାନାଳ, ଅନୁଗୋଳ, ରାଉରକେଲା ଓ ପଶ୍ଚିମ ଓଡ଼ିଶାର ଏକାଧିକ ଶିକ୍ଷାନୁଷ୍ଠାନ ଚଳିତବର୍ଷ ପ୍ରତିଯୋଗିତାରେ ଭାଗନେବେ। ସେହିଭଳି ଏଥର ରେସ୍‌ରେ ସାମିଲ ହୋଇଛନ୍ତି ଏକାଧିକ ନୂଆ ସ୍କୁଲ୍, ଜୁନିୟର କଲେଜ, ବୈଷୟିକ ଶିକ୍ଷାନୁଷ୍ଠାନ, ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ। ଚଳିତବର୍ଷ ସିନିୟର ବିଭାଗରେ ମୋଟ ୩୬ ଶିକ୍ଷାନୁଷ୍ଠାନ ରହିଥିବାବେଳେ ଏମାନଙ୍କ ମଧ୍ୟରେ ଏନ୍‌ଆଇଟି ରାଉରକେଲା, ଆଇଆଇଟି ଭୁବନେଶ୍ୱର, ଏମ୍‌ସ ଭୁବନେଶ୍ୱର, ନାଇଜର୍, କିଟ୍, ଏସ୍‌ସିବି ମେଡିକାଲ କଲେଜ, ନ୍ୟାଶନାଲ ଲ' ୟୁନିଭର୍ସିଟି, ଭିଏସ୍‌ଏସ୍‌ୟୁଟି ବୁର୍ଲା, ରେଭେନ୍‌ଶା ବିଶ୍ୱବିଦ୍ୟାଳୟ, ଆଇଜିଆଇଟି ସରାଙ୍ଗ, ବିର୍ଲା ଗ୍ଲୋବାଲ୍, ଶିକ୍ଷା ଓ ଅନୁସନ୍ଧାନ, ଟ୍ରାଇଡେଣ୍ଟ, ସାଇ ଇଣ୍ଟରନ୍ୟାଶନାଲ କଲେଜ, ସିଇଟି, ସେଞ୍ଚୁରିଆନ ୟୁନିଭର୍ସିଟି, ଏନ୍‌ଆଇଏସ୍‌ଟି, ଏଏସ୍‌ବିଏମ୍, ୟୁଏସ୍‌ବିଏମ୍, ଏକ୍ସଆଇଏମ୍‌ବି, ସିଲିକନ୍ ଇନ୍‌ଷ୍ଟିଚ୍ୟୁଟ୍, ବିଜେବି କଲେଜ, ପିଲୋ ମୋଦି କଲେଜ ଅଫ୍ ଆର୍କିଟେକ୍ଟର୍ ଭଳି ପ୍ରମୁଖ ଶିକ୍ଷାନୁଷ୍ଠାନ ରହିଛନ୍ତି। ସେହିଭଳି ଜୁନିୟର୍ ବିଭାଗରେ ଥିବା ୪୨ଟି ଟିମ୍‌ରେ ରାଉରକେଲା ସେଣ୍ଟ୍ ପଲ୍, ଲୋୟୋଲା ସ୍କୁଲ୍, ମଦର୍ସ ପବ୍ଲିକ୍ ସ୍କୁଲ୍, କିଟ୍ ଇଣ୍ଟରନ୍ୟାଶନାଲ, ସାଇ ଇଣ୍ଟରନ୍ୟାଶନାଲ, ଗ୍ଲୁନ୍ ଇଣ୍ଟରନ୍ୟାଶନାଲ, ରେଭେନ୍‌ଶା ହାଇସ୍କୁଲ୍, ରମାଦେବୀ ଜୁନିୟର କଲେଜ, ଡିଏଭି, ଡିପିଏସ୍, କେନ୍ଦ୍ରୀୟ ବିଦ୍ୟାଳୟ, ପ୍ରଭୁଜୀ ଇଂଲିଶ ମିଡିୟମ୍ ସ୍କୁଲ, ଟାଇମ୍ସ ଗୁରୁକୁଳ, ଓଡିଏମ୍, ଷ୍ଟୁଆର୍ଟ, ସେଣ୍ଟ ଜାଭିୟର, ସେଣ୍ଟ ଜୋସେଫ୍, ସୈନିକ ସ୍କୁଲ୍ ପ୍ରମୁଖ ଅଂଶଗ୍ରହଣ କରୁଛନ୍ତି।

ଆସନ୍ତା ୩ ତାରିଖରେ 'ମେଟଲ୍ ମିଟ୍–୨୦୧୯'ର ପ୍ରିଲିମ୍ସ ରାଉଣ୍ଡ ଓ ୪ ତାରିଖରେ ଗ୍ରାଣ୍ଡ ଫିନାଲେ ଅନୁଷ୍ଠିତ ହେବ। ପ୍ରିଲିମ୍ସ ରାଉଣ୍ଡରେ ପ୍ରତିଯୋଗୀମାନେ ସାଧାରଣ ଜ୍ଞାନ କ୍ଷେତ୍ରରେ ରହିଥିବା ପ୍ରତିଭା ପ୍ରଦର୍ଶନ କରିବେ। ଏହାସହ ଅଡିଓ ଭିଜୁଆଲ ପ୍ରଶ୍ନ ଏବଂ ବର୍ତ୍ତମାନର ଘଟଣାକୁ ଆଧାରକରି ବିଭିନ୍ନ ପ୍ରଶ୍ନ ଏଥିରେ ରହିବ। ପ୍ରିଲିମ୍ସରେ ଭଲ ପ୍ରଦର୍ଶନ କରିଥିବା ଟିମ୍ ଗ୍ରାଣ୍ଡ ଫିନାଲେକୁ ଯିବାକୁ ଯୋଗ୍ୟ ବିବେଚିତ ହେବ। ଏହି କୁଇଜ୍ ମହାକୁମ୍ଭକୁ ଏଥର ଲୋକପ୍ରିୟ କୁଇଜ୍ ମାଷ୍ଟର ଅଜୟ ପୁନିଆ ପରିଚାଳନା କରିବେ।

## ମୃତ ଶାବକ ଜନ୍ମକଲା ବାରାସିଙ୍ଗା

ବାରଙ୍ଗ,୨୪।୭(ଡି.ଏନ୍.ଏ.): ପ୍ରାଣୀ ଉଦ୍ୟାନ ନନ୍ଦନକାନନରେ ଗତ ଶନିବାର ଅସ୍ତ୍ରୋପଚାର କରାଯାଇଥିବା ମାଈ ବାରାସିଙ୍ଗାଟି ବୁଧବାର ଏକ ମଲାଛୁଆ ଜନ୍ମ କରିଛି। ୩୯ନଂ ଏନକ୍ଲୋଜରରେ ରହୁଥିବା ବାରାସିଙ୍ଗାଟି ଶନିବାର ଦିନଦ୍ୱିପ୍ରହରେ ହଠାତ କଷ୍ଟ ଅନୁଭବ କରୁଥିବାର କର୍ମଚାରୀମାନେ ଦେଖିବାକୁ ପାଇଥିଲେ। ଖବରପାଇ ଡାକ୍ତରମାନେ ସଙ୍ଗେ ସଙ୍ଗେ ତାକୁ ନିସ୍ତେଜ ଦେଇ ଚିକିତ୍ସା କରିବାବେଳେ ସେ ଛୁଆ ଦେବା ଅବସ୍ଥାରେ ଥିବା ଜାଣିପାରିଥିଲେ। ଫଳରେ ବୁଧବାର ଅପରେଶନ କରାଇବେଳେ ମୃତ ଶାବକଟି ବାହାରିଥିଲା। ସେହିଭଳି ହାତିଶାଳରେ ଥିବା ହାତି ପ୍ରେମାର ଲାଞ୍ଜରେ ସୃଷ୍ଟି ହୋଇଥିବା କ୍ଷତକୁ ବିଶେଷଜ୍ଞ ଡାକ୍ତରମାନେ ଆସି ଅନୁଧ୍ୟାନ କରି ବୁଧବାର ଫେରିଛନ୍ତି। ଗତ ୩ମାସ ତଳେ ଗାଧୋଇବା ବେଳେ ଚନ୍ଦନ ତା' ଦାନ୍ତରେ ପ୍ରେମାର ଲାଞ୍ଜକୁ ଆକ୍ରମଣ କରିଥିଲା। ସେହିଦିନଠାରୁ ଲାଞ୍ଜରେ କ୍ଷତ ସୃଷ୍ଟି ହୋଇଥିଲା। କ୍ଷତସ୍ଥାନରୁ ପୂଜ ବାହାରିବା ସହ ଶୁଖି ନଥିଲା। ଶେଷରେ ବୁଧବାର ଓୟୁଏଟିର ବିଶେଷଜ୍ଞମାନେ ଆସି କ୍ଷତସ୍ଥାନକୁ ଡ୍ରେସିଂ କରିବା ସହ ଏକ୍ସରେ କରିବା ପାଇଁ ପ୍ରସ୍ତାବ ଦେଇଥିବାର ଜଣାପଡିଛି।

# ସୌରଚାଳିତ ଚକରେ ଗଢ଼ାହେଲା ମାଟିପାତ୍ର

**ରାଜ୍ୟରେ ପ୍ରଥମ**

ପୁରୀ ଅଫିସ, ୨୪।୭


ସୌର ପ୍ଲେଟ୍


ଲକ୍ଷ୍ମଣ ବିଶୋଇ ମାଟି ହାଣ୍ଡି ଗଢୁଛନ୍ତି।

ବାତ୍ୟା ଫନୀରେ ପୁରୀ ଜିଲାରେ ବ୍ୟାପକ କ୍ଷୟକ୍ଷତି ଘଟିଥିଲା। ଏଥିରେ କୁମ୍ଭକାରମାନେ ବିଶେଷ କ୍ଷତିଗ୍ରସ୍ତ ହୋଇଥିଲେ। କୁମ୍ଭାରପଡ଼ା, ଟିକରପଡ଼ା, ଜେନାପୁର ସମେତ ପୁରୀ ସଦର, ବ୍ରହ୍ମଗିରି, ସତ୍ୟବାଦୀ ପ୍ରଭୃତି ଅଞ୍ଚଳର କୁମ୍ଭକାରମାନଙ୍କ ଶାଳ, ଚକା, ଭାଟି ନଷ୍ଟ ହୋଇଯାଇଥିଲା। ବାତ୍ୟାକୁ ୩ମାସ ବିତିବାକୁ ବସିଥିଲେ ମଧ୍ୟ ଏପର୍ଯ୍ୟନ୍ତ କୁମ୍ଭାରମାନେ ଅଣ୍ଟା ସଳଖି ପାରିନାହାନ୍ତି। ଅନ୍ୟପଟେ ବୁଧବାର ପ୍ରଥମ ଥର ପାଇଁ ସୌରଚାଳିତ ଚକରେ ମାଟିପାତ୍ର ଗଢିଛନ୍ତି କୁମ୍ଭାର। ମଙ୍ଗଳବାର ଏକ ଘରୋଇ କମ୍ପାନୀ ପରୀକ୍ଷାମୂଳକ ଭାବେ କୁମ୍ଭକାର ଲକ୍ଷ୍ମଣ ବିଶୋଇଙ୍କ ଛାତ ଉପରେ ଏକ ସୋଲାର ଚାର୍ଜର ରଖିଥିଲେ। ରାତି ସାରା ଏହା ଚାର୍ଜ ହୋଇଥିଲା। ବୁଧବାର ସକାଳେ ଏହାକୁ ଶାଳର ଚକ ସହିତ ସଂଯୋଗ କରାଯାଇଥିଲା। ଏହି ସୌରଶକ୍ତିକୁ ବ୍ୟବହାର କରି ମାଟିପାତ୍ର ଗଢିଛନ୍ତି ଲକ୍ଷ୍ମଣ। ସକାଳ ୮ଟାରେ ସେ ପରୀକ୍ଷାମୂଳକ ଭାବେ ମାଟିପାତ୍ର ନିର୍ମାଣ ଆରମ୍ଭ କରିଥିଲେ। ପ୍ରାୟ ଏକ ଘଣ୍ଟା ମଧ୍ୟରେ ୨୫ରୁ ଊର୍ଦ୍ଧ୍ୱ ଛୋଟ, ବଡ ମାଟିପାତ୍ର ଗଢିଥିଲେ। ଲକ୍ଷ୍ମଣ କହିଛନ୍ତି, କାମ ଏତେ ସହଜ ହେବ ବୋଲି ସେ ଆଶା କରି ନ ଥିଲେ। ପୂର୍ବରୁ ପାତ୍ର ନିର୍ମାଣବେଳେ ଚକକୁ ହାତରେ ବାରମ୍ବାର ଘୂରାଇବାକୁ ପଡୁଥିଲା। ଏବେ ସୋଲାର ଯୋଗୁ ସେହି ସମସ୍ୟା ରହିଲା ନାହିଁ। ପୁଣି ଅକ୍ଲେଶରେ ମାଟିପାତ୍ର ବାହାରୁଛି। କୁମ୍ଭକାର ନିଯୋଗ ସଦସ୍ୟ ମହେନ୍ଦ୍ର ବିଶୋଇ କହିଛନ୍ତି, ଏକ ଘରୋଇ ସଂସ୍ଥା ପରୀକ୍ଷାମୂଳକ ଭାବେ ଗୋଟିଏ ସୋଲାର ବ୍ୟବସ୍ଥା କରିଥିଲେ। ଏହା ସଫଳ ହେଲେ ଅନ୍ୟମାନଙ୍କୁ ଏଥିରେ ଯୋଡ଼ାଯିବ। ଗୋଟିଏ ୟୁନିଟ୍ ଲାଗି ୫୦ରୁ ୬୦ହଜାର ଟଙ୍କା ଖର୍ଚ୍ଚ ହେବ ବୋଲି ଅନୁମାନ କରାଯାଉଛି। ବାତ୍ୟାରେ ପ୍ରାୟ ୧୮୦ରୁ ଊର୍ଦ୍ଧ୍ୱ ଶାଳ ନଷ୍ଟ ହେବା ସହ ଚକ ମଧ୍ୟ ସମ୍ପୂର୍ଣ୍ଣ ଭାଙ୍ଗିଯାଇଥିଲା। ବର୍ତ୍ତମାନ ସୁଦ୍ଧା ସମସ୍ତ କୁମ୍ଭକାରଙ୍କୁ କ୍ଷତିପୂରଣ ମିଳିପାରିନାହିଁ। ଅନ୍ୟପଟେ ଫାଇଲିନ୍, ତିତ୍‌ଲି ଦୁଃଖ ସରି ନ ଥିବା ବେଳେ ଫନୀ ମାଡ଼ରେ କୁମ୍ଭକାରମାନଙ୍କ ଅଣ୍ଟା ଭାଙ୍ଗିଯାଇଛି। ଯଦି ପ୍ରଶାସନ ପକ୍ଷରୁ ମାଗଣାରେ ସୋଲାର ଯୋଗାଇ ଦିଆଯାଏ, ତେବେ ସେମାନେ ଉପକୃତ ହେବେ। ବିଦ୍ୟୁତ୍‌ଜନିତ ସମସ୍ୟା ଦୂର ହେବା ସହ କମ୍ ସମୟରେ ବହୁ ମାଟିପାତ୍ର ଗଢିପାରିବେ। ସେମାନଙ୍କ ଆର୍ଥିକ ସ୍ଥିତି ସୁଧୁରିପାରିବ ବୋଲି ମହେନ୍ଦ୍ର ମତବ୍ୟକ୍ତ କରିଛନ୍ତି।

# ୩୦ ଲକ୍ଷ ଟଙ୍କାର ଗଞ୍ଜେଇ ଜବତ
## ମହିଳା ଗିରଫ, ସ୍ୱାମୀ ଫେରାର

କଟକ ଅଫିସ/ଆଠଗଡ,୨୪।୭(ସ୍ୱ.ପ୍ର.)

କଟକ ଅବକାରୀ ବିଭାଗ ପକ୍ଷରୁ ବୁଧବାର ତିଗିରିଆ ଥାନା ଅନ୍ତର୍ଗତ ଅଚଳକୋଟ ଗ୍ରାମରେ ଚଢାଉ କରାଯାଇ ୬ କୁଇଣ୍ଟାଲ ଗଞ୍ଜେଇ ଜବତ ହୋଇଛି। ଯାହାର ଆନୁମାନିକ ମୂଲ୍ୟ ୩୦ ଲକ୍ଷ ଟଙ୍କା ହେବ ବୋଲି ଅବକାରୀ ବିଭାଗ ଇନ୍ସପେକ୍ଟର ଅଶୋକ ଶତପଥୀ କହିଛନ୍ତି। ତେବେ ଚଢାଉ କରି ପୋଲିସ ଅଭିଯୁକ୍ତ ସନ୍ଧ୍ୟାରାଣୀ ମାଝୀ(୩୦)ଙ୍କୁ ଗିରଫ କରିଥିଲେ ମଧ୍ୟ ତାଙ୍କ ସ୍ୱାମୀ ଫେରାର ହୋଇଯାଇଛନ୍ତି। ତାଙ୍କ ସ୍ୱାମୀଙ୍କୁ ଧରିବା ପାଇଁ ଅବକାରୀ ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢାଉ ଜାରି ରହିଛି। ସୂଚନା ଅନୁଯାୟୀ, ଉକ୍ତ ଅଞ୍ଚଳରେ ସନ୍ଧ୍ୟାରାଣୀ ଏବଂ ତାଙ୍କ ସ୍ୱାମୀ ବେଆଇନ ଗଞ୍ଜେଇ କାରବାର କରୁଥିବା ପୋଲିସ ସୂଚନା ପାଇଥିଲା। ବୁଧବାର ମଧ୍ୟାହ୍ନରେ ଇନ୍ସପେକ୍ଟର ଶତପଥୀଙ୍କ ନେତୃତ୍ୱରେ ଏକ ଟିମ୍ ତାଙ୍କ ଘରେ ଚଢାଉ କରି ଉକ୍ତ ଗଞ୍ଜେଇ ଜବତ କରିଥିଲା।


ଜବତ ଗଞ୍ଜେଇ।

## କୃଷକ ସାଥୀଙ୍କ ଆନ୍ଦୋଳନ ସ୍ଥଗିତ

ଭୁବନେଶ୍ୱର, ୨୪।୭(ବ୍ୟୁରୋ): ୪ ଦଫା ଦାବି ନେଇ ଗତ ୧୬ ତାରିଖରୁ ଧାରଣାରେ ବସିଥିବା କୃଷକ ସାଥୀ ସଂଘ ଆନ୍ଦୋଳନରୁ ଓହରି ଯାଇଛି। ସଚିବାଳୟଠାରେ କୃଷି ମନ୍ତ୍ରୀ ଅରୁଣ ସାହୁ ଓ ବିଭାଗୀୟ ନିର୍ଦ୍ଦେଶକଙ୍କ ସହ ଆଲୋଚନା ପରେ ବୁଧବାରଠାରୁ ଆନ୍ଦୋଳନକୁ ସ୍ଥଗିତ ରଖାଯାଇଛି। ଖୁବ୍‌ଶୀଘ୍ର ସେମାନଙ୍କ ଦାବି ପୂରଣ ହେବ ବୋଲି ପ୍ରତିଶ୍ରୁତି ମିଳିଥିବା ସଂଘ ସଭାପତି ଅମୂଲ୍ୟ କୁମାର କର କହିଛନ୍ତି। ଉଲ୍ଲେଖ ଥାଉକି, ପଞ୍ଚାୟତ ସ୍ତରରେ କୃଷି ଓ କୃଷକଙ୍କୁ ବିଭିନ୍ନ ସହାୟତା ଲାଗି ୨୦୦୬ରୁ ନୂତନ କୃଷି ନୀତି ପ୍ରଣୟନ କରି କୃଷକ ସାଥୀଙ୍କୁ ନିଯୁକ୍ତ କରାଯାଇଥିଲା। ସେବେଠାରୁ 'କାଳିଆ' ଭଳି ବହୁ ସରକାରୀ ଯୋଜନା ସମେତ ମୃତ୍ତିକା ନମୁନା ସଂଗ୍ରହ, ବିହନ ବିଶୋଧନ, ଜଳ ପରିଚାଳନା, ରୋଗ, ପୋକ ସର୍ବେକ୍ଷଣ ସୂଚନା ଆଦି ବହୁ କାର୍ଯ୍ୟ ଏମାନେ କରି ଆସୁଛନ୍ତି। ହେଲେ ଦୀର୍ଘ ୧୨ ବର୍ଷ ଧରି ଅବୈତନିକ ଭାବେ ଏହି କୃଷକ ସାଥୀମାନେ ନିଷ୍ଠାର ସହ କାର୍ଯ୍ୟ କରି ଆସୁଥିଲେ ମଧ ସରକାର ସେମାନଙ୍କ ସମସ୍ୟା ପ୍ରତି ଗୁରୁତ୍ୱ ଦେଉନାହାନ୍ତି। ଫଳରେ ସେମାନେ ବାଧହୋଇ ଆନ୍ଦୋଳନକୁ ଓହ୍ଲାଇଥିଲେ।


ଭୁବନେଶ୍ୱର ଲୋୟର ପିଏମ୍‌ଜିଠାରେ ଧାରଣାରେ ବସିଥିବା ଅବିଭକ୍ତ କୋରାପୁଟ ଜିଲା ଓକିଲ ସଂଘର କର୍ମକର୍ତ୍ତାଙ୍କ ସହ ବିଧାୟକ ତାରା ପ୍ରସାଦ ବାହିନୀପତି।

# କୋରାପୁଟରେ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ଦାବି

ଭୁବନେଶ୍ୱର,୨୪।୭(ବ୍ୟୁରୋ)

ଅବିଭକ୍ତ କୋରାପୁଟ ଜିଲା ଓକିଲ ସଂଘ କୋରାପୁଟରେ ସ୍ଥାୟୀ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ଦାବିରେ ବୁଧବାର ଲୋୟର ପିଏମଜିଠାରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପରେ ବିଧାନସଭା ଆଡକୁ ସଂଘର ସଦସ୍ୟମାନେ ଏକ ଶୋଭାଯାତ୍ରାରେ ଯାଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏ ବିଷୟରେ ସଂଘ ଏକ ଚିଠି ଲେଖି ପ୍ରେରଣ କରିଛି। ସନ୍ଧ୍ୟାରେ ସଂଘର ଏକ ପ୍ରତିନିଧି ଦଳ ହାଇକୋର୍ଟ ମୁଖ୍ୟ ବିଚାରପତିଙ୍କୁ ଭେଟି ବେଞ୍ଚ ପ୍ରତିଷ୍ଠା ବିଷୟରେ ଆଲୋଚନା କରିବା ସହ ଅନୁବୋଧକ ପତ୍ର ଦେଇଛି।

# ନୂଆ ରୂପ ପାଇବ ଇନ୍‌ଫୋଭ୍ୟାଲି

- ଆଇଟି ନିବେଶକଙ୍କୁ ଆକୃଷ୍ଟ କରିବାକୁ ବିଦେଶରେ ରୋଡ୍ ଶୋ' ପ୍ରସ୍ତାବ
- ଟ୍ରାଫିକ୍, ପରିବହନ ବ୍ୟବସ୍ଥାର ସୁଦୃଢ଼ୀକରଣ ଉପରେ ଗୁରୁତ୍ୱ

ଭୁବନେଶ୍ୱର,୨୪।୭(ବ୍ୟୁରୋ)

ନୂଆ ରୂପ ପାଇବ ଇନ୍‌ଫୋଭ୍ୟାଲି। ୱେବ୍ ଡେଭଲପ୍‌ମେଣ୍ଟ ଏବଂ ଡିଜିଟାଲ ମାର୍କେଟିଂ କ୍ଷେତ୍ରରେ କାର୍ଯ୍ୟ କରୁଥିବା କମ୍ପାନୀଗୁଡିକ ପାଇଁ ଭୁବନେଶ୍ୱର ଏବେ ପ୍ରଥମ ପସନ୍ଦ ପାଲଟିଥିବାରୁ ଏହାକୁ ଦୃଷ୍ଟିରେ ରଖି ଇନ୍‌ଫୋଭ୍ୟାଲିକୁ ବିକଶିତ କରାଯିବ। ଏହି ଅଞ୍ଚଳରେ ଫ୍ଲାଏଓଭର ନିର୍ମାଣ ସହିତ ଗମନାଗମନ ବ୍ୟବସ୍ଥା ସୁଦୃଢ଼ୀକରଣ କରାଯିବ। ଟ୍ରାଫିକ୍ ସମସ୍ୟାକୁ ଦୃଷ୍ଟିରେ ରଖି କମିଶନରେଟ୍ ପୋଲିସ୍ ଦ୍ୱାରା ଟ୍ରାଫିକ୍ ବ୍ୟବସ୍ଥାକୁ ସୁବ୍ୟବସ୍ଥିତ କରାଯିବ। ଇନ୍‌ଫୋଭ୍ୟାଲି ଅଞ୍ଚଳକୁ ବିକଳ୍ପ ରାସ୍ତା ବ୍ୟବସ୍ଥା ମଧ କରାଯିବ। ଏହାସହ ଉଭୟ ଇନ୍‌ଫୋସିଟି ଓ ଇନ୍‌ଫୋଭ୍ୟାଲି ଅଞ୍ଚଳକୁ ମୋ ବସ୍ ଭଳି ସାଧାରଣ ପରିବହନ ବ୍ୟବସ୍ଥା ଆରମ୍ଭ କରିବା ଉପରେ ଗୁରୁତ୍ୱ ଦେଇଛନ୍ତି ଇଲେକ୍‌ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା, କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ତୁଷାରକାନ୍ତି ବେହେରା। ବୁଧବାର ଇନ୍‌ଫୋଭ୍ୟାଲି ପରିଦର୍ଶନ କରିବା ଅବସରରେ ମନ୍ତ୍ରୀ ଏହାର ସାମଗ୍ରିକ ବିକାଶ ଉପରେ ଗୁରୁତ୍ୱାରୋପ କରିଛନ୍ତି।

ଆଇଟି ମ୍ୟାପ୍‌ରେ ନିଜର ସ୍ଥିତି ମଜଭୁତ କରିବା ସହ ଦେଶର ନୂଆ ଆଇଟି ହବ୍‌ରେ ପରିଣତ ହୋଇଥିବା ଭୁବନେଶ୍ୱରକୁ ଯେପରି ଦେଶ ବିଦେଶର ବଡ଼ ବଡ଼ ଆଇଟି କମ୍ପାନୀମାନଙ୍କୁ ଆକୃଷ୍ଟ କରିହେବ ସେଥିଲାଗି ଯୋଜନା ପ୍ରସ୍ତୁତ କରିବାକୁ ହେବ। ତେଣୁ ଦେଶବିଦେଶର ବିଭିନ୍ନ ସହରରେ 'ରୋଡ୍–ଶୋ' ଆୟୋଜନ କରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ମନ୍ତ୍ରୀ ବେହେରା ପରାମର୍ଶ ଦେଇଥିଲେ। ଏହି ପରିଦର୍ଶନ ସମୟରେ ସେ ଇନ୍‌ଫୋଭ୍ୟାଲି ଏବଂ ଆଇସିଟି ଅଞ୍ଚଳର ବିକାଶ ତଥା କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ଅନୁଧ୍ୟାନ କରିଥିଲେ। ଏଠାରେ ପୋଲିସ୍ ଏବଂ ଅଗ୍ନିଶମ ସୁରକ୍ଷା ବ୍ୟବସ୍ଥାକୁ ଅଧିକ ମଜଭୁତ କରିବା, ବୁଲା ଗୃହପାଳିତ ପଶୁଙ୍କ ବିଚରଣ ଉପରେ ରୋକ ଲଗାଇବା ସହିତ ଏସ୍‌ଇଜେଡ୍ ଅଞ୍ଚଳରେ ଦୃଢ଼ ପ୍ରାଚୀର ନିର୍ମାଣ, ଇନ୍‌ଫୋସିସ୍ ଆଗରେ ଥିବା ଉଠାଦୋକାନ ଉଚ୍ଛେଦ ଏବଂ ଇଣ୍ଟରନେଟ୍ ଯୋଗାଯୋଗ ବ୍ୟବସ୍ଥାକୁ ସୁଦୃଢ କରିବାକୁ ମନ୍ତ୍ରୀ କହିଥିଲେ। ଏହି ଅବସରରେ ଇଲେକ୍ଟ୍ରୋନିକ୍ସ ଏବଂ ଆଇଟି ବିଭାଗ, ଇଡ୍‌କୋ ଏବଂ ଓକାକ୍‌ର ବରିଷ୍ଠ ଅଧିକାରୀଙ୍କୁ ନେଇ ଗଠିତ ଅନୁଧ୍ୟାନକାରୀ ଦଳ ଇଡ୍‌କୋ ଦ୍ୱାରା ନିର୍ମାଣାଧୀନ ଇଲେକ୍‌ଟ୍ରୋନିକ୍ସ ମାନୁଫାକ୍‌ଚରିଂ କ୍ଲଷ୍ଟର(ଇଏମ୍‌ସି), ସେଣ୍ଟ୍ରାଲ୍ ପାର୍କ ଏବଂ ଆଇଟି ଏସ୍‌ଇଜେଡ୍‌ରେ ଥିବା ମେସର୍ସ ଶାନ୍ତି ସୋଲାର ଓ ମେସର୍ସ ଇନ୍‌ଫୋସିସ୍ ପରିଦର୍ଶନ କରିଥିଲେ। ଇଡ୍‌କୋ, ଓକାକ୍, ଏସ୍‌ଟିପିଆଇ ଏବଂ ଇନ୍‌ଫୋସିସ୍‌ର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।


ମନ୍ତ୍ରୀ ତୁଷାରକାନ୍ତି ବେହେରା ଇନ୍‌ଫୋଭ୍ୟାଲି ସଂକ୍ରାନ୍ତରେ ଆଲୋଚନା କରୁଛନ୍ତି।

## ଫଟୋରେ ଖବର



ମଦ ଦୋକାନୀଙ୍କୁ ପୁରସ୍କୃତ କରିବା ନିଷ୍ପତ୍ତିକୁ ବିରୋଧ କରି ବୁଧବାର ଭୁବନେଶ୍ୱର ଲୋୟର ପିଏମ୍‌ଜିଠାରେ ଅଲ୍ ଇଣ୍ଡିଆ ମହିଳା ସାଂସ୍କୃତିକ ସଂଗଠନର କର୍ମକର୍ତ୍ତାମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।



ଶିକ୍ଷା ପ୍ରତି ଅବହେଳା ପ୍ରତିବାଦ ସହ ବିଭିନ୍ନ ଦାବି ନେଇ ଓଡ଼ିଶା ରାଜ୍ୟ ସାକ୍ଷର ଭାରତ କର୍ମଚାରୀ ସଂଘର ଜିଲା କମିଟିଗୁଡ଼ିକ ପକ୍ଷରୁ ବୁଧବାର ଭୁବନେଶ୍ୱର ଲୋୟର ପିଏମ୍‌ଜିଠାରେ ବାହାରିଥିବା ବିକ୍ଷୋଭ ଶୋଭାଯାତ୍ରା।



ଜୱାନ ଓ କିଷାନର ଜୟ ହିଁ ଦେଶ ଓ ଜାତିର ଜୟ।
- ଲାଲବାହାଦୁର ଶାସ୍ତ୍ରୀ



## ସଂକ୍ଷେପରେ

### ବ୍ରାଉନସୁଗାର ବିକ୍ରି ଅଭିଯୋଗରେ ୨ ଗିରଫ

ପୁରୁଣା ଭୁବନେଶ୍ୱର, ୨୪।୭(ଡି.ଏନ୍.ଏ.): ବ୍ରାଉନସୁଗାର ବିକ୍ରି ଅଭିଯୋଗରେ ଧଉଳି ଥାନା ପୋଲିସ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲଣ କରିଛି। ଅଭିଯୁକ୍ତଦ୍ୱୟ ହେଲେ ପାଣିତୋଳ ଗାଁର ବିଶ୍ୱନାଥ ମାନସିଂ ଓ ଗଙ୍ଗେଶ୍ୱରପୁର ଅଞ୍ଚଳର ନରେଶ ମହାପାତ୍ର। ଏମାନଙ୍କଠାରୁ ୪ଗ୍ରାମ ବ୍ରାନସୁଗାର ଜବତ ହୋଇଛି। ସୂଚନା ଅନୁଯାୟୀ, ଗଙ୍ଗେଶ୍ୱରପୁର ଅଞ୍ଚଳରେ ବ୍ରାଉନସୁଗାର ବିକ୍ରି ହେଉଥିବା ନେଇ ଧଉଳି ଥାନା ପୋଲିସ ଖବରପାଇଥିଲା। ସୋମବାର ବିଳମ୍ବିତ ରାତିରେ ଏହି ଅଞ୍ଚଳରେ ଚଢ଼ାଉ କରି ବ୍ରାଉନସୁଗାର କାରବାର ଅଭିଯୋଗରେ ୬ଜଣଙ୍କୁ ଅଟକ ରଖି ପଚରାଉଚରା ଚଳାଇଥିଲା। ବୁଧବାର ୪ଜଣଙ୍କୁ ଛାଡି ଦେଇଥିବା ବେଳେ ଦୁଇଜଣଙ୍କୁ ଗିରଫ କରି କୋର୍ଟ ଚାଲଣ କରାଯାଇଥିବା ଥାନା ଅଧିକାରୀ ଆଇଆଇସି ଜୟଦୀପ ବିଶ୍ୱଜିତ୍ କହିଛନ୍ତି।

### ଭାରତୀୟ ବୀମା କର୍ମଚାରୀ ସେନାର ବାର୍ଷିକ ଅଧିବେଶନ

ଭୁବନେଶ୍ୱର,୨୪।୭(ବ୍ୟୁରୋ): ଦି ନ୍ୟୁ ଇଣ୍ଡିଆ ଆସ୍ୟୁରାନ୍ସ କମ୍ପାନୀର କର୍ମଚାରୀ ସଂଗଠନ ଭାରତୀୟ ବୀମା କର୍ମଚାରୀ ସେନାର ବାର୍ଷିକ ଅଧିବେଶନ ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂଗଠନର ସର୍ବଭାରତୀୟ ସମ୍ପାଦକ ଦିନେଶ ବୋଭାଟେ, ଯୁଗ୍ମ ସମ୍ପାଦକ ରାଜୁ ପଞ୍ଜାରୀ, ଆହ୍ଲାଦ ନାୟକ, ଡ. ଶ୍ରୀହର୍ଷ ଦାସ, ଇଂ ଏସ.କେ ବେହେରା, ଯୁଗଳ ନାୟକ ଓ ହରେକୃଷ୍ଣ ଭୋଇ ଯୋଗଦେଇ କର୍ମଚାରୀଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ସଂସ୍ଥାର ଶହେ ବର୍ଷ ପୂର୍ତ୍ତି ଉପଲକ୍ଷେ ଜେ.କେ ରାଉତଙ୍କୁ ସମାଜସେବା, ରଜନୀ ଶତପଥୀଙ୍କୁ ସାହିତ୍ୟ ସେବା, ଡ. କୁମାର ଗୋପଲଙ୍କୁ ଯୋଗ ଓ ସାହିତ୍ୟ, ପ୍ରକାଶ ମହାପାତ୍ରଙ୍କୁ ସାମ୍ବାଦିକତା, ଉପାସନା ମିଶ୍ର ଏବଂ ଆନନ୍ଦ ଆଚାର୍ଯ୍ୟଙ୍କୁ ଶ୍ରେଷ୍ଠ ଯୁବ କର୍ମଚାରୀ ସମ୍ମାନ ଓ ଦଶଜଣ ଅବସରପ୍ରାପ୍ତ କର୍ମଚାରୀଙ୍କୁ ବିଶେଷ ଅବଦାନ ପାଇଁ କମ୍ପାନୀ ପକ୍ଷରୁ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ନୂତନ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଥିଲା।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

## ଅଭିଯୁକ୍ତଙ୍କୁ ଧରିବାକୁ ଆସି

# ମାଡ଼ଖାଇଲେ ଆଇଆଇସି

ଖୁଣ୍ଟୁଣୀ,୨୪।୭(ଡି.ଏନ୍.ଏ.)

**ନାବାଳିକା ଅପହରଣ ଘଟଣା**

- କାର୍ କାଚ ବାଡ଼େଇ ଭାଙ୍ଗିଦେଲେ ଉତ୍ତ୍ୟକ୍ତ ଲୋକେ
- ମାଡ଼ରୁ ବର୍ତ୍ତିଲେନି ପୋଲିସ କର୍ମଚାରୀ
- ଅଭିଯୁକ୍ତ ଯୁବକ ଫେରାର
- ୧୧ଜଣଙ୍କ ବିରୋଧରେ ମାମଲା



ଆକ୍ରମଣରେ ଭାଙ୍ଗିଯାଇଥିବା କାର୍।

ଗୁରୁଡ଼ିଝାଟିଆ ଥାନା ଅନ୍ତର୍ଗତ କପୁରସିଂ ଗ୍ରାମରେ ବୁଧବାର ଏକ ଅଭାବନୀୟ ଘଟଣା ଘଟିଛି। ଜଣେ ଅଭିଯୁକ୍ତଙ୍କୁ ସାଦା ପୋଷାକରେ ଗିରଫ କରିବାକୁ ଆସିଥିବା ଜଗତପୁର ଥାନା ଆଇଆଇସି ପ୍ରଦୀପ କୁମାର ନାୟକଙ୍କୁ ଅଭିଯୁକ୍ତଙ୍କ ସମ୍ପର୍କୀୟ ଓ ସ୍ଥାନୀୟ ଲୋକେ ମାଡ଼ ମାରିଛନ୍ତି। ଏପରିକି ମାଡ଼ରୁ ଆଇଆଇସିଙ୍କ ସହିତ ଯାଇଥିବା ଅନ୍ୟ ପୋଲିସ କର୍ମଚାରୀମାନେ ବର୍ତ୍ତି ନାହାନ୍ତି। ଏଥିସହ ପୋଲିସ ଯାଇଥିବା କାର୍‌ର କାଚକୁ ଉତ୍ତ୍ୟକ୍ତଲୋକେ ଭାଙ୍ଗି ଦେଇଛନ୍ତି। ଖବରପାଇ ଗୁରୁଡିଝାଟିଆ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମାଡ଼ ଖାଇଥିବା ଆଇଆଇସି ଓ ପୋଲିସ କର୍ମଚାରୀଙ୍କୁ ଉଦ୍ଧାର କରି ଥାନାକୁ ଆଣିଛି। ଏ ସମ୍ପର୍କରେ ଆଇଆଇସି ନାୟକଙ୍କ ଅଭିଯୋଗକ୍ରମେ ଗୁରୁଡିଝାଟିଆ ପୋଲିସ ୧୧ଜଣଙ୍କ ବିରୋଧରେ ମାମଲା।(ନଂ.୬୮/୧୯)ରୁଜୁ କରି ତଦନ୍ତ ଚଳାଇଛି।

ଅଭିଯୋଗ ଅନୁଯାୟୀ, ଗତ ମେ' ୨୫ରେ ଜଗତପୁର ଅଞ୍ଚଳର ଜଣେ ନାବାଳିକାଙ୍କୁ ଚୌଦ୍ୱାର ଥାନା ମଇଁଷାଲଣ୍ଡା ଗ୍ରାମର ଅନ୍ତର୍ଯ୍ୟାମୀ ରାଉତ ଅପହରଣ କରିନେଇଥିବା ଜଗତପୁର ଥାନାରେ ଅଭିଯୋଗ ହୋଇଥିଲା। ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ମାମଲା ରୁଜୁ କରିଥିଲା। ଆଇଆଇସି ନାୟକ ଏକ ଟିମ୍ ଗଠନ କରି ସମ୍ପୃକ୍ତା ନାବାଳିକାଙ୍କୁ ଉଦ୍ଧାର କରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିଲେ। ପରେ ଅନ୍ତର୍ଯ୍ୟାମିଙ୍କ ମୋବାଇଲ ଫୋନ ଟ୍ରାକିଂ କରାଯିବା ପରେ ସେ ଅନୁଗୋଳରେ ଥିବା ପୋଲିସ ଜାଣିବାକୁ ପାଇଥିଲା। ମଙ୍ଗଳବାର ପୋଲିସର ଏକ ଟିମ ଅନୁଗୋଳ ଯାଇଥିଲା। ହେଲେ ସେଠାରେ ତାଙ୍କୁ ପାଇ ନ ଥିଲେ। ଅନ୍ତର୍ଯ୍ୟାମୀ ବୁଧବାର ପୂର୍ବାହ୍ନ ପ୍ରାୟ ୧୦ଟାରେ କପୁରସିଂ ଗ୍ରାମରେ ଥିବା ତାଙ୍କ ମଉସା ଲକ୍ଷ୍ମୀଧର ରାଉତଙ୍କ ଘରେ ପହଞ୍ଚିଥିଲେ। ଜଗତପୁର ଥାନା ଆଇଆଇସି ଓ ଏକ ଟିମ୍ ଅନ୍ତର୍ଯ୍ୟାମୀ ତାଙ୍କ ମଉସାଙ୍କ ଘରେ ଥିବା ମୋବାଇଲ ଫୋନ ଟ୍ରାକିଂରୁ ଜାଣିବାକୁ ପାଇଥିଲେ। ପୂର୍ବାହ୍ନ ପ୍ରାୟ ୧୧ଟାରେ ଆଇଆଇସି ନାୟକ ଓ ତାଙ୍କ ଟିମ ସ୍ଥାନୀୟ ପୋଲିସକୁ ନ ଜଣାଇ ସାଦା ପୋଷାକରେ ଆସି ଲକ୍ଷ୍ମୀଧରଙ୍କ ଘରେ ଚଢ଼ାଉ କରିଥିଲେ। ଲକ୍ଷ୍ମୀଧରଙ୍କ ପରିବାର ଲୋକେ ଆଇଆଇସିଙ୍କୁ ତୁମେ କିଏ ବୋଲି ପଚାରିଥିଲେ। ଆଇଆଇସି ନାୟକ ନିଜର ପରିଚୟ ପତ୍ର ଦେଖାଇଥିଲେ ମଧ ଲକ୍ଷ୍ମୀଧରଙ୍କ ପରିବାର ଲୋକେ ତାଙ୍କୁ ମାଡ଼ ମାରିଥିଲେ। ଆଇଆଇସିଙ୍କୁ ଉଦ୍ଧାର କରିବା ବେଳେ ପୋଲିସ ଟିମ ମଧ ଆକ୍ରମଣର ଶିକାର ହୋଇଥିଲେ। ପାଟିତୁଣ୍ଡ ଶୁଣି ସାହିର କେତେଜଣ ଲୋକ ମିଳିତଭାବେ ପୋଲିସ ଉପରେ ଆକ୍ରମଣ କରିଥିବା ଗୁରୁଡିଝାଟିଆ ଥାନା ଏସ୍.ଆଇ. ଗୟାଧର ବେହେରା କହିଛନ୍ତି। ଏହି ସମୟରେ ଅଭିଯୁକ୍ତ ମଧ ସେଠାରୁ ଫେରାର ହୋଇଯାଇଥିଲେ। ଅନ୍ୟପକ୍ଷରେ ନାବାଳିକାଙ୍କ ସନ୍ଧାନ ମିଳି ନ ଥିବାବେଳେ ପୋଲିସକୁ ମାଡ଼ ମାରିଥିବା ଯୁବକମାନେ ଫେରାର ଥିବା ପୋଲିସ କହିଛି। ଏହା ସହିତ ଲକ୍ଷ୍ମୀଧରଙ୍କ ପୁଅକୁ ଗୁରୁଡିଝାଟିଆ ପୋଲିସ ଅଟକ ରଖି ପଚରାଉଚରା ଚଳାଇଥିବା ଜଣାପଡିଛି।

## ଓଡ଼ିଶା ରିଜିଅନ ପକ୍ଷରୁ ଆୟକର ଦିବସ




ଭୁବନେଶ୍ୱର,୨୪।୭(ବ୍ୟୁରୋ)

ଆୟକର ବିଭାଗ ଓଡ଼ିଶା ରିଜିଅନ ପକ୍ଷରୁ ସ୍ଥାନୀୟ ଆୟକର ଭବନଠାରେ ଗୁରୁବାର ଆୟକର ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ରିଜିଅନର ଆୟକର ପ୍ରିନ୍ସିପାଲ ଚିଫ୍ କମିଶନର ପ୍ରଣବ କୁମାର ଦାସ ଅଧ୍ୟକ୍ଷତା କରିଥିଲେ। ଦିବସ ଉପଲକ୍ଷେ ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମଠାରୁ ଆୟକର ଭବନ ଯାଏ ଏକ 'ଟାକ୍ସାଥନ-ୱାକ୍ ଫର ଟାକ୍ସେସ' ଅନୁଷ୍ଠିତ ହୋଇଥିଲା। ଏଥିରେ କିସ୍ ଏବଂ ସାଇ ଇଣ୍ଟରନ୍ୟାଶନାଲ ସ୍କୁଲର ଛାତ୍ରୀଛାତ୍ର ମଧ୍ୟ ଅଂଶ ଗ୍ରହଣ କରିଥିଲେ। ବିଭାଗ ପକ୍ଷରୁ ଅନୁଷ୍ଠିତ ରକ୍ତଦାନ ଶିବିରରେ ପ୍ରାୟ ୬୫ କର୍ମଚାରୀ ରକ୍ତଦାନ କରିଥିଲେ। ସେହିଭଳି କ୍ୟାପିଟାଲ ହସ୍ପିଟାଲଠାରେ ପ୍ରିନ୍ସିପାଲ ଚିଫ୍ କମିଶନରଙ୍କ ତତ୍ତ୍ୱାବଧାନରେ ରୋଗୀଙ୍କ ସହ ଭାବବିନିମୟ କାର୍ଯ୍ୟକ୍ରମ ମଧ୍ୟ ହାତକୁ ନିଆଯାଇଥିଲା। ଏହାବାଦ ଭିଏସ୍ଏସ୍ ନଗର ୟୁଜିୟୁପି ସ୍କୁଲଠାରେ ଆୟକର ସଚେତନତା କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହୋଇଥିଲା। ସଂଧ୍ୟାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ରାଜ୍ୟ ମୁଖ୍ୟ ସୂଚନା କମିଶନର ସୁନୀଲ କୁମାର ମିଶ୍ର, ଭୁବନେଶ୍ୱର ଜୋନ ମୁଖ୍ୟ ଜିଏସ୍‌ଟି, କେନ୍ଦ୍ରୀୟ ଉତ୍ପାଦ ଟିକସ ଏବଂ ସୀମା ଶୁଳ୍କ କମିଶନର ନରେଶ ପେନୁମାକା, ସମାଜସେବୀ ଦିଲ୍ଲୀପ ପଟ୍ଟନାୟକ, ଓଡିଶା ପତିତ ଉଧାର ସମିତି ସମ୍ପାଦିକା ଆଭାରାନି ଚୌଧୁରୀ ପ୍ରମୁଖ ଉପସ୍ଥିତ ଥିଲେ।

## ଉତ୍କଳ ବିଶ୍ୱବିଦ୍ୟାଳୟ କ୍ୟାମ୍ପସ୍‌ରେ ନିଶାଡ଼ିଙ୍କ ଆଡ୍ଡା

# ଦୁଇ ଗୋଷ୍ଠୀ ମୁହାଁମୁହିଁ, ଜଣେ ଅଟକ

ଭୁବନେଶ୍ୱର, ୨୪।୭(ବ୍ୟୁରୋ)

ଉତ୍କଳ ବିଶ୍ୱବିଦ୍ୟାଳୟ କ୍ୟାମ୍ପସ ପରିସର ଦିନକୁଦିନ ନିଶାଗ୍ରସ୍ତ ବ୍ୟକ୍ତିଙ୍କ ଆଡ୍ଡାସ୍ଥଳ ପାଲଟିବାରେ ଲାଗିଛି। ବୁଧବାର କ୍ୟାମ୍ପସ ପରିସରରେ କେତେଜଣ ଅସାମାଜିକ ଯୁବକ ନିଶାସେବନ କରି ଗୁପ୍ତ ବୈଠକ ଚଳାଇଥିବା ବେଳେ ମାରପିଟ ହୋଇଥିଲା। ସେମାନଙ୍କ ମଧ୍ୟରୁ ଜଣଙ୍କୁ ସିକ୍ୟୁରିଟି ଗାର୍ଡ କାବୁ କରି ପୋଲିସ ଜିମାରେ ଦେଇଥିବା ବେଳେ ମାରଣାସ୍ତ୍ର ପାଖରେ ରଖିଥିବା ଯୁବକମାନେ ଫେରାର ହୋଇଯାଇଥିଲେ। ପୋଲିସ ସୂଚନା ମୁତାବକ, କ୍ୟାମ୍ପସରେ ନୂଆ କରି ତିଆରି ହୋଇଥିବା ଲାଙ୍ଗୁଏଜ ବ୍ଲକ ନିକଟ ଅସାମାଜିକ ବ୍ୟକ୍ତିଙ୍କ ଆଡ୍ଡାସ୍ଥଳ ପାଲଟିଛି। ବୁଧବାର ଅପରାହ୍ନରେ କେତେଜଣ ଅସାମାଜିକ ବ୍ୟକ୍ତି ବସି ନିଶା ସେବନ କରିବା ସହ କୌଣସି କାରଣକୁ ନେଇ ନିଜ ନିଜ ଭିତରେ ମାରପିଟ ହୋଇଥିଲେ। ଏପରିକି ସେମାନଙ୍କ ହାତରେ ଭୁଜାଲି ଓ ମାରଣାସ୍ତ୍ର ଥିବା ଦେଖି ଉକ୍ତ ରାସ୍ତାରେ ଯାଉଥିବା ଛାତ୍ରୀଛାତ୍ର ଆତଙ୍କିତ ହୋଇଥିଲେ। ଖବରପାଇ ଘଟଣାସ୍ଥଳରେ ସିକ୍ୟୁରିଟି ଗାର୍ଡ ପହଞ୍ଚି ଯିବା ପରେ ୫ ଜଣ ଯୁବକ ଫେରାର ହୋଇଯାଇଥିବା ବେଳେ ଜଣେ ଯୁବକଙ୍କୁ ପୋଲିସ ଜିମାରେ ଦେଇଥିଲେ। ପୋଲିସ ଉକ୍ତ ଯୁବକଙ୍କୁ ଅଟକ ରଖିବା ସହ କେଉଁଥି ପାଇଁ ସେମାନେ କ୍ୟାମ୍ପସରେ ଗୁପ୍ତ ବୈଠକ କରୁଥିଲେ, କେଉଁମାନେ ସେଥିରେ ସମ୍ପୃକ୍ତ ଥିଲେ ଏ ନେଇ ତଦନ୍ତ ଚଳାଇଛି। ମାତ୍ର କ୍ୟାମ୍ପସରେ ଅସାମାଜିକ ଯୁବକଙ୍କ କ୍ରମାଗତ ଭାବେ ସଂଖ୍ୟା ବୃଦ୍ଧି ପାଇବା କ୍ୟାମ୍ପସବାସୀଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି।



ବୁଧବାର ପୁରୀ ସମୁଦ୍ର ଜୁଆରିଆ ଥିବାରୁ ଲହଡ଼ି କୂଳ ଲଙ୍ଘିଛି।

## ବ୍ରାଉନ୍‌ସୁଗାର, ଟଙ୍କା ଜବତ: ୨ ମହିଳା ଗିରଫ

ଭୁବନେଶ୍ୱର, ୨୪।୭(ବ୍ୟୁରୋ): ବ୍ରାଉନସୁଗାର କାରବାରରେ ସମ୍ପୃକ୍ତ ୨ ଜଣ ମହିଳାଙ୍କୁ ଇନ୍‌ଫୋସିଟି ଥାନା ପୋଲିସ ବୁଧବାର ଗିରଫ କରିଛି। ସେମାନେ ହେଲେ ଏହି ଥାନା ଅଧୀନ ଶିଖରଚଣ୍ଡୀ ଥାନା ଅଞ୍ଚଳର ବାସନ୍ତୀ ସାହୁ ଓ ଆରତ୍ତୁ ନାଝ। ବାସନ୍ତୀଙ୍କ ନିକଟରୁ ୧୮ ଗ୍ରାମ ବ୍ରାଉନସୁଗାର ସହ ୧୩ଶହ ଟଙ୍କା ଓ ଆରତ୍ତୁଙ୍କଠାରୁ ୧୧ ଗ୍ରାମ ବ୍ରାଉନ ସୁଗାର ସହ ୯ଶହ ଟଙ୍କା ଜବତ କରିଛି। ସୂଚନା ମୁତାବକ, ଦୁଇ ଅଭିଯୁକ୍ତ ଶିଖରଚଣ୍ଡୀ ଅଞ୍ଚଳରେ ଚୋରା କାରବାର ଚଳାଇଥିଲେ। ଖବର ପାଇବା ପରେ ପୋଲିସ ଅଭିଯୁକ୍ତମାନଙ୍କ ଉପରେ ନଜର ରଖିବା ସହ ଧରିବା ନେଇ ଜାଲ ବିଛାଇଥିଲା। ବୁଧବାର ଦିନ ୧୧ଟା ବେଳକୁ ପୋଲିସ ଶିଖରଚଣ୍ଡୀସ୍ଥିତ ଦୁଇ ଅଭିଯୁକ୍ତଙ୍କ ଘରେ ଚଢାଉ କରି ବ୍ରାଉନସୁଗାର ଓ ଟଙ୍କା ଜବତ କରିବା ସହ ସେମାନଙ୍କୁ ଗିରଫ କରିଥିଲା।

## ଛାତରୁ ଖସିଲା ସିମେଣ୍ଟ ଖଣ୍ଡ, ବର୍ତ୍ତିଲେ ଛାତ୍ର

ବାଲିଅନ୍ତା,୨୪।୭(ଡି.ଏନ୍.ଏ.)

ବାଲିଅନ୍ତା ବ୍ଲକର ସର୍ବପୁରାତନ ଶିକ୍ଷାନୁଷ୍ଠାନ ଭିଙ୍ଗାରପୁରସ୍ଥିତ ଶ୍ରୀ ବକ୍ରେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟର ଏକ ଶ୍ରେଣୀ ଗୃହ ଛାତରୁ ବୁଧବାର ସିମେଣ୍ଟ ଖଣ୍ଡ ଖସି ପଡିଥିଲା। ସୌଭାଗ୍ୟବଶତଃ ଏହା କୌଣସି ଛାତ୍ରୀଛାତ୍ରଙ୍କ ଉପରେ ନ ପଡି ଏକ କଡରେ ପଡ଼ିଯାଇଥିଲା। ଫଳରେ ସେଠାରେ ବସିଥିବା ଛାତ୍ର ଆଶୁତୋଷ ତ୍ରିପାଠୀ ଅଳ୍ପକେ ବର୍ତ୍ତିଯାଇଥିଲେ। ଏହି ପୁରାତନ ଶିକ୍ଷାନୁଷ୍ଠାନରେ ଏବେ ୫୨୧ଜଣ ଛାତ୍ରୀଛାତ୍ର ପଢୁଥିବାବେଳେ ଶ୍ରେଣୀଗୃହର ଅଭାବ ଦେଖାଯାଇଛି। ବାତ୍ୟା ଫନୀରେ କ୍ଷତିଗ୍ରସ୍ତ ଶ୍ରେଣୀଗୃହଗୁଡ଼ିକ ଏପର୍ଯ୍ୟନ୍ତ ମରାମତି ହୋଇପାରିନାହିଁ।

## ଭାରତୀୟ ନୌସେନା ଚିଲିକା ପକ୍ଷରୁ କାର୍‌ଗିଲ ବିଜୟ ଦିବସ

ବାଲୁଗାଁ,୨୪।୭(ଡି.ଏନ.ଏ.)

ଭାରତୀୟ ନୌସେନା ଚିଲିକା ତରଫରୁ ବୁଧବାର କାର୍‌ଗିଲ ବିଜୟ ଦିବସ ପାଳିତ ହୋଇଯାଇଛି। ବିଜୟ ଦିବସର ୨୦ବର୍ଷ ପୂର୍ତ୍ତି ଅବସରରେ ଦେଶର ସୁରକ୍ଷା ନିମନ୍ତେ ତଟରକ୍ଷୀ କ୍ଷେତ୍ରରେ ମତ୍ସ୍ୟଜୀବୀ ଓ ଜନସାଧାରଣଙ୍କୁ ସଚେତନ ପାଇଁ ନୌସେନା ପକ୍ଷରୁ ଏକ ସାଇକେଲ ଚାଳନା ଶୋଭାଯାତ୍ରା ବାହାରିଥିଲା। ନାଭାଲ ମୁଖ୍ୟ କମାଣ୍ଡର ଋତୁରାଜ ସାହୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ୨୦୦ରୁ ଊର୍ଦ୍ଧ୍ୱ ନାଭାଲ କର୍ମଚାରୀ ଓ ନାବିକ ଶୋଭାଯାତ୍ରାରେ ତାଲିମ କେନ୍ଦ୍ରରୁ ବାହାରି ବାଣପୁରସ୍ଥିତ ନେହେରୁ ସେବା ସଦନଠାରେ ପହଞ୍ଚିଥିଲେ। ସେଠାରେ ଅନ୍ତେବାସୀଙ୍କୁ ଦେଶର ସୁରକ୍ଷା ପାଇଁ ନିୟୋଜିତ ହେବାକୁ ପ୍ରବର୍ତ୍ତାଇବା ସହ ସଚେତନତାମୂଳକ ବହି ଓ ଅନ୍ୟାନ୍ୟ ପତ୍ରିକା ପ୍ରଦାନ କରିଥିଲେ। ଶୋଭାଯାତ୍ରା ବାଲୁଗାଁ ମହାବିଦ୍ୟାଳୟଠାରେ ପହଞ୍ଚିବା ପରେ ସେଠାରେ ମତ୍ସ୍ୟଜୀବୀ, ବାଲୁଗାଁ ମହାବିଦ୍ୟାଳୟର ସମର ଶିକ୍ଷାର୍ଥୀ ବାହିନୀ ଓ ଜାତୀୟ ସେବା ଯୋଜନା ଛାତ୍ରୀଛାତ୍ରଙ୍କୁ ନେଇ ପରିବେଶ, ତଟରକ୍ଷା କ୍ଷେତ୍ରରେ ଜ୍ଞାନ ଦେବା ପାଇଁ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍‌ଗିଲ ଯୁଦ୍ଧର ସୈନ୍ୟଙ୍କ ଦେଶପ୍ରତି ବଳିଦାନର ଏକ ଚଳଚ୍ଚିତ୍ର ପ୍ରଦର୍ଶନ କରାଯାଇଥିଲା। ସନ୍ଧ୍ୟାରେ ମହାବିଦ୍ୟାଳୟ ପରିସରରେ ନୌସେନା କର୍ମଚାରୀଙ୍କ ଦ୍ୱାରା ନୌବାଦ୍ୟ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ନୌସେନା କମାଣ୍ଡର ଋତୁରାଜ ସାହୁ ମୁଖ୍ୟଅତିଥି ରୂପେ ଯୋଗଦେଇଥିଲେ।




ସାଇକେଲ ଚାଳନା ଶୋଭାଯାତ୍ରା ଉଦ୍‌ଘାଟନ ଅବସରରେ ନାଭାଲ କମାଣ୍ଡର ଓ ଅନ୍ୟମାନେ।

## ନାବାଳିକା ବଳାତ୍କାର, ମହିଳା ନିର୍ଯାତିତାକୁ ନେଇ ସରକାରଙ୍କୁ ଟାର୍ଗେଟ୍

# ଭାଜପା ମହିଳା ମୋର୍ଚ୍ଚାର ବିକ୍ଷୋଭ

ଭୁବନେଶ୍ୱର, ୨୪।୭(ବ୍ୟୁରୋ)

ରାଜ୍ୟ ସରକାର ସମ୍ପୂର୍ଣ୍ଣ ଭାବେ ମହିଳା ବିରୋଧୀ ହୋଇଥିବା ବେଳେ ସେମାନଙ୍କ ସୁରକ୍ଷାକୁ ଗୁରୁତ୍ୱ ଦେଉନାହିଁ। ଶାସକ ଦଳ ନେତାଙ୍କ ଛତ୍ରଛାୟା ତଳେ ରହି ଅପରାଧୀମାନେ ମହିଳାଙ୍କୁ ସହ ନିର୍ଯାତନା ଦେଇ ଚାଲିଛନ୍ତି। ପ୍ରତିଦିନ ନାବାଳିକା ଓ ମହିଳାଙ୍କ ସହ ବଳାତ୍କାର ଓ ନିର୍ଯାତନା ହେବା ଘଟଣା ବିଭିନ୍ନ ଖବରକାଗଜରେ ପ୍ରକାଶ ପାଉଛି। ରାଜ୍ୟରେ ମହିଳାମାନେ ଏବେ ନିଜକୁ ଅସୁରକ୍ଷିତ ମଣୁଥିବା ବେଳେ ଆଇନ କାନୁନ ଏକ ପ୍ରକାର ଫେଲ ମାରିଛି। କଠୋର ଆଇନର ଅଭାବ ଏବଂ ଶାସକ ଦଳ ନେତାଙ୍କ ପୃଷ୍ଠପୋଷକତାରେ ଅପରାଧୀମାନେ ନିର୍ଭୀକ ଭାବେ ଅପରାଧ ଘଟାଇ ଚାଲିଛନ୍ତି। ମୁଖ୍ୟମନ୍ତ୍ରୀ ଖୋଦ୍ ଗୃହ ବିଭାଗର ମୁଖ୍ୟ ଥାଇ ବି ପୀଡିତା ନାବାଳିକା ଓ ମହିଳା ତଥା ତାଙ୍କ ପରିବାରଙ୍କୁ ନ୍ୟାୟ ଦେଇ ପାରୁନାହାନ୍ତି। ଦୀର୍ଘ ୨୦ ବର୍ଷ ବିଜେଡି ଶାସନରେ ନାବାଳିକା ଓ ମହିଳା ଅଧିକ ନିର୍ଯାତିତା ହୋଇଛନ୍ତି। ଏହାର ପ୍ରତିବାଦରେ ବୁଧବାର ରାଜ୍ୟ ଭାଜପା ସମ୍ପାଦିକା ଡ. ଲେଖାଶ୍ରୀ ସାମନ୍ତସିଂହାରଙ୍କ ନେତୃତ୍ୱରେ ଶତାଧିକ ମହିଳା ଏକାଠି ହୋଇ ମାଷ୍ଟରକ୍ୟାଣ୍ଟିନଠାରେ ରାଜ୍ୟ ସରକାରଙ୍କ ମହିଳା ବିରୋଧୀ ନୀତି ବିରୋଧରେ ବିକ୍ଷୋଭ କରିବା ସହ ମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବି କରିଥିଲେ। ୨୦୧୯ରେ ପ୍ରଥମ ୫ ମାସରେ ୯୩୭ ବଳାତ୍କାର ମାମଲା ରୁଜୁ ହୋଇଛି ବୋଲି ଶାସକ ଦଳ ପକ୍ଷରୁ ବିଧାନସଭା ପ୍ରଶ୍ନର ଉତ୍ତରରେ ରଖାଯାଇଛି। ବିଶେଷକରି ରାଜ୍ୟରେ ନାବାଳିକାଙ୍କ ସହ ବଳାତ୍କାର ବଢ଼ିବାରେ ଲାଗିଛି। ମୁଖ୍ୟମନ୍ତ୍ରୀ ଏ ସମ୍ପର୍କରେ ଚିନ୍ତା ନ କରି ବିଧାନସଭା ଗୃହରେ ଓଲଟା ଆଇନ ଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣରେ ରହିଛି କହିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଓ ନିନ୍ଦନୀୟ। ସେହିପରି ଚଳିତବର୍ଷ ପ୍ରଥମ ୩ ମାସରେ ୬୦୨ ଶିଶୁ ନିଖୋଜ ଥିଲେ। ସେମାନଙ୍କ ମଧ୍ୟରୁ ୫୦୨ ଜଣ ହେଉଛନ୍ତି ନାବାଳିକା। ଏବେ ସୁଦ୍ଧା ୪୨୩ ଜଣ ନାବାଳିକାଙ୍କ ସନ୍ଧାନ ମିଳିନାହିଁ। ମା'ଙ୍କୁ ସମ୍ମାନର ନାରା ଦେଉଥିବା ସରକାର ଆଜି ସେମାନଙ୍କୁ ସୁରକ୍ଷା ଦେଇପାରୁନାହିଁ। କ୍ଷମତା ଲୋଭରେ ମୁଖ୍ୟମନ୍ତ୍ରୀ କେବଳ ଗାଦି ମାଡି ବସିଛନ୍ତି ବୋଲି ଡ. ସାମନ୍ତସିଂହାର ଅଭିଯୋଗ କରିଛନ୍ତି। ଏହି ପ୍ରତିବାଦ ସଭାରେ ପୂର୍ବତନ ମନ୍ତ୍ରୀ ସୁରମା ପାଢୀ, କାନନବାଳା ପଟ୍ଟନାୟକ, ନିୟତି ଗିରି, ରଶ୍ମିରେଖା ଦାସ, ସୋନାଲି ସାହୁ, ଇରାନୀ ରାୟ, ମାନସୀ ମଞ୍ଜରୀ ରାୟଙ୍କ ସମେତ ଶତାଧିକ ମହିଳା ସାମିଲ ଥିଲେ।



ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ ଛକଠାରେ ଭାଜପା ମହିଳା ମୋର୍ଚ୍ଚା ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି।

# ଆଉ ୨ହଜାର ବିଦ୍ୟାଳୟରେ ଆଇସିଟି ଲ୍ୟାବ୍

ଭୁବନେଶ୍ୱର, ୨୪।୭(ବ୍ୟୁରୋ)

- ପ୍ରଥମ ପର୍ଯ୍ୟାୟରେ ୪ହଜାର ସ୍କୁଲ୍‌ରେ ଲାବ୍ ବ୍ୟବସ୍ଥା
- ୨୦୧୪ରୁ ରାଜ୍ୟରେ କାର୍ଯ୍ୟକାରୀ ହୋଇଛି ଯୋଜନା

ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ୪ହଜାର ବିଦ୍ୟାଳୟରେ ଇନ୍‌ଫର୍‌ମେଶନ ଆଣ୍ଡ୍ କମ୍ୟୁନିକେଶନ ଟେକ୍ନୋଲୋଜି (ଆଇସିଟି) ଲ୍ୟାବ୍ କରାଯାଇଛି। ଦ୍ୱିତୀୟ ପର୍ଯ୍ୟାୟରେ ଚଳିତବର୍ଷ ଆଉ ୨ହଜାର ବିଦ୍ୟାଳୟରେ ଏହି ଲ୍ୟାବ୍ କରାଯିବ ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ବିଧାନସଭାରେ କହିଛନ୍ତି।

ମନ୍ତ୍ରୀ ଦାଶ କହିଛନ୍ତି ଯେ, ରଜ୍ୟରେ ବର୍ତ୍ତମାନ ୮୨୯୩ଟି ଉଚ୍ଚ ବିଦ୍ୟାଳୟ ରହିଛି। ସେଥିମଧ୍ୟରୁ ୫୦୩୭ଟି ସରକାରୀ ଓ ୩୨୫୬ଟି ସରକାରୀ ଅନୁଦାନପ୍ରାପ୍ତ। ପ୍ରଥମ ପର୍ଯ୍ୟାୟରେ ଯେଉଁ ବିଦ୍ୟାଳୟକୁ ଆଇସିଟି ଲ୍ୟାବ୍ ସୁବିଧା ଦିଆଯାଇଛି ସେଥିମଧ୍ୟରେ ଅନୁଗୋଳରେ ୧୨୧ଟି ବିଦ୍ୟାଳୟ ରହିଥିବାବେଳେ ବାଲେଶ୍ୱରରେ ୨୬୯, ବରଗଡ଼ରେ ୧୨୮, ଭଦ୍ରକରେ ୧୭୪, ବଲାଙ୍ଗୀରରେ ୧୩୮, ବୌଦ୍ଧରେ ୨୮, କଟକରେ ୨୭୩, ଦେବଗଡ଼ରେ ୩୧, ଢେଙ୍କାନାଳରେ ୧୪୦, ଗଜପତିରେ ୪୨, ଗଞ୍ଜାମରେ ୨୬୧, ଜଗତସିଂହପୁରରେ ୧୫୧, ଯାଜପୁରରେ ୨୩୬, ଝାରସୁଗୁଡ଼ାରେ ୫୯, କଳାହାଣ୍ଡିରେ ୧୧୦, କନ୍ଧମାଳରେ ୫୭, କେନ୍ଦ୍ରାପଡ଼ାରେ ୨୦୩, କେନ୍ଦୁଝରରେ ୨୨୧, ଖୋର୍ଦ୍ଧା ୧୭୯, କୋରାପୁଟ ୮୨, ମାଲକାନଗିରି ୩୪, ମୟୂରଭଞ୍ଜ ୨୭୩, ନବରଙ୍ଗପୁର ୫୨, ନୟାଗଡ଼ ୧୧୯, ନୂଆପଡ଼ା ୫୧, ପୁରୀ ୧୭୦, ରାୟଗଡ଼ା ୬୨, ସମ୍ବଲପୁର ୧୦୫, ସୋନପୁର ୫୦ ଓ ସୁନ୍ଦରଗଡ଼ରେ ୧୮୧ ସ୍କୁଲ ରହିଛି। ସେହିଭଳି ଚଳିତବର୍ଷ ଯେଉଁ ୨ହଜାର ସ୍କୁଲକୁ ଆଇସିଟି ଲ୍ୟାବ୍ ସୁବିଧା ଯୋଗାଇ ଦିଆଯିବ ସେଥିମଧ୍ୟରେ କଟକର ସର୍ବାଧିକ ୧୬୮ଟି ବିଦ୍ୟାଳୟ ରହିଥିବାବେଳେ ଅନୁଗୋଳରେ ୫୯, ବାଲେଶ୍ୱରରେ ୪୩, ବରଗଡ଼ ୧୨୪, ଭଦ୍ରକ ୨୧, ବଲାଙ୍ଗୀର ୧୩୭, ବୌଦ୍ଧ ୨୯, ଦେବଗଡ଼ ୪୧, ଢେଙ୍କାନାଳ ୩୭, ଗଜପତି ୪୬, ଗଞ୍ଜାମ ୪୫, ଜଗତ୍‌ସିଂହପୁର ୧୦୯, ଯାଜପୁର ୭୦, ଝାରସୁଗୁଡ଼ା ୨୪, କଳାହାଣ୍ଡି ୧୨୧, କନ୍ଧମାଳ ୨୬, କେନ୍ଦ୍ରାପଡ଼ା ୫୧, କେନ୍ଦୁଝର ୩୮, ଖୋର୍ଦ୍ଧା ୪୬, କୋରାପୁଟ ୩୫, ମାଲକାନଗିରି ୪୯, ମୟୂରଭଞ୍ଜ ୧୨୯, ନବରଙ୍ଗପୁର ୧୦୧, ନୟାଗଡ଼ ୪୦, ନୂଆପଡ଼ା ୩୯, ପୁରୀ ୬୧, ରାୟଗଡ଼ା ୭୨, ସମ୍ବଲପୁର ୬୭, ସୋନପୁର ୩୯ ଓ ସୁନ୍ଦରଗଡ଼ରେ ୧୩୩ଟି ବିଦ୍ୟାଳୟକୁ ଚିହ୍ନଟ କରାଯାଇଛି।

ସୂଚନାଯୋଗ୍ୟ, ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କୁ କମ୍ପ୍ୟୁଟର ଶିକ୍ଷା ପ୍ରଦାନ କରିବା ପାଇଁ କେନ୍ଦ୍ର ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟ ଅଧୀନରେ ଥିବା ସ୍କୁଲ ଶିକ୍ଷା ଓ ସାକ୍ଷରତା ବିଭାଗ ଇ-ବିଦ୍ୟାଳୟ ପ୍ରୋଗ୍ରାମ ଆରମ୍ଭ କରିଥିଲେ। ସେଥିରେ ଇନ୍‌ଫର୍‌ମେଶନ ଆଣ୍ଡ କମ୍ୟୁନିକେଶନ ଟେକ୍ନୋଲୋଜି(ଆଇସିଟି) ଲ୍ୟାବ୍ ଯୋଜନା କାର୍ଯ୍ୟକାରୀ ହେଉଛି। ୨୦୧୪ରେ ଏହି ଯୋଜନାରେ ଓଡ଼ିଶାକୁ ଅନ୍ତର୍ଭୁକ୍ତ କରାଯାଇଥିଲା। ରାଜ୍ୟର ସମସ୍ତ ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟରେ ଆଇସିଟି ଲ୍ୟାବ୍ କରିବା ପାଇଁ ସ୍ଥିର କରାଯାଇଥିଲା।



ଯଦି କାହାକୁ ସୁଖ ଦେଇ ନ ପାରୁଛ ଭଲ କଥା,
ତେବେ କାହାକୁ ଦୁଃଖ ଦିଅ ନାହିଁ।
- ମହାତ୍ମାଗାନ୍ଧୀ












## ବିଏମ୍‌ସିର ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ

# ବିକୃତ ହେଉଛି ରାଜଧାନୀ

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)ରୁ ଏବେ ଦୈନିକ ୬୦୦ ମେଟ୍ରିକ ଟନ୍‌ରୁ ଊର୍ଦ୍ଧ୍ୱ ଆବର୍ଜନା ବାହାରୁଛି। ବିଭିନ୍ନ ସ୍ଥାନରେ ଛୋଟବଡ଼ ଡଷ୍ଟବିନ୍ ରଖାଯାଇ ଆବର୍ଜନା ସଂଗ୍ରହ କରାଯିବାର ବ୍ୟବସ୍ଥା ରହିଛି। ହେଲେ ଡଷ୍ଟବିନଗୁଡ଼ିକର ଦୟନୀୟ ସ୍ଥିତିକୁ ଦେଖିଲେ ବ୍ୟବସ୍ଥାକୁ ନେଇ ନାନା ପ୍ରଶ୍ନ ଉଠୁଛି । କେଉଁଠି ଡଷ୍ଟବିନ୍ ଉଭାନ ହୋଇଯାଇଥିବାବେଳେ ଅଳିଆ ଆବର୍ଜନା ରାସ୍ତାରେ ଜମା ହେଉଛି। ପୁଣି ଆଉ କେଉଁଠି ରହିଥିବା ଡଷ୍ଟବିନ୍‌ଗୁଡିକ ମଧ୍ୟରୁ କିଛି ଭାଙ୍ଗିଯାଇଥିବା ବେଳେ ଆଉ କେତେକ କଳଙ୍କି ଲାଗି ନଷ୍ଟ ହୋଇଯାଇଛି। ଡଷ୍ଟବିନ୍‌ଗୁଡିକର ତଳ ଓ ପାର୍ଶ୍ୱ ଅଂଶ ମେଲା ହୋଇ ରହିଥିବାରୁ ଅଳିଆ ଆବର୍ଜନାଗୁଡିକ ତଳକୁ ଖସି ଦୁର୍ଗନ୍ଧ ହେଉଛି। ସହରର ଏପରି ବିପର୍ଯ୍ୟସ୍ତ ପରିମଳ ବ୍ୟବସ୍ଥା ପ୍ରତି ବିଏମ୍‌ସି କର୍ତ୍ତୃପକ୍ଷ ସମ୍ପୂର୍ଣ୍ଣ ଆଖିବନ୍ଦ କରିଦେଇଥିବା ଭଳି ମନେ ହେଉଛି। କର୍ତ୍ତୃପକ୍ଷଙ୍କ ଏଭଳି ଆଭିମୁଖ୍ୟ ପାଇଁ ରାଜଧାନୀ ଭୁବନେଶ୍ୱରର ସୌନ୍ଦର୍ଯ୍ୟ ବିକୃତ ହେବାରେ ଲାଗିଛି ।

- ସ୍ୱଚ୍ଛ ସର୍ବେକ୍ଷଣରେ ପଛରେ ରହିବା ପରେ ବି ଚେତା ଫେରୁନି
- ଠିକ୍ ଭାବେ ପରିଚାଳନା କରୁନି ଠିକାସଂସ୍ଥା

### ଯୋଜନା କେବଳ କାଗଜକଲମରେ

ସ୍ୱଚ୍ଛତାକୁ ନେଇ ବିଏମ୍‌ସିର ଯୋଜନା କମ୍ ନାହିଁ। ହେଲେ କାର୍ଯ୍ୟକାରିତା କେବଳ କାଗଜ କଲମରେ ସୀମିତ ରହୁଥିବାରୁ ଆରମ୍ଭରୁ ଉତ୍ସାହିତ ହୋଇପଡୁଥିବା ଅଧିକାରୀମାନେ କିଛିଦିନ ପରେ ପୂରା ଶୋଇପଡୁଛନ୍ତି। ଦେଶର ନଂ.୧ ସ୍ମାର୍ଟସିଟି ଭୁବନେଶ୍ୱର ବର୍ତ୍ତମାନ ସ୍ୱଚ୍ଛ ସର୍ବେକ୍ଷଣ ତାଲିକାରେ ୨୪୯ ନମ୍ବର ସ୍ଥାନରେ ରହିଛି। ତଥାପି ବିଭାଗୀୟ କର୍ତ୍ତୃପକ୍ଷଙ୍କ ଚେତା ପଶୁନି କିମ୍ବା ଅଳିଆ ସଫା ଦାୟିତ୍ୱରେ ଥିବା ଠିକା ସଂସ୍ଥା କ'ଣ କରୁଛି ତାହା ତଦାରଖ କରିବାକୁ ମନ ବଳାଉନି। ଫଳରେ ସହର ସାରା ଯୁଆଡ଼େ ଦେଖିବ ଅଳିଆ ଆବର୍ଜନା ପଡ଼ିରହୁଛି। ବିଭିନ୍ନ ୱାର୍ଡ ଓ ବଜାରରେ ରଖାଯାଇଥିବା ଡଷ୍ଟବିନର ବିକଳାଙ୍ଗ ଅବସ୍ଥା ଦେଖିଲେ ମନେ ହେଉଛି ସ୍ମାର୍ଟସିଟିରେ ବି କଳଙ୍କି ଲାଗି ଯାଇଛି। ବିଏମ୍‌ସିରୁ ମିଳିଥିବା ସୂଚନାନୁସାରେ, ବର୍ତ୍ତମାନ ଭୁବନେଶ୍ୱରରେ ୧୨୦ ଲିଟର ୫ଟି, ୨୪୦ ଲିଟର ୭୪୨ଟି, ୧୧ଶହ ଲିଟର ୯୫୩ଟି, ୫ଶହ ଲିଟର ୭ଟି, ୩ଶହ ୫୦ ଲିଟର ୨୩୦ଟି ଡଷ୍ଟବିନ୍ ରହିଛି। ଏହାବାଦ୍ ରାସ୍ତାପାର୍ଶ୍ୱରେ ଛୋଟ ଛୋଟ ୧୮ଶହଟି ଡଷ୍ଟବିନ ରହିଛି। ସେହିଭଳି କିଛିଦିନ ତଳେ ୫୦ଟି ଅଣ୍ଡରଗ୍ରାଉଣ୍ଡ ଡଷ୍ଟବିନ ମଧ୍ୟ କାର୍ଯ୍ୟକ୍ଷମ କରାଯାଇଛି। ଏତେ ସଂଖ୍ୟକ ଡଷ୍ଟବିନ୍ ସତ୍ତ୍ୱେ କାହିଁକି ରାସ୍ତାକଡ଼, କଲୋନୀ ଓ ବଜାରରେ କୁଢ଼କୁଢ଼ ଅଳିଆ ବାହାରେ ପଡ଼ି ରହୁଥିବା ଦେଖିବାକୁ ମିଳୁଛି। ହସ୍ତଗତ ରିପୋର୍ଟ ଅନୁସାରେ, ବିଏମ୍‌ସି ଠିକ୍ ଭାବେ ପରିଚାଳନା କରୁ ନ ଥିବାରୁ ଏସବୁ ଡଷ୍ଟବିନ ମଧ୍ୟରୁ ଅଧିକାଂଶ ଭାଙ୍ଗି ଯାଇଥିବାବେଳେ ଆଉକିଛି ଉଭାନ ହୋଇଯାଇଛି।

### ଖୋଲା ଗାଡ଼ିରେ ବୁହାହେଉଛି ଅଳିଆ

ଟ୍ରକ କିମ୍ବା ଟ୍ରାକ୍ଟରରେ ଆବର୍ଜନା ସ୍ଥାନାନ୍ତର ସମୟରେ ଉପରେ ପାଲ କିମ୍ବା ଅନ୍ୟ କିଛି ଘୋଡ଼େଇ ନେବାକୁ ଠିକାସଂସ୍ଥାଗୁଡ଼ିକୁ ନିର୍ଦ୍ଦେଶ ରହିଛି। ମାତ୍ର ଖୋଲା ଗାଡ଼ିରେ ଅଳିଆ ଆବର୍ଜନା ବୁହାଯାଉଥିବାରୁ ତାହା ରାସ୍ତା ଖସିପଡ଼ିବା ସହ ଦୁର୍ଘଟଣା ଓ ଦୁର୍ଗନ୍ଧର କାରଣ ହେଉଛି। ସହରରେ ପ୍ରତିଦିନ ଏଭଳି ଚିତ୍ର ଦେଖିବାକୁ ମିଳୁଥିବାବେଳେ ରାସ୍ତାରେ ଯାଉଥିବା ଲୋକେ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏହାକୁ ନେଇ ଅନେକ ସମୟରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଛି।




### ତତ୍ପରତା ଦେଖାଇ ଶୋଇଗଲେ

ହକି ବିଶ୍ୱକପ୍ ପୂର୍ବରୁ ଭୁବନେଶ୍ୱରର ପରିମଳ ବ୍ୟବସ୍ଥାକୁ ସୁବ୍ୟବସ୍ଥିତ କରିବାକୁ ଅଧିକ ତତ୍ପରତା ପ୍ରକାଶ ପାଇବା ସହ ପ୍ରସ୍ତୁତି ଆରମ୍ଭ ହୋଇଥିଲା। ସହରର ୪୦ କିମି ରାସ୍ତାକୁ ମେଶିନରେ ସଫେଇ କରିବା, ନୂଆ ଡଷ୍ଟବିନ ଲଗାଇବା, ସମସ୍ତ ଅଳିଆ ଗାଡ଼ିରେ ଜିପିଏସ୍ ଲଗାଇବା ସହ ଡଷ୍ଟବିନରେ ସେନ୍‌ସର୍ସ ଲଗାଇବାକୁ ନିଷ୍ପତ୍ତି ହୋଇଥିଲା। ଡଷ୍ଟବିନ ବଦଳାଯିବା ସହ ନୂଆ ସ୍ଥାପନ ପାଇଁ ସର୍ଭେ କରି ରିପୋର୍ଟ ଦେବାକୁ ସାନିଟାରି ଇନ୍ସପେକ୍ଟର ମାନଙ୍କୁ ନିର୍ଦ୍ଦେଶ ଦିଆ ଯାଇଥିଲା। ଏହା ଭିତରେ ସରିଯାଇଥିଲା ହକି ବିଶ୍ୱକପ୍, ଆଉ ପରିମଳ ବ୍ୟବସ୍ଥାକୁ ନେଇ ସ୍ୱପ୍ନ ଦେଖାଇଥିବା ଅଧିକାରୀମାନେ ଶୋଇ ଯାଇଥିଲେ।

*ରିପୋର୍ଟ: ସ୍ଥିତପ୍ରଜ୍ଞ ମିଶ୍ର*
*ଫଟୋ: ମୌସମ ନନ୍ଦ*




ଗତ୨୪ ଘଣ୍ଟା ମଧ୍ୟରେ କଟକରେ ୩ଟି ହତ୍ୟାକାଣ୍ଡ ଘଟିଛି। ପୋଲିସ କମିଶନର ସତ୍ୟଜିତ୍ ମହାନ୍ତି ବୁଧବାର ଓଏମ୍‌ପି ଶିଶୁଉଦ୍ୟାନ ସମ୍ମୁଖ ହତ୍ୟାକାଣ୍ଡସ୍ଥଳ ଅନୁଧ୍ୟାନ କରୁଛନ୍ତି।

# ସରକାରୀ ଯୋଜନା ଲୋକଙ୍କ ପାଖରେ ପହଞ୍ଚାଅ

**ଭୁବନେଶ୍ୱର, ୨୪।୭(ବ୍ୟୁରୋ)**

ଭୁବନେଶ୍ୱର ସ୍ମାର୍ଟସିଟି ଲିମିଟେଡ (ବିଏସ୍‌ସିଏଲ) ପକ୍ଷରୁ ଆରମ୍ଭ ହୋଇଥିବା 'ସୋସିଆଲି ସ୍ମାର୍ଟ ପ୍ରୋଜେକ୍ଟ'କୁ ନେଇ ବୁଧବାର ବୈଠକ ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ମୁଖ୍ୟ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଆୟୋଜିତ ବୈଠକରେ ସହରର ଉନ୍ନତୀକରଣ ପାଇଁ ଆବଶ୍ୟକ ବିଭିନ୍ନ କ୍ଷେତ୍ର ଉପରେ ଆଲୋଚନା ହୋଇଥିଲା। ସରକାରଙ୍କ ଦ୍ୱାରା ଲୋକଙ୍କୁ ଯୋଗାଇ ଦିଆଯାଉଥିବା ସମସ୍ତ ଯୋଜନାଗୁଡ଼ିକର ଲାଭ ସେମାନେ କିପରି ଉଠାଇ ପାରିବେ ସେ ବିଷୟରେ ସେମାନେ ଜାଣିବା ଓ ସଚେତନ ହେବା ଆବଶ୍ୟକ ବୋଲି ଉପସ୍ଥିତ ବିଏମ୍‌ସି ଓ ବିଏସ୍‌ସିଏଲ ଅଧିକାରୀମାନେ ମତପ୍ରକାଶ କରିଥିଲେ। ବିଏମ୍‌ସି ଅତିରିକ୍ତ ଆୟୁକ୍ତ ଶ୍ରୀମନ୍ତ ମିଶ୍ର, ବିଏମ୍‌ସି ଅତିରିକ୍ତ ଆୟୁକ୍ତ ସଂଘମିତ୍ରା ବେହେରା, ବିଏସ୍‌ସିଏଲ ସାମାଜିକ ପ୍ରକଳ୍ପ ପରିଚାଳକ ଦୀପ୍ତିରାଣୀ ସାହୁ ପ୍ରମୁଖ ଉପସ୍ଥିତ ରହି ଉପରୋକ୍ତ ମତ ଦେଇଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ସୋସିଆଲି ସ୍ମାର୍ଟ ପ୍ରୋଜେକ୍ଟରେ ୨୬ଟି ୱାର୍ଡରେ ନିୟୋଜିତ ପ୍ରଗତିସାଥୀ, ଗୋଷ୍ଠୀ ସଙ୍ଗଠକ, ସାନିଟାରୀ ଇନ୍‌ସପେକ୍ଟର ଓ ୱାର୍ଡ ଅଫିସରମାନେ ଉପସ୍ଥିତ ଥିଲେ। ଏହି ଅବସରରେ ଅଧିକାରୀମାନେ ସେମାନଙ୍କ ମତାମତ ଗ୍ରହଣ କରିଥିଲେ। ଉଲ୍ଲେଖଥାଉ କି, ବସ୍ତିବାସିନ୍ଦାମାନଙ୍କୁ ସାମାଜିକ ଭାବେ ଉନ୍ନତି ଓ ବିକଶିତ କରିବା ଲାଗି ବିଏସ୍‌ସିଏଲ ପକ୍ଷରୁ ବିଭିନ୍ନ କାର୍ଯ୍ୟ ହାତକୁ ନିଆଯାଇଛି। ସେମାନଙ୍କୁ ସମସ୍ତ ବିଷୟରେ ସଚେତନ କରିବା ଉଦ୍ଦେଶ୍ୟରେ ହିଁ ପ୍ରଗତିସାଥୀମାନଙ୍କୁ ନିୟୋଜିତ କରାଯାଇଛି। ବର୍ତ୍ତମାନ ସୁଦ୍ଧା ସେମାନେ ବସ୍ତିରେ ବହୁ ସଚେତନତା ମୂଳକ କାର୍ଯ୍ୟ କରିବା ସହ ଫନୀ ପରେ ଗଛ କାଟିବା ଓ ଉଠାଇବା କାର୍ଯ୍ୟ ମଧ୍ୟ କରିଛନ୍ତି। ଏଥିସହ ଗୋଷ୍ଠୀ ସଙ୍ଗଠକମାନଙ୍କ ସହ ମିଶି ବିଭିନ୍ନ ଅଞ୍ଚଳ ବୁଲି ଲୋକଙ୍କୁ ସ୍ୱଚ୍ଛ ଓ ସୁସ୍ଥ ରହିବା ନେଇ ଶିକ୍ଷା ଦେଉଛନ୍ତି। ଏ ନେଇ ସେମାନେ ପଥପ୍ରାନ୍ତ ନାଟକ ମଧ୍ୟ ପରିବେଷଣ କରୁଛନ୍ତି।

## ଡଙ୍ଗା ଯୋଗାଣରେ ଦୁର୍ନୀତି ଅଭିଯୋଗକୁ ବିତିଲା ୩ ବର୍ଷ

# ପୁନଃ ତଦନ୍ତ ଲାଗି ରାଜ୍ୟପାଳଙ୍କୁ ପତ୍ର

**ଗୋପ,୨୪।୭(ଡି.ଏନ୍.ଏ.)**

ଗୋପରେ ୨୦୧୧ମସିହା ବନ୍ୟା ସମୟରେ ଗୋପ ବ୍ଲକ୍‌ରେ ଡଙ୍ଗା ଯୋଗାଣ ନାଁରେ ୧୭ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ଦୁର୍ନୀତି ହୋଇଥିବା ଅଭିଯୋଗକୁ ତିନି ବର୍ଷ ପୂରିଥିଲେ ସୁଦ୍ଧା ଏପର୍ଯ୍ୟନ୍ତ କାର୍ଯ୍ୟାନୁଷ୍ଠାନ ହୋଇପାରି ନାହିଁ। ତେବେ ଏହାର ପୁନଃ ତଦନ୍ତ କରାଯାଇ ତତ୍କାଳୀନ ଯନ୍ତ୍ରୀ ଓ ବିଡିଓଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ବୁଧବାର ଯୁବ ସାମାଜିକ କର୍ମୀ ଭାଗୀରଥି ସ୍ୱାଇଁ ରାଜ୍ୟପାଳଙ୍କୁ ଏକ ଅଭିଯୋଗପତ୍ର ପଠାଇଛନ୍ତି।

ସୂଚନା ମୁତାବକ, ଗତ ୨୦୧୧ରେ ଗୋପ ବ୍ଲକ୍ ଅଞ୍ଚଳରେ ବନ୍ୟା ହୋଇଥିବାବେଳେ ବିଭିନ୍ନ ଅଞ୍ଚଳ ବୁଡ଼ିଯାଇଥିଲା। ବନ୍ୟା ଅଞ୍ଚଳରେ ରିଲିଫ୍ ପହଞ୍ଚାଇବା ଲାଗି ଡଙ୍ଗା ଯୋଗାଣ କରାଯାଇଥିଲା। ଏହି ଡଙ୍ଗା ଯୋଗାଣରେ ୧୭ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ଦୁର୍ନୀତି ହୋଇଥିବା ନେଇ ସାମାଜିକ କର୍ମୀ ଭାଗୀରଥି ଗତ ୨୭ ଅଗଷ୍ଟ ୨୦୧୬ରେ ଗୋପ ବ୍ଲକ୍ ତତ୍କାଳୀନ ବିଡିଓଙ୍କ ଲକ୍ଷ୍ମୀକାନ୍ତ ସେଠୀଙ୍କ ସମେତ ଗ୍ରାମପଞ୍ଚାୟତ ବୈଷୟିକ ସହାୟକ ସୀତାପତି ସେଠୀଙ୍କ ନାମରେ ରାଜ୍ୟପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। ଏଥିସହ ତତ୍କାଳୀନ ବିଡିଓ ଲକ୍ଷ୍ମୀକାନ୍ତ ପତ୍ରସଂଖ୍ୟା ନଂ୧୦୧୪୭ ତା୩୧.୦୮.୨୦୧୫ରିଖରେ ସରକାର ଜାରି କରିଥିବା ନିର୍ଦ୍ଦେଶନାମାକୁ ଉଲ୍ଲଂଘନ କରି ଗୋପବନ୍ଧୁ ଗ୍ରାମୀଣ ଯୋଜନାରେ ବ୍ଲକ୍ ବୈଠକ ଗୃହର ଟେଣ୍ଡର ନ କରି ୪୧ଲକ୍ଷ ଟଙ୍କାର କାର୍ଯ୍ୟାଦେଶ ପ୍ରଦାନ କରିଥିବା ନେଇ ଅଭିଯୋଗପତ୍ରରେ ଦର୍ଶାଇଥିଲେ। ଏହି ଘଟଣାର ତଦନ୍ତ ପାଇଁ ତତ୍କାଳୀନ ପୁରୀ ଜିଲାପାଳ ଅରବିନ୍ଦ ଅଗ୍ରୱାଲଙ୍କୁ ପତ୍ର ସଂଖ୍ୟା ୧୫୬୬ ତା ୧୧.୦୫.୨୦୧୭ରିଖରେ ନିର୍ଦ୍ଦେଶ ଦିଆଯାଇଥିଲା। ଏହି ଅଭିଯୋଗ ହେବାର ଦୀର୍ଘ ୩ ବର୍ଷ ବିତିଯାଇଥିଲେ ମଧ୍ୟ ତତ୍କାଳୀନ ଜିଲାପାଳ ଅଗ୍ରୱାଲ ଠିକ୍ ଭାବେ ତଦନ୍ତ ନ କରି ତରବରିଆ ଭାବେ ଗ୍ରାମପଞ୍ଚାୟତ ବୈଷୟିକ ସହାୟକଙ୍କୁ କେବଳ ଗୋପ ବ୍ଲକ୍‌ରୁ କୃଷ୍ଣପ୍ରସାଦ ବ୍ଲକ୍‌କୁ ବଦଳି କରିଦିଆଯାଇଥିଲା। ସେମାନଙ୍କ ପ୍ରତି କୌଣସି ଆଖିଦୃଷ୍ଟିଆ ପଦକ୍ଷେପ ନିଆଯାଇ ନଥିବାରୁ ପୁଣିଥିରେ ଏହି ଘଟଣାରେ ତଦନ୍ତ କରାଯାଇ ସମ୍ପୃକ୍ତ ଥିବା ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବା ସହ ଭିଜିଲାନ୍ସ ତଦନ୍ତ କରାଯାଉ ବୋଲି ଉକ୍ତ ସାମାଜିକ କର୍ମୀ ପୁଣି ରାଜ୍ୟପାଳଙ୍କ ନିକଟରେ ଅଭିଯୋଗ କରିଥିବା ଅଭିଯୋଗ ପତ୍ରରୁ ଜଣାପଡ଼ିଛି। ଏ ସମ୍ପର୍କରେ ଗୋପ ବ୍ଲକ୍ ବିଡିଓ ଦୀପ୍ତିରାଣୀ ଦାସ କୁହନ୍ତି, ମୋ ନିକଟରେ ଏବେ ସେପରି କିଛି ଅଭିଯୋଗ ଆସିନାହିଁ, ଯଦି ଏଭଳି କିଛି ଅଭିଯୋଗର ନିର୍ଦ୍ଦେଶ ମୋ ନିକଟକୁ ଆସିଲେ କାର୍ଯ୍ୟାନୁଷ୍ଠାନ ନିଆଯିବ।

## ୧୬ ନଂ. ଜାତୀୟ ରାଜପଥରେ ସ୍କୁଟି ପଛକୁ ପିଟିଲା କାର୍

# ଶିକ୍ଷୟିତ୍ରୀ, ଅବସରପ୍ରାପ୍ତ ଶିକ୍ଷକଙ୍କ ମୃତ୍ୟୁ

**ଯାଁଳା/ଜଟଣୀ,୨୪।୭(ଡି.ଏନ.ଏ.)**

୧୬ ନଂ. ଜାତୀୟ ରାଜପଥର ଯାଁଳା ଫାଣ୍ଡି ଅନ୍ତର୍ଗତ ମହୁରା ଛକ ନିକଟରେ ବୁଧବାର ଅପରାହ୍ନ ସାଢ଼େ ୨ଟାରେ ସ୍କୁଟି ପଛକୁ କାର ଧକ୍କା ଦେବାରୁ ୨ ଜଣଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରୁ ଜଣେ ଶିକ୍ଷୟିତ୍ରୀ ଓ ଅନ୍ୟ ଜଣେ ଅବସରପ୍ରାପ୍ତ ଶିକ୍ଷକ। ମୃତ ଶିକ୍ଷୟିତ୍ରୀଙ୍କ ନାମ ବିନୋଦିନୀ ନାୟକ। ଜଟଣୀ ବ୍ଲକ କନ୍ଥିଆ ଗ୍ରାମସ୍ଥିତ ଭାଗବତ ବାସୁଦେବ ବିଦ୍ୟାପୀଠରେ ସେ ଶିକ୍ଷୟିତ୍ରୀ ଭାବେ କାର୍ଯ୍ୟରତ ଥିଲେ। ଅବସରପ୍ରାପ୍ତ ଶିକ୍ଷକଙ୍କ ନାମ ଗୋକୁଳାନନ୍ଦ ମହାନ୍ତି। ଜଟଣୀ ମଧୁସୂଦନନଗର ଅଞ୍ଚଳରେ ତାଙ୍କ ଘର।

ଜଟଣୀ ବ୍ଲକ ବ୍ରହ୍ମକୁଣ୍ଡଳ ଗ୍ରାମ ସ୍କୁଲରେ ଥିବା ଏକ ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବରେ ଯୋଗ ଦେବାକୁ ଗୋକୁଳାନନ୍ଦଙ୍କ ସହ ବିନୋଦିନୀ ସ୍କୁଟିରେ ଯାଉଥିଲେ। ଦ୍ରୁତଗତିରେ ଆସୁଥିବା କାର (ନଂ. ଓଡି୦୩ଜି୬୭୩୯) ପଛ ପଟରୁ ଆସି ସ୍କୁଟିକୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ବିନୋଦିନୀଙ୍କ ମୃତ୍ୟୁ ହୋଇଥିବା ବେଳେ ଏମ୍‌ସରେ ଗୁରୁତର ଅବସ୍ଥାରେ ଚିକିତ୍ସାଧୀନ ଥିବା ଗୋକୁଳାନନ୍ଦଙ୍କ ମୃତ୍ୟୁ ଘଟିଥିଲା। ଧକ୍କା ଦେଇଥିବା କାର୍‌ଟିକୁ ପୋଲିସ ଜବତ କରିଥିବା ବେଳେ ଚାଳକ ଫେରାର ହୋଇଯାଇଥିଲେ। ଉଭୟ ମୃତଦେହକୁ ବ୍ୟବଚ୍ଛେଦ ଲାଗି କ୍ୟାପିଟାଲ ହସ୍ପିଟାଲକୁ ପଠାଇ ଦିଆଯାଇଛି। ସନ୍ଧ୍ୟା ହୋଇ ଯାଇଥିବାରୁ ଗୁରୁବାର ବ୍ୟବଚ୍ଛେଦ କରାଯିବ ବୋଲି ହସ୍ପିଟାଲ ସୂତ୍ରରୁ ପ୍ରକାଶ। ହେଲେ ସେମାନଙ୍କ ମୃତ୍ୟୁ ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବକୁ ଫିକା ପକାଇ ଦେଇଥିଲା। ଉଭୟଙ୍କ ମୃତ୍ୟୁରେ ଶିକ୍ଷକ ମହଲ ଓ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି। ବିନୋଦିନୀ ବିଭିନ୍ନ ଶିକ୍ଷକ ସଂଘ ସହିତ ଜଡ଼ିତ ରହିବା ସହ ଜଟଣୀ ପୁସ୍ତକ ମେଳା, ଜଟଣୀ ସାହିତ୍ୟ ସଂସଦ, ବିପିନ ବିହାରୀ ପାଠାଗାର, ରେଲୱେ ସ୍କୁଲ ପୁରାତନ ବିଦ୍ୟାର୍ଥୀ ସଙ୍ଗଠନର ସକ୍ରିୟ ସଦସ୍ୟା ଥିଲେ। ସେ ଜଣେ ଲେଖିକା ଓ ଆଦର୍ଶ ଶିକ୍ଷୟିତ୍ରୀ ଭାବେ ପରିଚିତ ଥିଲେ। ଏହାଛଡ଼ା ଡାକ୍ତରୀ ଛାତ୍ରୀଛାତ୍ରଙ୍କ ଶିକ୍ଷା ଲାଗି ଏମ୍‌ସକୁ ପୂର୍ବରୁ ବିନୋଦିନୀ ତାଙ୍କ ଶରୀର ଦାନ କରିଥିଲେ। ଏ ସମ୍ପର୍କରେ ଏମ୍‌ସର ଜଣେ ଅଧିକାରୀଙ୍କ ସହ ଯୋଗାଯୋଗ କରିବାରେ ସେ କହିଥିଲେ, ଶିକ୍ଷୟିତ୍ରୀ ବିନୋଦିନୀଙ୍କ ମୃତ୍ୟୁଖବର ଆମ ପାଖରେ ପହଞ୍ଚିଛି। ଗୁରୁବାର ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକ ଆମକୁ ମୃତଦେହ ଦାନ ସମ୍ପର୍କରେ ଜଣାଇଲେ ଏମ୍‌ସର ଆମ୍ବୁଲାନ୍ସ ଯାଇ ଶରୀରକୁ ଆଣିବ। ସେହିପରି ଗୋକୁଳାନନ୍ଦ ଶିକ୍ଷକ ନେତା ଓ ଛାତ୍ରବତ୍ସଳ ଭାବେ ଏଠାରେ ବେଶ୍ ପରିଚିତ ଥିଲେ। ସେ ଜଟଣୀ ବରିଷ୍ଠ ନାଗରିକ ମଞ୍ଚ ସମେତ ବିଭିନ୍ନ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ସହିତ ଜଡ଼ିତ ଥିଲେ। ଏମାନଙ୍କ ମୃତ୍ୟୁରେ ଏଲିମେଣ୍ଟାରୀ ଶିକ୍ଷକ ସଂଘ ଜଟଣୀ ବ୍ଲକ ସଭାପତି କୈଳାସ ରାଉତ, ରବୀନ୍ଦ୍ର ମହାନ୍ତି, ତ୍ରିନାଥ ସାମନ୍ତରାୟ, ଗଗନ ଚନ୍ଦ୍ର ମଙ୍ଗରାଜ, ଓଡ଼ିଶା ପ୍ରାଥମିକ ଶିକ୍ଷକ ବିଦ୍ୟାଳୟ ସଂଘର ରାଜ୍ୟ ମହାସଚିବ ଜିତ୍‌ରଞ୍ଜନ ମହାପାତ୍ର, ଜଟଣୀ ବରିଷ୍ଠ ନାଗରିକ ମଞ୍ଚର ସାଧାରଣ ସମ୍ପାଦକ ରବୀନ୍ଦ୍ର ପ୍ରସାଦ ମିଶ୍ର, ଜଟଣୀ ସାହିତ୍ୟ ସଂସଦର ସଭାପତି ଶ୍ୟାମସୁନ୍ଦର ତ୍ରିପାଠୀ, ବିପିନ ବିହାରୀ ପାଠାଗାରର ଅଧ୍ୟକ୍ଷ ବିପିନ ବିହାରୀ ମହାନ୍ତି, ଓଷ୍ଟାର ଜଟଣୀ ବ୍ଲକ ପକ୍ଷରୁ କିଶୋର ସୁବୁଦ୍ଧି ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି।


ବିନୋଦିନୀ ନାୟକ


ଗୋକୁଳାନନ୍ଦ ମହାନ୍ତି

### ଏମ୍‌ସକୁ ଶରୀର ଦାନ କରିଥିଲେ ଶିକ୍ଷୟିତ୍ରୀ



ଯଦି ସାଧନାରେ ଉନ୍ନତି ଲାଭ କରିବାକୁ ଚାହଁ, ତେବେ କପଟତା ତ୍ୟାଗ କର।

- ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର



# ବାରଙ୍ଗର ୪ ସରକାରୀ ଅଫିସକୁ ନାହିଁ ରାସ୍ତା



ନରାଜ,୨୪।୭(ଡି.ଏନ୍.ଏ.)

- ଅଭିଯୋଗ ସତ୍ତ୍ୱେ ହେଉନି କାର୍ଯ୍ୟ
- ବର୍ଷା ହେଲେ ଯାଇପାରୁନି ଗାଡ଼ି
- ରାସ୍ତା ନ ହେଲେ ହେବ ଆନ୍ଦୋଳନ

ବାରଙ୍ଗ ବ୍ଲକ ଅନ୍ତର୍ଗତ ନରଣପୁରର ଇଟାଖାଲ ଭିତରେ ରହିଛି ରାଜ୍ୟ ସରକାରଙ୍କର ବହୁ ଗୁରୁତ୍ୱପୂର୍ଣ୍ଣ ଚାରୋଟି କାର୍ଯ୍ୟାଳୟ। ସେଗୁଡ଼ିକ ହେଲା ଅଗ୍ନିଶମ କେନ୍ଦ୍ର, କୃଷି ପ୍ରଯୁକ୍ତି ପରିଚାଳନା ଅନୁଷ୍ଠାନ, ଉଦ୍ୟାନ କୃଷି କାର୍ଯ୍ୟାଳୟ ଓ ଉପନିବନ୍ଧକଙ୍କ କାର୍ଯ୍ୟାଳୟ। ଏହି ଅଫିସଗୁଡିକ କଟକ-ବାରଙ୍ଗର ମୁଖ୍ୟରାସ୍ତା ଉଚ୍ଚତାଠାରୁ ବହୁ ତଳକୁ ଅବସ୍ଥିତ। କୌଣସି କାର୍ଯ୍ୟରେ ଆସୁଥିବା ଚାଷୀଠାରୁ ଆରମ୍ଭ କରି ଜନସାଧାରଣ ଅଫିସଗୁଡିକୁ ନ ପାଇ ବାଟବଣା ହୋଇଥାନ୍ତି। ଏଭଳି ଗୁରୁତ୍ୱପୂର୍ଣ୍ଣ ଅଫିସଗୁଡିକ ପାଇଁ ଭଲ ରାସ୍ତାଟିଏ ନାହିଁ କି ଜଣାଯିବାଭଳି ନାମଫଳକଟିଏ ମଧ୍ୟ ନାହିଁ। ଏହାସହ ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ବିଭାଗର ନିର୍ମାଣ କାର୍ଯ୍ୟ ମଧ୍ୟ ଏଠାରେ ଶେଷ ହୋଇଛି। ଏହି ଚାରୋଟି ଅଫିସ ପାଇଁ ସରକାରଙ୍କ ପକ୍ଷରୁ ୪୦ଫୁଟରେ ୧୧୦୦ଫୁଟର ଗୋଟିଏ ରାସ୍ତା ନକ୍ସାରେ ଦିଆଯାଇଛି। କିନ୍ତୁ ଆଜିପର୍ଯ୍ୟନ୍ତ ତାହା କାର୍ଯ୍ୟ ହୋଇପାରି ନାହିଁ। ଫଳରେ ପାଖରେ ଥିବା ଏକ ଇଟାଭାଟିର ଖାଲଢିପ ରାସ୍ତାକୁ ବ୍ୟବହାର କରାଯାଉଛି। ବର୍ଷା ହେଲେ ଏହି ରାସ୍ତାର ଅବସ୍ଥା ଶୋଚନୀୟ ହୋଇପଡୁଛି। ଭଲ ରାସ୍ତାଟିଏ ନ ହେବାର କାରଣ ଆଜି ପର୍ଯ୍ୟନ୍ତ ରହସ୍ୟ ଘେରରେ ରହିଛି। ବିଶେଷକରି ଅଗ୍ନିଶମ ବିଭାଗ ଗାଡି, ବିହନ ଓ ଚାରା ନେଇ ଆସୁଥିବା ଭାରିଯାନଗୁଡିକ ବହୁ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି। ଏ ନେଇ ଅଞ୍ଚଳବାସୀ ବାରମ୍ବାର ବିଭାଗୀୟ ଅଫିସର ଓ ମନ୍ତ୍ରୀଙ୍କୁ ଜଣାଇଥିଲେ ମଧ୍ୟ କୌଣସି ପ୍ରତିକ୍ରିୟା ନିଆଯାଉ ନାହିଁ। ଏ ସମ୍ପର୍କରେ ବାରଙ୍ଗ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଆକୁଳ ଚନ୍ଦ୍ର ମଲ୍ଲିକଙ୍କୁ ପଚାରିବାରୁ ଏ ବିଷୟରେ ମୁଁ ଅବଗତ ଥିବାବେଳେ ଆସନ୍ତା ପଞ୍ଚାୟତ ସମିତି ବୈଠକରେ ବିଧାୟକ ଓ ଏମ୍‌ପିଙ୍କ ସହ ଆଲୋଚନା କରାଯିବ ବୋଲି କହିଥିଲେ।

## ଏମାନେ କୁହନ୍ତି...



୨୦୧୪ରୁ କୃଷି କାର୍ଯ୍ୟାଳୟ ଆରମ୍ଭ ହୋଇଥିଲେ ମଧ୍ୟ ବହୁବାର ଅଫିସ ସଭା ଓ ଅଭିଯୋଗରେ ଜଣାଇଲେ ମଧ୍ୟ କିଛି କାର୍ଯ୍ୟକାରୀ ହେଉନାହିଁ। ବର୍ଷାଦିନେ ଗାଡ଼ିଗୁଡ଼ିକ ଯିବାଆସିବାରେ ବାଧା ଉପୁଜୁଛି। ଫଳରେ ରାସ୍ତା ଅଧିକ ଖାଲ ହେଲେ ଲୋକେ ବି ଆସିପାରନ୍ତି ନାହିଁ।

**ଗୌରହରି ବିଶ୍ୱାଳ, ସହକାରୀ କୃଷି ଅଧିକାରୀ**



୨୦୧୫ରୁ ଏଠାରେ ଉଦ୍ୟାନ ବିଭାଗ ହୋଇଛି। ଏହି ସ୍ଥାନରେ ୪ଟି ବଡ ଅଫିସ ଥିଲେ ମଧ୍ୟ ଭଲ ରାସ୍ତାଟିଏ ନାହିଁ। ବର୍ଷାଦିନେ ଅଫିସଗୁଡିକ ଜଙ୍ଗଲରେ ଥିବାଭଳି ମନେହୁଏ। ବ୍ଲକ ଜିଲାପାଳଙ୍କ ବୈଠକରେ କହିଥିଲେ ବି କିଛି ସଫଳ ହେଲା ନାହିଁ।

**ପୁଷ୍ପିତା ସାହୁ, ସହକାରୀ ଉଦ୍ୟାନ ଅଧିକାରୀ**



ଉପନିବନ୍ଧକଙ୍କ କାର୍ଯ୍ୟାଳୟ ହେବା ପୂର୍ବରୁ ମୁଁ ଆରଡି ବିଭାଗକୁ ଏକ ଚିଠି ଲେଖିଥିଲି ଓ ଅଫିସ ହେବାପରେ ମଧ୍ୟ ପୁଣି ରିମାଇଣ୍ଡର ଦିଆଯାଇଛି। କିନ୍ତୁ ଆଜି ପର୍ଯ୍ୟନ୍ତ କୌଣସି କାର୍ଯ୍ୟକାରୀ ହୋଇନାହିଁ। ବହୁ ସମୟରେ ଏଠାରେ ସାପ ବାହାରିବା ଦ୍ୱାରା ଲୋକମାନେ ଆସିବାକୁ ଭୟ କରନ୍ତି। ତେଣୁ ଏହି ରାସ୍ତାଟିର କାମ କରିବା ବହୁ ଜରୁରୀ।

**ପ୍ରଶାନ୍ତ କୁମାର ସାମନ୍ତରାୟ, ଉପନିବନ୍ଧକ**



ବାରଙ୍ଗ ଅଗ୍ନିସେବା କେନ୍ଦ୍ରଟି ନରଣପୁରରେ ୨୦୧୬ରୁ କାର୍ଯ୍ୟ କରିଆସୁଛି। କିନ୍ତୁ ଅଦ୍ୟାବଧି ଏଠାକୁ ସ୍ୱତନ୍ତ୍ର ରାସ୍ତାଟିଏ ହୋଇପାରିଲା ନାହିଁ। ଏ ନେଇ ୧୪ଥର ଲିଖିତ ଓ ବହୁବାର ଉଚ୍ଚପଦାଧିକାରୀଙ୍କୁ ସାକ୍ଷାତ କରି ମଧ୍ୟ କିଛି ସୁଫଳ ମିଳୁନାହିଁ। ବର୍ଷା ଦିନେ ଅଗ୍ନିଶମ ଗାଡିଯିବା ପାଇଁ ବହୁଅସୁବିଧା ହେଉଛି। ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଧ୍ୟାନ ଦେବାକୁ ନିବେଦନ କରୁଅଛି।

**ରାଜକିଶୋର ଜେନା, ଦମକଳ କେନ୍ଦ୍ର ଅଧିକାରୀ**



ନରଣପୁରଠାରେ ଥିବା ୪ଟିଯାକ ଅଫିସ ଗୁରୁତ୍ୱପୂର୍ଣ୍ଣ ଥିବାବେଳେ ଏଯାବତ ଭଲ ରାସ୍ତାଟିଏ ହୋଇପାରିଲା ନାହିଁ। ଏପରିକି ଭଲ ନାମଫଳକ ମଧ୍ୟ ନଥିବାରୁ ଲୋକେ ନ ଜାଣିପାରି ହଇରାଣ ହେଉଛନ୍ତି। ଖରାଦିନେ ବାଲି ଓ ବର୍ଷାଦିନେ କାଦୁଅ ଖସଡା ହେବା ଦ୍ୱାରା ଯିବାଆସିବା ହୋଇପାରୁନାହାନ୍ତି। ଏ ସମ୍ପର୍କରେ ବାରମ୍ବାର ବିଭାଗୀୟ ଅଧିକାରୀଙ୍କୁ ଜଣାଇଲେ ସୁଦ୍ଧା ବି କାର୍ଯ୍ୟକାରୀ ହେଉନାହିଁ। ଆଗକୁ ଯଦି ଏଥିପ୍ରତି ଧ୍ୟାନ ନ ଦିଆଯାଏ, ତେବେ ଆନ୍ଦୋଳନ କରିବାକୁ ବାଧ ହେବୁ।

**ଅଶୋକ ପ୍ରଧାନ, ସାମାଜିକ କର୍ମୀ**

## ସଂକ୍ଷେପରେ

### ମିଠା ଦୋକାନ ଉପରକୁ ବୋମାମାଡ଼
### ସିସିଟିଭି ଯାଞ୍ଚ କଲା ପୋଲିସ

**କଟକ ଅଫିସ,୨୪।୭:** ବାଦାମବାଡି ଥାନା ଅନ୍ତର୍ଗତ ଖାନ୍‌ନଗର ଦୁର୍ଗାମଣ୍ଡପ ନିକଟ ନାଥସାହୁ ମିଠା ଦୋକାନ ଉପରକୁ ବୁଧବାର ସକାଳେ ବୋମାମାଡ ହୋଇଛି। ୨ଜଣ ଦୁର୍ବୃତ୍ତ ମୁହଁରେ କପଡା ବାନ୍ଧି ଏକ ବାଇକରେ ଆସି ଗୋଟିଏ ବୋମା ଫିଙ୍ଗି ଫେରାର ହୋଇଯାଇଛନ୍ତି। ବୋମା ମାଡରେ ଦୋକାନର ସମ୍ମୁଖ କାଚ ଭାଙ୍ଗି ଯାଇଥିବାବେଳେ କେହି ଆହତ ହୋଇ ନ ଥିବା ଜଣାପଡିଛି। ଏ ନେଇ ଦୋକାନ ମାଲିକ ପ୍ରତାପ କୁମାର ସାହୁ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ.୧୬୩/୧୯) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ତେବେ ପୂର୍ବ ଶତ୍ରୁତାକୁ ନେଇ ବୋମାମାଡ ହୋଇଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ପ୍ରତାପ ଖାନ୍‌ନଗର ଯୁବକ ସଂଘର ସମ୍ପାଦକ। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ବୁଧବାର ମିଠା ଦୋକାନରେ ପ୍ରତାପଙ୍କ ବାପା ରବୀନ୍ଦ୍ର ନାଥ ସାହୁ, ଦୋକାନ କର୍ମଚାରୀ ଓ କେତେଜଣ ଗ୍ରାହକ ଥିଲେ। ପୂର୍ବାହ୍ନ ୯ଟା ୨୩ରେ ଦୁଇଜଣ ଦୁର୍ବୃତ୍ତ ମୁହଁରେ ଗାମୁଛା ବାନ୍ଧି ଏକ ବାଇକରେ ଆସି ଦୋକାନ ଉପରକୁ ଗୋଟିଏ ବୋମା ପକାଇଥିଲେ। ଫଳରେ ବୋମା ପ୍ରଚଣ୍ଡ ଶବ୍ଦ ହେବା ସହ ଘଟଣାସ୍ଥଳ ଧୂଆଁମୟ ହୋଇଯାଇଥିଲା। ଦୁର୍ବୃତ୍ତମାନେ ବୋମା ମାଡ କରି ପଳାଇ ଯାଉଥିବାବେଳେ ପାଖ ଦୋକାନରେ ପ୍ରତାପ ସେମାନଙ୍କୁ ଧରିବାକୁ ପ୍ରୟାସ କରିଥିଲେ। ହେଲେ ଦୁର୍ବୃତ୍ତଙ୍କ ହାତରେ ଆଉ ଦୁଇଟି ବୋମା ଥିବା ଦେଖି ପ୍ରତାପ ସେମାନଙ୍କ ପିଛା କରି ନ ଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିବାବେଳେ ମିଠା ଦୋକାନ ଏବଂ ପାଖ ଦୋକାନରେ ଲାଗିଥିବା ସିସିଟିଭି ଫୁଟେଜ୍ ଯାଞ୍ଚ କରିଛି। ଏଥିସହ ସ୍ଥାନୀୟ ଲୋକଙ୍କୁ ପଚରାଉଚରା କରିଛି।

### ରାଜଧାନୀ ଏକ୍ସପ୍ରେସରୁ ଡିଜେଲ ଚୋରି, ୨ ଗିରଫ

**ଭୁବନେଶ୍ୱର, ୨୪।୭(ବ୍ୟୁରୋ):** ଭୁବନେଶ୍ୱର ରେଳ ଷ୍ଟେଶନରେ ରାଜଧାନୀ ଏକ୍ସପ୍ରେସର ଜେନେରେଟର ଡବାରୁ ଡିଜେଲ ବ୍ୟାରେଲ ଚୋରି କରି ଦୁଇ ଅଭିଯୁକ୍ତ ଗିରଫ ହୋଇଛନ୍ତି। ରେଳ ସୁରକ୍ଷା ବଳ ଓ କ୍ରାଇମ ଇଣ୍ଟେଲିଜେନ୍ସ ବିଭାଗ ମିଳିତ ଭାବେ ଚଢ଼ାଉ କରି ପ୍ରମୋଦ ରାଉତ ଓ ଅଜିତ୍ ଭଞ୍ଜିଙ୍କୁ ଗିରଫ କରିଥିଲେ। ଆର୍‌ପିଏଫ ରେଳ ସୁରକ୍ଷା ଧାରା- ୩(କ) ଅନୁଯାୟୀ ମାମଲା ନଂ. ୧୩/୨୦୧୯ ରୁଜୁ କରି ଦୁଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।

### ସ୍ନେହାଶ୍ରୀଙ୍କୁ ସମ୍ବର୍ଦ୍ଧିତ କଲେ ମନ୍ତ୍ରୀ

**ପୁରୁଣା ଭୁବନେଶ୍ୱର,୨୪।୭(ଡି.ଏନ୍.ଏ.):** ଆସାମର ଗୌହାଟୀଠାରେ ଆୟୋଜିତ ହୋଇଥିଲା ଜାତୀୟ ମଡ଼େଲ ପ୍ରତିଯୋଗିତା ଷ୍ଟାର ଆଇକନ୍ ଇଣ୍ଡିଆ ଇଣ୍ଟରନ୍ୟାଶନାଲ। ଏଥିରେ ପୁରୁଣା ଭୁବନେଶ୍ୱର ଅଞ୍ଚଳର ସ୍ନେହାଶ୍ରୀ ସାହୁ ମିସ୍ କିଡ୍ ଇଣ୍ଟରନ୍ୟାଶନାଲ ଗ୍ଲୋବ ଟାଇଟଲ ହାସଲ କରିଥିଲେ। ବୁଧବାର ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ସ୍ନେହାଶ୍ରୀଙ୍କ ଏହି କୃତିତ୍ୱପାଇଁ ସମ୍ବର୍ଦ୍ଧିତ କରିଥିଲେ। ସ୍ନୋହାଶ୍ରୀଙ୍କ ପାଇଁ ରାଜ୍ୟ ଜାତୀୟ ସ୍ତରରେ ଅନ୍ୟ ଏକ ସୁନାମ ଅର୍ଜନ କରିପାରଛି। ଆଗକୁ ମନବଳ ଦୃଢ ରଖିବା ଏବଂ ଚେଷ୍ଟା ବଳବତ୍ତର ରହିଲେ ଆହୁରି ଗୋଟିଏ ପରେ ଗୋଟିଏ ଟାଇଟଲ ହାସଲ କରିପାରିବ ବୋଲି ସେ କହିଥିଲେ। ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ କର୍ପୋରେଟର ପ୍ରମୋଦ ମହାପାତ୍ର, ରାଜେନ୍ଦ୍ର ସମର୍ଥା, ବିରଞ୍ଚି ନାରାୟଣ ମହାସୁପକାର ପ୍ରମୁଖ ଉପସ୍ଥିତ ଥିଲେ।

### ବିଧାୟକଙ୍କୁ ସମ୍ବର୍ଦ୍ଧନା

**ବାରଙ୍ଗ,୨୪।୭(ଡି.ଏନ୍.ଏ.):** ରାଜଧାନୀ ଉପକଣ୍ଠରେ ଥିବା ରଘୁନାଥପୁର, ଦାଢ଼ା, କଲ୍ୟାଣପୁର, ବରିମୁଣ୍ଡ ଓ କଳାରାହଙ୍ଗ ଆଦି ୫ପଞ୍ଚାୟତ ତରଫରୁ ଉତ୍ତର ବିଧାୟକ ସୁଶାନ୍ତ ରାଉତଙ୍କୁ ବୁଧବାର ରଘୁନାଥପୁର ଗ୍ରାମମୁଣ୍ଡରେ ଥିବା ଏକ ଘରୋଇ ମଣ୍ଡପରେ ସମ୍ବର୍ଦ୍ଧନା ଦିଆଯାଇଛି। ବ୍ୟୟଜ୍ୟେଷ୍ଠ ମୁରବୀ ଅନ୍ତର୍ଯ୍ୟାମି କୁଅଁରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ଭୁବନେଶ୍ୱର ଜିଲା କାର୍ଯ୍ୟକାରୀ ସଭାପତି ସୁବାସ ଚନ୍ଦ୍ର ପାତ୍ର, ରଘୁନାଥପୁର ସରପଞ୍ଚ ପବିତ୍ର ପାତ୍ର, ସମିତିସଭ୍ୟା ତଥା ନାରୀ ଜାଗରଣ ମଞ୍ଚର ସବାନେତ୍ରୀ ଝୁନା ରାଉତଙ୍କ ସମେତ ବିଭିନ୍ନ ଲୋକପ୍ରତିନିଧିମାନେ ଉପସ୍ଥିତ ରହି ୫ ପଞ୍ଚାୟତର ବିଭିନ୍ନ ସମସ୍ୟା ଉପରେ ମତ ରଖିଥିଲେ।

## ଯାଞ୍ଚ ସମୟରେ ଚୋରି ସ୍କୁଟି ଉଦ୍ଧାର, ୨ ଅଭିଯୁକ୍ତ ଗିରଫ

ଭୁବନେଶ୍ୱର, ୨୪।୭(ବ୍ୟୁରୋ)

ଶହୀଦନଗର ଥାନା ଅଞ୍ଚଳରେ ପୋଲିସ ଗାଡିମୋଟର ଯାଞ୍ଚ ବେଳେ ଚୋରି ସ୍କୁଟି ଉଦ୍ଧାର କରାଯିବା ସହ ୨ ଜଣ ଅଭିଯୁକ୍ତଙ୍କୁ ମଙ୍ଗଳବାର ଗିରଫ କରାଯାଇଥିଲା। ସେମାନେ ହେଲେ ୟୁନିଟ୍ ୬ ଦୁର୍ଗାମଣ୍ଡପ ବସ୍ତି ଅଞ୍ଚଳର ସାଗର ନାୟକ ଓ ଝରଣା ବସ୍ତି ଅଞ୍ଚଳର ଚନ୍ଦନ ନାୟକ। ପୋଲିସ ସୂଚନା ମୁତାବକ, ଶହୀଦନଗର ଥାନା ପୋଲିସ ମଙ୍ଗଳବାର ରାତି ସାଢେ ୮ଟାରେ ପୁରୀ ବାଇପାସ୍ କେସୁରା ଅଞ୍ଚଳରେ ରୋଡ ବ୍ଲକିଂ କରି ଚେକିଂ ଚଳାଇଥିଲା। ଉକ୍ତ ସମୟରେ ଦୁଇ ଅଭିଯୁକ୍ତ ପୋଲିସକୁ ଦେଖି ଅସ୍ଥିର ହେବା ସହ ଫେରାର ହେବାକୁ ଉଦ୍ୟମ କରିଥିଲେ। ପୋଲିସର ସନ୍ଦେହ ବଢିବାରୁ ତାଙ୍କୁ ପିଛା କରି କାବୁ କରିଥିଲା। ଜାଲ ନଂ. ଓଆର ୦୨ ଏଆର ୧୦୭୩ ଲାଗିଥିବା ସ୍କୁଟିର କାଗଜପତ୍ର ଯାଞ୍ଚ କରିବା ପରେ ତାହା ଚୋରା ସ୍କୁଟି ଥିବା ଜଣାପଡିଥିଲା। ଏ ନେଇ ପୋଲିସ ୨ ଅଭିଯୁକ୍ତଙ୍କୁ ଗିରଫ କରି ପଚରାଉଚରା ପରେ ସେମାନେ କଟକ ରାଣୀହାଟ ଅଞ୍ଚଳରୁ ସ୍କୁଟି ଚୋରି କରିଥିବା ନେଇ ସ୍ୱୀକାର କରିଥିଲେ। ଏ ସଂକ୍ରାନ୍ତରେ ପୋଲିସ ନଂ. ୩୩୯/୧୯ରେ ମାମଲା ରୁଜୁ କରି ୨ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି। ସେମାନଙ୍କ କୋର୍ଟରେ ଜାମିନ ଆବେଦନ ଖାରଜ ହେବାରୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।



ନୃତ୍ୟ ନିଳୟ ଅନୁଷ୍ଠାନର ସମର୍ପଣ ସମାରୋହରେ କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି।

### ନୃତ୍ୟ ନିଳୟର ସମର୍ପଣ ସମାରୋହ

## ଦର୍ଶକଙ୍କୁ ଆକର୍ଷିତ କଲା 'ବାଟ ଛାଡ଼ ସୁଘଟ ନାଗର'

ଭୁବନେଶ୍ୱର, ୨୪।୭(ବ୍ୟୁରୋ)

ନୃତ୍ୟ ନିଳୟ ଅନୁଷ୍ଠାନର ସମର୍ପଣ ସମାରୋହ ବୁଧବାର ରବୀନ୍ଦ୍ର ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ସଂସ୍କୃତି ବିଭାଗ ସଚିବ ମନୋରଞ୍ଜନ ପାଣିଗ୍ରାହୀ, ନିର୍ଦ୍ଦେଶକ ବିଜୟ କୁମାର ନାୟକ, ଭୁବନେଶ୍ୱର ଅତିରିକ୍ତ ଜିଲାପାଳ ଅରୁଣ କୁମାର ବେହେରା, ଗୁରୁ ରାମହରି ଦାସ, ଡ. ବିନୟ କୁମାର ଜେନା, ନୃତ୍ୟଗୁରୁ ଦୁର୍ଗାଚରଣ ରଣବୀର, ଅନୀତା ସିଂହଦେଓ ଓ ନୃତ୍ୟନିଳୟ ସଭାପତି ହେମନ୍ତ କୁମାର ଦାଶ ଯୋଗ ଦେଇଥିଲେ। ଅନୁଷ୍ଠାନର ଭୁବନେଶ୍ୱର ଓ ଅନୁଗୁଳ ଶିଳ୍ପୀଗଣ ତ୍ରିବେଣୀ ସଂଗମର ଚେତନାକୁ ମଞ୍ଚସ୍ଥ କରିଥିଲେ। ନୃତ୍ୟ ସଂଯୋଜନାରେ ସ୍ୱପ୍ନାରାଣୀ ସିହ୍ନା ଓ ସଂଗୀତରେ ଗୁରୁ ରାମହରି ଦାସ ସଂଯୋଜନା କରିଥିଲେ। ଏକକ ନୃତ୍ୟରେ କଲ୍ୟାଣୀ ସାହୁ ନବଦୁର୍ଗା ଶକ୍ତିଙ୍କ ନବବିଧ ରୂପକୁ ମଞ୍ଚସ୍ଥ କରିଥିଲେ। ପ୍ରୀତିମୟୀ ସାହୁଙ୍କ ନୃତ୍ୟନାଟିକା 'ବାଟ ଛାଡ ସୁଘଟ ନାଗର' ଦର୍ଶକଙ୍କୁ ଆକର୍ଷିତ କରିପାରିଥିଲା।

## ସ୍କୁଲ ଉଚ୍ଛେଦ ପ୍ରକ୍ରିୟାକୁ ବିରୋଧ

ଭୁବନେଶ୍ୱର, ୨୪।୭(ବ୍ୟୁରୋ)

୯୬୬ ବିଦ୍ୟାଳୟକୁ ବନ୍ଦ କରିବା ପାଇଁ ରାଜ୍ୟ ସରକାରଙ୍କ ନିଷ୍ପତ୍ତି ଓ ସ୍କୁଲ ଉଚ୍ଛେଦ ପ୍ରକ୍ରିୟା ବିରୋଧରେ ନୀରବ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି। ବୁଧବାର ବିଭିନ୍ନ ସଙ୍ଗଠନ ପକ୍ଷରୁ ଏ ନେଇ ସଭା ଆୟୋଜିତ ହୋଇଥିଲା। ବହୁ ଛାତ୍ରୀଛାତ୍ର, ଯୁବତୀଯୁବକ, ଶିକ୍ଷାବିତ୍, ସାମାଜିକ କର୍ମୀ, ବୁଦ୍ଧିଜୀବୀ ପ୍ରମୁଖ ମାଷ୍ଟରକ୍ୟାଣ୍ଟିନ୍‌ରେ ପ୍ରତିବାଦ କରିଥିଲେ। ସାମାଜିକ କର୍ମୀ ପ୍ରଫୁଲ୍ଲ ସାମନ୍ତରା, ଶିକ୍ଷାବିତ୍ ପ୍ରଫେସର୍ ଗୋଲକ ବିହାରୀ ନାଥ, ପ୍ରଫେସର ଅମିୟ ମହାନ୍ତି, ସ୍ତମ୍ଭକାର ସତୀଶ ମିଶ୍ର, ଯୁବନେତା ମାନସ ପଟ୍ଟନାୟକ ପ୍ରମୁଖ ଏହି ଅବସରରେ ଉପସ୍ଥିତ ରହି ପ୍ରତିବାଦର ନେତୃତ୍ୱ ନେଇଥିଲେ।

### ବଳାତ୍କାର ମାମଲା ଚପାଇବାକୁ ଉଦ୍ୟମ

## ମହିଳାଙ୍କୁ ହତ୍ୟା ଧମକ ଦେଇ ଅଭିଯୁକ୍ତ ଗିରଫ

ଭୁବନେଶ୍ୱର, ୨୪।୭(ବ୍ୟୁରୋ)

ନୟାପଲ୍ଲୀ ଥାନା ଅଞ୍ଚଳରେ ବଳାତ୍କାର ମାମଲାକୁ ଚପାଇ ଦେବାକୁ ଉଦ୍ୟମ କରି ଜଣେ ମହିଳାଙ୍କୁ ଧକମଚମକ ଦେବା ଘଟଣାରେ ଅଭିଯୁକ୍ତଙ୍କୁ ପୋଲିସ ବୁଧବାର ଗିରଫ କରିଛି। ସେ ହେଲେ ନୟାପଲ୍ଲୀ ଥାନା ଅଧୀନ ସାଲିଆସାହିସ୍ଥିତ ଶ୍ରୀରାମନଗରରେ ରହୁଥିବା ବ୍ରଜ ବିହାରୀ ସାହୁ (୫୨)। ପୋଲିସ ସୂଚନା ମୁତାବକ, ବ୍ରଜଙ୍କ ଜଣେ ସମ୍ପର୍କୀୟ ଅଭିଯୋଗକାରିଣୀ ମହିଳାଙ୍କ ଝିଅଙ୍କୁ ବଳାତ୍କାର କରିବା ନେଇ ଥାନାରେ ମାସେ ତଳେ ଅଭିଯୋଗ ହୋଇଥିଲା। ଥାନାରେ ନଂ. ୨୯୨/୧୯ରେ ମାମଲା ରୁଜୁ ହେବା ସହ ପୋଲିସ ଅଭିଯୁକ୍ତଙ୍କୁ ଧରିବାକୁ ନେଇ ତଦନ୍ତ ଜାରି ରହିଥିଲା। ଏହାକୁ ନେଇ ବ୍ରଜ ଅନେକ ଦିନ ହେବ ମହିଳାଙ୍କୁ ଦେଖାଇ ଶିଖାଇ ଖରାପ ଭାଷାରେ ଗାଳିଗୁଲଜ କରିବା ସହ ମାମଲା ଉଠାଇ ଦେବାକୁ ଚାପ ପକାଉଥିଲେ। ମାତ୍ର ଗତ ମଙ୍ଗଳବାର ମହିଳାଙ୍କୁ ଖରାପ ଭାଷାରେ ଗାଳି କରିବା ସହ ତାଙ୍କ ପରିବାରର ସମସ୍ତ ସଦସ୍ୟଙ୍କୁ ଜୀବନରେ ମାରିଦେବାକୁ ଧମକ ଦେବା ପରେ ମହିଳା ଜଣଙ୍କ ଥାନାରେ ଅଭିଯୋଗ କରିଥିଲେ। ଏ ନେଇ ପୋଲିସ ନଂ. ୩୩୫/୧୯ରେ ମାମଲା ରୁଜୁ କରିବା ସହ ଅଭିଯୁକ୍ତ ବ୍ରଜଙ୍କୁ ଗିରଫ କରିଥିଲା।

### ଜାଇକା ପ୍ରକଳ୍ପର ଅଗ୍ରଗତି ସମୀକ୍ଷା କଲେ ମନ୍ତ୍ରୀ

## ୨୦୨୦ ଡିସେମ୍ବର ସୁଦ୍ଧା ସରିବ କାର୍ଯ୍ୟ

ଭୁବନେଶ୍ୱର, ୨୪।୭(ବ୍ୟୁରୋ)

କଟକ ସହରର ପରିମଳ ବ୍ୟବସ୍ଥା ସୁଦୃଢ଼ୀକରଣ ପାଇଁ ଜାଇକା ପକ୍ଷରୁ କାର୍ଯ୍ୟକାରୀ ହେଉଥିବା ୨,୯୭୪ କୋଟି ଟଙ୍କାର ପ୍ରକଳ୍ପ ଅଗ୍ରଗତି ସମ୍ପର୍କରେ ପଞ୍ଚାୟତିରାଜ ଓ ପାନୀୟ ଜଳ, ଆଇନ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ପ୍ରତାପ ଜେନା ସମୀକ୍ଷା କରିଛନ୍ତି। ବୁଧବାର ମନ୍ତ୍ରୀ ଜେନାଙ୍କ ଅଧ୍ୟକ୍ଷତାରେ ସଚିବାଳୟସ୍ଥ ପ୍ରକୋଷ୍ଠରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ଜଣାପଡ଼ିଛି ଯେ, ୨୦୨୦ ସେପ୍ଟେମ୍ବର ସୁଦ୍ଧା କଟକ ଓ ଡିସେମ୍ବର ସୁଦ୍ଧା ଭୁବନେଶ୍ୱରରେ ଜାଇକା ପ୍ରକଳ୍ପ କାର୍ଯ୍ୟ ସମ୍ପୂର୍ଣ୍ଣ ହେବ। ବର୍ତ୍ତମାନ ସୁଦ୍ଧା କଟକ ସହରରେ ୩୮୫ କିମି ସ୍ୱେରେଜ୍ ଲାଇନ୍‌ରୁ ୨୮୫ କିମିର କାର୍ଯ୍ୟ ସମାପ୍ତ ହୋଇଛି। ତେବେ କଟକରେ ସେପ୍ଟେମ୍ବର ୨୦୨୦ ସୁଦ୍ଧା ଜାଇକା ପ୍ରକଳ୍ପ କାର୍ଯ୍ୟ ସରିବା ପରେ ଡ୍ରେନେଜ୍‌କାର୍ଯ୍ୟ ୨୦୨୧ ଜୁଲାଇରେ ସରିବ ବୋଲି ମନ୍ତ୍ରୀଙ୍କୁ ଅବଗତ କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ସାଲେପୁର ବିଧାୟକ ପ୍ରଶାନ୍ତ କୁମାର ବେହେରା, କଟକ ଜିଲାପାଳ ଭବାନୀ ଶଙ୍କର ଚୟନୀ, ଜାଇକାର ପ୍ରକଳ୍ପ ନିର୍ଦ୍ଦେଶକ ବସନ୍ତ ପରିଡ଼ା, ମୁଖ୍ୟଯନ୍ତ୍ରୀ ଟି.ବି.କେ. ଶ୍ରଫ୍, ନର୍ବାହୀ ଯନ୍ତ୍ରୀ (ସ୍ୱେରେଜ୍) ବିକ୍ରମ ମିଶ୍ର, ରଞ୍ଜନ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

## ଭାଙ୍ଗିଲା ନେହେରୁ ଯୁବ କେନ୍ଦ୍ର

ଭୁବନେଶ୍ୱର, ୨୪।୭(ବ୍ୟୁରୋ)

ମିଳିତ ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍ ପକ୍ଷରୁ ବୁଧବାର ଏଜି ଛକ ନିକଟରେ ଥିବା ନେହେରୁ ଯୁବକେନ୍ଦ୍ରର ଘରକୁ ଉଚ୍ଛେଦ କରାଯାଇଛି। ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ), ବିଏମ୍‌ସି, ସାଧାରଣ ପ୍ରଶାସନ ବିଭାଗ (ଜିଏ) ଓ କମିଶନରେଟ୍ ପୋଲିସର ମିଳିତ ସ୍କ୍ୱାଡ୍ ପକ୍ଷରୁ ପୂର୍ବାହ୍ନ ସାଢେ ୧୦ଟାରେ ଉଚ୍ଛେଦ କରାଯାଇଥିଲା। ଅତିରିକ୍ତ ସଚିବଙ୍କ ଚିଠି ନଂ. ୭୭୨୮/ସିଏକୁ ଭିତ୍ତିକରି ଏହି ଉଚ୍ଛେଦ କରାଯାଇଛି ବୋଲି ବିଡିଏ ଅଧିକାରୀ କହିଛନ୍ତି। ଏଥିରେ ୫ ହଜାର ସ୍କୋୟାର ଫୁଟର ଜାଗା ଉଚ୍ଛେଦ କରାଯାଇଛି। କାର୍ଯ୍ୟରେ ମୋଟ ତିନୋଟି ବୁଲଡୋଜର ବ୍ୟବହାର କରାଯାଇଥିଲା। ବିଡିଏ ଉଚ୍ଛେଦ ଅଧିକାରୀ ପ୍ରମୋଦ ପାତ୍ର, ଯୋଗସୂତ୍ର ଅଧିକାରୀ ସୁଧାଂଶୁ ଶେଖର ମହାନ୍ତି, ବିଡିଏ ଡିଭିଜନ ୪ର ଏଇଇ ନୀରଜ ପଟ୍ଟନାୟକ, କ୍ୟାପିଟାଲ ଥାନା ଏଏସ୍‌ଆଇ ବି.କେ. ବେହେରା, ଗୋଟିଏ ପ୍ଲାଟୁନ ପୋଲିସ ଫୋର୍ସ, ଗୋଟିଏ ସେକ୍ସନ ମହିଳା ପୋଲିସ ଓ ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍ ସଦସ୍ୟମାନେ ଉପସ୍ଥିତ ଥିଲେ।

## ବାରଙ୍ଗ ପ୍ରେସ କ୍ଲବ, କଳିଙ୍ଗ ସଂଘ ପକ୍ଷରୁ ବିଡିଓଙ୍କୁ ଦାବିପତ୍ର

ବାରଙ୍ଗ,୨୪।୭(ଡି.ଏନ୍.ଏ.)

**ଖବରଦାତାଙ୍କୁ ଏସ୍‌ପିଙ୍କ ଦୁର୍ବ୍ୟବହାର ଘଟଣା**

ରାଜ୍ୟରେ କାର୍ଯ୍ୟରତ ଖବରଦାତାମାନେ ଏବେ ନିଜକୁ ଅସୁରକ୍ଷିତ ମନେ କରୁଛନ୍ତି। ଖବର ସଂଗ୍ରହ ବେଳେ ହେଉ କିମ୍ବା ଖବର ପ୍ରକାଶନ କରିଥିବା ହେତୁ ସେମାନେ ଆକ୍ରମଣର ଶିକାର ହୋଇଥାନ୍ତି। ଗଣତନ୍ତ୍ରର ଚତୁର୍ଥସ୍ତମ୍ଭ କୁହାଯାଉଥିବା ଖବରଦାତାଙ୍କୁ ମଧ୍ୟ ଆଇନର ରକ୍ଷକ ସାଜିଥିବା ପୋଲିସ ମାଡମାରିବାକୁ ପଛାଉ ନ ଥିବାର ଜ୍ୱଳନ୍ତ ଉଦାହରଣ କେନ୍ଦ୍ରାପଡା ଏସପି ଜଣେ କାର୍ଯ୍ୟରତ ଟିଭି ଖବରଦାତାଙ୍କୁ ମାଡମାରିବା ଘଟଣାରୁ ଜଣାପଡିଛି। ଏହି ଘଟଣାକୁ ବାରଙ୍ଗ ପ୍ରେସ କ୍ଲବ ଓ କଳିଙ୍ଗ ସାମ୍ବାଦିକ ସଂଘର ବାରଙ୍ଗ ୟୁନିଟ ପକ୍ଷରୁ ନିନ୍ଦା କରାଯାଇଛି। ଏହାସହ ଖବରଦାତାମାନଙ୍କ ସୁରକ୍ଷାପାଇଁ ରାଜ୍ୟରେ ସାମ୍ବାଦିକ ସୁରକ୍ଷା ଆଇନ ଲାଗୁକରିବା ଓ ମାଡମାରିଥିବା ଏସପିଙ୍କୁ ନିଲମ୍ବନ ପାଇଁ ଦାବି କରିଥିଲେ। ଏ ନେଇ କ୍ଲବ ଓ ସଂଘର ସଦସ୍ୟମାନେ ବାରଙ୍ଗ ପ୍ରେସ କ୍ଲବ ସଭାପତି ଲିଙ୍ଗରାଜ ରାଉତ, ଉପସଭାପତି ନିହାରିକାନ୍ତ ଦାଶ, ସମ୍ପାଦକ ରୁଦ୍ରନାରାୟଣ ଷଡଙ୍ଗୀ, କୋଷାଧ୍ୟକ୍ଷ ପ୍ରକାଶଚନ୍ଦ୍ର ସାହୁ, କଳିଙ୍ଗ ସଂଘର ସଂଯୋଜକ ସଂଗ୍ରାମକିଶୋର ଦାସ, ସହସମ୍ପାଦକ କମଳାକାନ୍ତ ନାୟକଙ୍କ ନେତୃତ୍ୱରେ ବୁଧବାର ଏକ ଶୋଭାଯାତ୍ରାରେ ବ୍ଲକ କାର୍ଯ୍ୟାଳୟକୁ ଯାଇ କଟକ ଜିଲାପାଳଙ୍କ ଉଦ୍ଦେଶ୍ୟରେ ବାରଙ୍ଗ ବ୍ଲକ ବିଡିଓ ଆକୁଳନନ୍ଦ ମଲ୍ଲିକଙ୍କୁ ଏକ ଦାବିପତ୍ର ଦେଇଥିଲେ।

## ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପ୍ରତିବାଦରେ ଜିଲା କଂଗ୍ରେସର ବିକ୍ଷୋଭ

ଭୁବନେଶ୍ୱର, ୨୪।୭(ବ୍ୟୁରୋ)




ବିକ୍ଷୋଭ କରୁଥିବା କଂଗ୍ରେସ ନେତା ଓ କର୍ମକର୍ତ୍ତା।

ରାଜ୍ୟରେ ଶିଶୁ, ନାବାଳିକା, ନାରୀ ନିର୍ଯ୍ୟାତନା, ବଳାତ୍କାର ଓ ଗଣବଳାତ୍କାର, ଅପହରଣ, ନିଖୋଜ ଓ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପରିସ୍ଥିତି କ୍ରମାଗତ ଭାବେ ବୃଦ୍ଧି ପାଉଛି। ସରକାର ଏହା ଉପରେ ରୋକ ଲଗାଇବାରେ ବିଫଳ ହୋଇଛନ୍ତି। ଏହାର ପ୍ରତିବାଦରେ ବୁଧବାର ପ୍ରଦେଶ କଂଗ୍ରେସ ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଭୁବନେଶ୍ୱର ଜିଲା କଂଗ୍ରେସ କମିଟି ପକ୍ଷରୁ ଏକ ଗଣଧାରଣା ଓ ବିକ୍ଷୋଭ ଦିଆଯାଇଥିଲା। ଭୁବନେଶ୍ୱର ଏଡିଏମ୍‌ଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ପ୍ରତିବାଦ ସଭା ଜିଲା କଂଗ୍ରେସ କାର୍ଯ୍ୟକାରୀ ସଭାପତି ରଶ୍ମି ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ପ୍ରତିବାଦ ଓ ବିକ୍ଷୋଭକୁ ନଜରରେ ରଖି ବ୍ୟାପକ ପୋଲିସ ବ୍ୟବସ୍ଥା ଗ୍ରହଣ କରିଥିଲା। ରାଜ୍ୟରେ ପ୍ରତିଦିନ ନାରୀ ନିର୍ଯ୍ୟାତନା, ନାବାଳିକା ବଳାତ୍କାର, ଗଣ ବଳାତ୍କାର, ଅପହରଣ ଓ ନିଖୋଜ ଭଳି ଉଦ୍‌ବେଗଜନକ ଘଟଣା ଘଟି ଚାଲିଥିଲେ ମଧ୍ୟ ମୁଖ୍ୟମନ୍ତ୍ରୀ ଆଇନଶୃଙ୍ଖଳା ଠିକ୍ ଅଛି ବୋଲି ବିବୃତି ଦେଉଛନ୍ତି। ଏହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ଜିଲା କଂଗ୍ରେସର କାର୍ଯ୍ୟକାରୀ ସଭାପତି ମହାପାତ୍ର ଉଦ୍‌ବୋଧନ ଦେଇ କହିଥିଲେ। ବରିଷ୍ଠ କଂଗ୍ରେସ ନେତା ତଥା ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ କହିଲେ, ବିଜେଡି ସରକାରଙ୍କର ମା'କୁ ସମ୍ମାନ ନାରା ପ୍ରହସନରେ ପରିଣତ ହୋଇଛି। ଆଇନଶୃଙ୍ଖଳା ସମ୍ପୂର୍ଣ୍ଣ ଭୁଶୁଡି ପଡିଥିବା ବେଳେ ମୁଖ୍ୟମନ୍ତ୍ରୀ ମହିଳାମାନଙ୍କୁ ସୁରକ୍ଷା ଦେବାରେ ପୂରାପୂରି ବିଫଳ ହୋଇଛନ୍ତି। ଏହାକୁ ନିୟନ୍ତ୍ରଣ ନ କଲେ ଆଗାମୀଦିନରେ ରାଜ୍ୟ ପାଇଁ ବିପଦ ସୃଷ୍ଟି ହେବ। ଏହି ଅବସରରେ ଜିଲା କଂଗ୍ରେସ କମିଟି ପକ୍ଷରୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏଡିଏମ୍‌ଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ଏଥିରେ ସଂଗ୍ରାମ କେଶରୀ ରାଉତରାୟ, ଜାନକୀ ବଲ୍ଲଭ ପଟ୍ଟନାୟକ, ପଦ୍ମାକର ଗୁରୁ, ବିସ୍ମୟ ମହାପାତ୍ର, ଗୀତାଞ୍ଜଳି ମହାନ୍ତି, ମୋହନ ଜେନା, ଜୟକୃଷ୍ଣ ସୁବୁଦ୍ଧି, ଚିନ୍ମୟ ସୁନ୍ଦର ଦାସ, ମାନସ ଆଚାର୍ଯ୍ୟ, ରସିକ ପଟ୍ଟନାୟକ, ସିପ୍ରା ସେନାପତି, ସେକ୍ ଅଫତାବ ଅଲ୍ଲି, ନିରୋଦ ଗଡନାୟକ, ମନୋଜ ସାହୁ, ସଞ୍ଜୟ ନାୟକ, ସରୋଜ ମହାନ୍ତି, ଶୈଳେନ୍ଦୁ ମଜୁମଦାର, କୈଳାସ ସାହୁ, କୁସୁମ ପ୍ରଧାନ, ଜ୍ୟୋତିଷ ସାହୁ, ସଂକୁନା କହଁର, ମୁନି ଥାପା, ନିରୁପମା ପାତ୍ର, ଆଦିତ୍ୟ ସାହୁ, କ୍ଷୀରୋଦବାବୁ ପ୍ରମୁଖ ଶତାଧିକ କଂଗ୍ରେସ ନେତୃମଣ୍ଡଳୀ ଓ କର୍ମୀ ବିକ୍ଷୋଭ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।



ଯଦି ସାଧନାରେ ଉନ୍ନତି ଲାଭ କରିବାକୁ ଚାହଁ, ତେବେ କପଟତା ତ୍ୟାଗ କର।
-ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର



## ସଂକ୍ଷେପରେ

### ଜାତୀୟ ଆଇନ ବିଶ୍ୱବିଦ୍ୟାଳୟ
### ବିଭିନ୍ନ ଦାବି ନେଇ ଛାତ୍ରୀଛାତ୍ରଙ୍କ ବିକ୍ଷୋଭ

**କଟକ ଅଫିସ,୨୪।୭:** ବିଭିନ୍ନ ଦାବି ନେଇ କଟକ ଜିଲା ନରାଜସ୍ଥିତ ଜାତୀୟ ଆଇନ ବିଶ୍ୱବିଦ୍ୟାଳୟ(ଏନ୍‌ଏଲ୍‌ୟୁ)ର ପ୍ରଶାସନିକ କାର୍ଯ୍ୟାଳୟ ସମ୍ମୁଖରେ ବୁଧବାର ଛାତ୍ରୀଛାତ୍ରମାନେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଆଇନ ବିଶ୍ୱବିଦ୍ୟାଳୟରେ ପାଠାଗାର, ଛାତ୍ରାନିବାସ କାର୍ଯ୍ୟ ସରି ନ ଥିବା ଯୋଗୁ ଛାତ୍ରୀଛାତ୍ରମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଥିସହ ନୂତନ ଛାତ୍ରୀଛାତ୍ରମାନଙ୍କ ପାଇଁ ଫି'ରେ ୩୦ହଜାର ଟଙ୍କା ବୃଦ୍ଧି କରାଯାଇଛି। ସିଲାବସ୍‌ରେ ତ୍ରୁଟି ରହିଥିବାରୁ ବିଭିନ୍ନ ପରୀକ୍ଷାରେ ବିଭ୍ରାଟ ଉପୁଜୁଛି। ଅଧାପକଙ୍କ ଦକ୍ଷତା ନିର୍ଣ୍ଣୟ ପରୀକ୍ଷା ଫଳାଫଳ ଏ ପର୍ଯ୍ୟନ୍ତ ବାହାରିନାହିଁ। ଏକାଡେମୀ ବ୍ଲକରେ ଥିବା ଏସିଗୁଡ଼ିକ କାର୍ଯ୍ୟ କରୁନାହିଁ। ଫନୀରେ କ୍ଷତିଗ୍ରସ୍ତ ହୋଇଥିବା କ୍ରୀଡ଼ା ଭିତ୍ତିଭୂମିରେ ଏ ପର୍ଯ୍ୟନ୍ତ ସୁଧାର ଆସିପାରିନାହିଁ ବୋଲି ଛାତ୍ରୀଛାତ୍ରମାନେ ଅଭିଯୋଗ କରିଛନ୍ତି। ଉପରୋକ୍ତ ସମସ୍ୟା ସମ୍ପର୍କରେ ପୂର୍ବରୁ ଅନେକଥର ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଦୃଷ୍ଟିଆକର୍ଷଣ କରାଯାଇଥିଲେ ମଧ ଏ ନେଇ କୌଣସି ପଦକ୍ଷେପ ନିଆଯାଇନାହିଁ। ଯାହାକୁ ନେଇ ବୁଧବାର ଛାତ୍ରୀଛାତ୍ରମାନେ ଧାରଣାରେ ବସିବା ସହ ବିକ୍ଷୋଭ କରିଥିଲେ। କୁଳପତି ଶ୍ରୀକ୍ରିଷ୍ଣା ଦେବାରାଓ ଛାତ୍ରୀଛାତ୍ରଙ୍କୁ ଭେଟି ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ହେଲେ ସମାଧାନ ବାଟ ବାହାରିପାରି ନ ଥିବାରୁ ଛାତ୍ରୀଛାତ୍ରମାନେ ଆନ୍ଦୋଳନ ଜାରି ରଖିଛନ୍ତି। ସମସ୍ୟାର ସମାଧାନ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଚାଲୁ ରହିବ ବୋଲି ଛାତ୍ରୀଛାତ୍ରମାନେ କହିଛନ୍ତି।
ଫଟୋ- ବିଶ୍ୱବିଦ୍ୟାଳୟର ପ୍ରଶାସନିକ କାର୍ଯ୍ୟାଳୟ ସମ୍ମୁଖରେ ଛାତ୍ରୀଛାତ୍ରମାନେ ବିକ୍ଷୋଭ କରୁଛନ୍ତି ।

### ବସ୍‌ରୁ ଭ୍ୟାନିଟ୍ ଚୋରି: ମହିଳା ଗିରଫ

**କଟକ ଅଫିସ,୨୪।୭:** ବସ୍ ଭିତରୁ ଚୋରି କରିବା ଅଭିଯୋଗରେ ବାଦାମବାଡି ପୋଲିସ ଜଣେ ମହିଳାଙ୍କୁ ଗିରଫ କରି ବୁଧବାର କୋର୍ଟଚାଲାଣ କରିଛି। ସେ ହେଲେ ବଡମ୍ବା ଥାନା ଅନ୍ତର୍ଗତ ଗୋପୀନାଥପୁର ଅଞ୍ଚଳର ସୂର୍ଯ୍ୟମଣି ନାୟକ। ବୁଧବାର କଟକର ଅନୁଗୋଳ ବସ୍‌ଷ୍ଟାଣ୍ଡରେ ବସ୍ ଭିତରୁ ଜଣେ ଯୁବତୀଙ୍କ ଭ୍ୟାନିଟ୍ ଚୋରି କରି ସୂର୍ଯ୍ୟମଣି ପଳାଉଥିବାବେଳେ ସ୍ଥାନୀୟ ଲୋକେ ତାଙ୍କୁ କାବୁ କରି ନିସ୍ତୁକ ମାଡ ମାରିବା ସହ ପୋଲିସ ଜିମା ଦେଇଥିଲେ। ପୋଲିସ ତାଙ୍କଠାରୁ ଏଟିଏମ୍ କାର୍ଡ, ୧୭୦୦ ଟଙ୍କା ସମେତ ଭ୍ୟାନିଟ୍ ଜବତ କରିଛି। ଏ ନେଇ ଥାନାରେ ଏକ ମାମଲା(ନଂ.୧୬୨/୧୯) ରୁଜୁ ହୋଇଛି।

### ତାରିଣୀ ମନ୍ଦିର ବାର୍ଷିକ ଉତ୍ସବ

**ମାହାଙ୍ଗା,୨୪।୭(ସ୍ୱ.ପ୍ର.):** ମାହାଙ୍ଗା ବ୍ଲକ ଅନ୍ତର୍ଗତ ଅଲିଯୋଡ଼ାସ୍ଥିତ ଜେଏନ୍ କଲେଜ ଛକଠାରେ ଥିବା ତାରିଣୀ ମନ୍ଦିରର ୧୪ ତମ ବାର୍ଷିକ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପ୍ରତ୍ୟୁଷରୁ ନିକଟସ୍ଥ ଗୋବରୀ ନଦୀରୁ କଳସ ଯାତ୍ରା କରାଯାଇଥିଲା। ପରେ ପୂଜାର୍ଚ୍ଚନା ସହିତ ଯଜ୍ଞାଦି କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ପଣ୍ଡିତ ସୁରେସ ମହାପାତ୍ର ଓ ବଟକୃଷ୍ଣ ଶତପଥୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପୂଜା କାର୍ଯ୍ୟ ହୋଇଥିଲା। ନିରଞ୍ଜନ ସ୍ୱାଇଁ, ଲତିକା ସ୍ୱାଇଁ କର୍ତ୍ତା କାର୍ଯ୍ୟ ତୁଲାଇଥିଲେ। ଗଙ୍ଗାଧର ବିଶ୍ୱାଳ, ପଦ୍ମନାଭ ସ୍ୱାଇଁ, ହୃଷୀକେଶ ସ୍ୱାଇଁ, ଜ୍ଞାନରଞ୍ଜନ ବିଶ୍ୱାଳ, ରବୀନ୍ଦ୍ର ସ୍ୱାଇଁ, ଡମ୍ବରୁଧର ବେହୁରା ଓ ନରେନ୍ଦ୍ର ସ୍ୱାଇଁ ପ୍ରମୁଖ ଯୋଗଦେଇ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

### ରାଶନ ସାମଗ୍ରୀ ବଣ୍ଟନରେ ଅନିୟମିତତା ଅଭିଯୋଗ

**ସାଲେପୁର,୨୪।୭ (ଡି.ଏନ.ଏ.):** ସ୍ଥାନୀୟ ବହୁଗ୍ରାମ ପଞ୍ଚାୟତର ବିଶ୍ୱନାଥପୁର ଗ୍ରାମରେ ରାଶନ ସାମଗ୍ରୀ ବଣ୍ଟନରେ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ଏ ନେଇ ଗ୍ରାମର କେତେଜଣ ହିତାଧିକାରୀ ଅଭିଯୋଗ କରିଛନ୍ତି ଯେ, ସରକାରଙ୍କ ପକ୍ଷରୁ ଦିଆଯାଉଥିବା ଏକ ଟଙ୍କିଆ ଚାଉଳ, ଗହମ ଓ ପ୍ରତି ପରିବାରକୁ ଅଢ଼େଇ ଲିଟର କିରୋସିନ ଠିକ୍‌ରେ ମିଳୁନାହିଁ। ସମ୍ପୃକ୍ତ ଡିଲର୍ ପ୍ରତି ସାମଗ୍ରୀରୁ ୫୦୦ରୁ୬୦୦ ଗ୍ରାମ୍ ଚାଉଳ କମ୍ ଦେଉଛନ୍ତି। ଅଭିଯୋଗ କରିବାରୁ କାର୍ଡ କାଟିଦେବାର ଧମକ ଦେଉଛନ୍ତି। ଜିଲାପାଳ ଏହି ଘଟଣାର ତଦନ୍ତ କରିବାକୁ ସେମାନେ ଦାବି କରିଛନ୍ତି। ଅଭିଯୋଗକୁ ସମ୍ପୃକ୍ତ ଡିଲର ଖଣ୍ଡନ କରିଛନ୍ତି।

■ ସାହାପୁର-୨ ଅଙ୍ଗନୱାଡି କେନ୍ଦ୍ରର ନାହିଁ ନିଜସ୍ୱ ଗୃହ

# ମନ୍ଦିର ପିଣ୍ଡାରେ ଚାଲିଛି ପାଠପଢ଼ା

**ମାହାଙ୍ଗା,୨୪।୭(ସ୍ୱ.ପ୍ର.)**

ଅଙ୍ଗନୱାଡ଼ି କେନ୍ଦ୍ରର କୋମଳମତୀ ଛାତ୍ରୀଛାତ୍ରଙ୍କ ସୁରକ୍ଷା ପାଇଁ ସରକାର ଯୋଜନା ଉପରେ ଯୋଜନା କରିଛନ୍ତି। ହେଲେ ତାହା ଅନେକ ସ୍ଥାନରେ କେବଳ କାଗଜ କଲମରେ ସୀମିତ ରହିଛି। ଏପରି ଏକ ଘଟଣା କଟକ ଜିଲା ମାହାଙ୍ଗା ବ୍ଲକ ଅନ୍ତର୍ଗତ ସାହାପୁର ପଞ୍ଚାୟତସ୍ଥ ସାହାପୁର-୨ ଅଙ୍ଗନୱାଡ଼ି କେନ୍ଦ୍ରରେ ଦେଖିବାକୁ ମିଳିଛି। ଏହି ଅଙ୍ଗନୱାଡି କେନ୍ଦ୍ରଟି ୧୯୯୮ ମସିହାରୁ ଚାଲୁଛି। ହେଲେ ଏହାର ନିଜସ୍ୱ ଗୃହ ନିର୍ମାଣ ହୋଇ ପାରିନାହିଁ। ଫଳରେ ୧୫ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଗ୍ରାମରେ ଥିବା କ୍ଲବ ଘର ବାରଣ୍ଡାରେ କୋମଳମତୀ ଛାତ୍ରୀଛାତ୍ରଙ୍କୁ ପଢା ଯାଉଥିଲା। କିନ୍ତୁ ସେଠାରେ କିଛି ସମସ୍ୟା ହେବାରୁ ଏବେ ୫ ବର୍ଷ ହେବ ଗ୍ରାମରେ ଥିବା ମା' ଅଳସା ଦେବୀଙ୍କ ମନ୍ଦିର ପିଣ୍ଡାରେ ପିଲାଙ୍କୁ ପାଠ ପଢ଼ାଯାଉଛି। ବର୍ତ୍ତମାନ ଏଠାରେ ୨୫ଜଣ ଛାତ୍ରୀଛାତ୍ର ପାଠ ପଢୁଛନ୍ତି। କେନ୍ଦ୍ରର ନିଜସ୍ୱ ଗୃହ ନ ଥିବାରୁ ପିଲାଙ୍କ ଖାଦ୍ୟ, ସାମଗ୍ରୀ ଓ ପାଠ୍ୟ ଉପକରଣ ରଖିବାରେ ଯେତିକି ସମସ୍ୟା ହେଉଛି ତା'ଠାରୁ ଅଧିକ ସମସ୍ୟା ହେଉଛି ରନ୍ଧାଖାଦ୍ୟ ପ୍ରସ୍ତୁତ କରିବାରେ।



ମନ୍ଦିର ପିଣ୍ଡାରେ ଛାତ୍ରୀଛାତ୍ର ପାଠ ପଢୁଛନ୍ତି।

ରୋଷେଇ ଘର ନ ଥିବାରୁ ଖୋଲା ଆକାଶ ତଳେ ଖରା ବର୍ଷାରେ ରୋଷେଇ କରାଯାଉଛି। ଏପରି କି ଯେଉଁ ଦିନ ପିଲା ଅଣ୍ଡା ଖାଇବାର ବ୍ୟବସ୍ଥା ରହିଛି, ମନ୍ଦିର ପରିସର ହୋଇଥିବାରୁ ପିଲାଙ୍କୁ ନିକଟସ୍ଥ ଏକ ଖୋଲାସ୍ଥାନରେ ନେଇ ଖାଇବାକୁ ଦେବାକୁ ପଡୁଛି। ପାଠପଢ଼ା ସ୍ଥାନଟି ଖୋଲା ବାରଣ୍ଡା ହୋଇଥିବାରୁ ବୁଲାଗୋରୁ ଓ କୁକୁରଙ୍କ ଭୟ ରହିଛି। ଏଣୁ ବାଧ ହୋଇ ଗ୍ରାମର ବହୁ ଅଭିଭାବକ ସେମାନଙ୍କ ପିଲାଙ୍କୁ ଆଣି ଏଠାରେ ଜଗି ବସୁଛନ୍ତି।

ଅନ୍ୟପକ୍ଷରେ ଏହି କେନ୍ଦ୍ରର ଏ ପର୍ଯ୍ୟନ୍ତ ନିଜସ୍ୱ ଗୃହ ନ ହୋଇଥିବାରୁ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଗ୍ରାମର ନିଜ ନାତିକୁ ଆଣିଥିବା ଲତା ସିଂହ, ଚପଳା ସାଥୁଆ, ପୂର୍ଣ୍ଣିମା ସାହୁ ପ୍ରମୁଖ ଅଭିଭାବକ କହିଥିଲେ, ପିଲାଙ୍କୁ ଏଠାକୁ ଆଣି ଛାଡ଼ିବାରେ ବହୁ ଅସୁବିଧା ହେଉଛି। ତେଣୁ ପ୍ରଶାସନ ଶୀଘ୍ର ଏହି ସମସ୍ୟାର ସମାଧାନ କରନ୍ତୁ। ଫଳରେ ଆମ ପିଲା ସୁରକ୍ଷିତଭାବେ ଅଧ୍ୟୟନ କରିପାରିବେ। ଏ ସମ୍ପର୍କରେ ଅଙ୍ଗନୱାଡି କର୍ମୀ ଜ୍ୟୋସ୍ନାରାଣୀ

**■ଖୋଲା ଆକାଶତଳେ ପ୍ରସ୍ତୁତ ହେଉଛି ରନ୍ଧାଖାଦ୍ୟ**
**■ଜନସାଧାରଣଙ୍କ ମଧ୍ୟରେ ବଢୁଛି ଅସନ୍ତୋଷ**
**■ଶୀଘ୍ର ସମାଧାନ କରିବାକୁ ବିଡିଓଙ୍କ ପ୍ରତିଶ୍ରୁତି**

ମହାରଣାଙ୍କୁ ପଚାରିବାରୁ ସେ କହିଥିଲ, ନିଜସ୍ୱ ଗୃହ ନ ଥିବାରୁ ବହୁ ଅସୁବିଧା ହେଉଛି। କିନ୍ତୁ ଛାତ୍ରୀଛାତ୍ରଙ୍କୁ ଠିକ୍‌ରେ ଅଧ୍ୟୟନ କରାଯିବା ସହ ରନ୍ଧା ଖାଦ୍ୟ ଓ ଅନ୍ୟ ଉପକରଣ ଦେବାରେ ଅବହେଳା କରାଯାଉନାହିଁ। ମହିଳା ଓ ଶିଶୁ ବିକାଶ ଅଧିକାରୀ ବିଜୟଲକ୍ଷ୍ମୀ ପଣ୍ଡାଙ୍କୁ ପଚାରିବାରୁ ସେ କହିଥିଲେ, ଏହି କେନ୍ଦ୍ରର ନିଜସ୍ୱ ଗୃହ ସମ୍ପର୍କରେ ବ୍ଲକ ପ୍ରଶାସନକୁ ଅବଗତ କରାଯାଇଛି। ସେମାନେ ଯାହା ନିଷ୍ପତ୍ତି ନେବେ। ବିଡିଓ ସୁବୋଧ ଚନ୍ଦ୍ର ଆଚାର୍ଯ୍ୟଙ୍କୁ ପଚାରିବାରୁ ସେ କହିଥିଲେ, ଖୁବଶୀଘ୍ର ସମସ୍ୟାର ସମାଧାନ କରାଯିବ। ଦୀର୍ଘଦିନ ହେବ ସମସ୍ୟା ସମାଧାନ ହୋଇ ନ ଥିବାବେଳେ ଏବେ କିପରି ଶୀଘ୍ର ସମାଧାନ ହେଉଛି ତାହା ଦେଖିବାକୁ ସମସ୍ତଙ୍କ ଅପେକ୍ଷା।

ଖୋଲା ଜିଆଇ ତାରରେ ବେଆଇନ ବିଦ୍ୟୁତ୍ ସଂଯୋଗ

# ଫୁଲ ତୋଳିବାକୁ ଯାଇ ବୃଦ୍ଧାଙ୍କ ଜୀବନ ଗଲା

**ନରସିଂହପୁର,୨୪।୭(ସ୍ୱ.ପ୍ର.)**

ବେଆଇନ ଭାବେ ଖୋଲା ଜିଆଇ ତାରରେ ବିଦ୍ୟୁତ୍ ସଂଯୋଗ କରାଯାଇଥିବାରୁ ଏହାର ସଂସ୍ପର୍ଶରେ ଆସି ଜଣେ ବୃଦ୍ଧାଙ୍କ ବୁଧବାର ମୃତ୍ୟୁ ଘଟିଛି। ମୃତକ ହେଲେ ନରସିଂହପୁର ସଦର ମହକୁମାରେ ଥିବା ପିଠାଖାଇ ଦଳିତ ବସ୍ତିର ବେଙ୍ଗ ବେଓ୍ୱା(୮୫)। ସେ ଘର ବାରିପଟକୁ ଭୋର୍ ୫ଟା ସମୟରେ ଫୁଲ ତୋଳିବାକୁ ଯାଇଥିଲେ। ଏହି ସମୟରେ ଘର ପାଖରେ ଥିବା ଏକ ସରକାରୀ ଠିପିଖୋଲା ମଦଦୋକାନ ନିକଟରେ କଖାରୁ ଗଛ ଚାରିପଟେ ବିଦ୍ୟୁତ୍ ସଂଯୋଗ ଥିବା ଜିଆଇ ତାରକୁ ଛୁଇଁ ଦେଇଥିଲେ। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ବୃଦ୍ଧାଜଣଙ୍କ ଘରକୁ ଫେରିବା ବିଳମ୍ବ ହେବାରୁ ପରିବାର ଲୋକ ବାଡ଼ିପଟକୁ ଯାଇ ଦେଖିବାରୁ ବିଦ୍ୟୁତ୍ ତାର ବୃଦ୍ଧାଙ୍କ ହାତରେ ଲାଗି ରହିଥିଲା। ସେ ସେଠାରେ ମରି ପଡ଼ିଥିଲେ। ଏଭଳି ଦୁଃଖଦ ଘଟଣା ପ୍ରଚାରିତ ହେବା ପରେ ବହୁ ଲୋକ ସେଠାରେ ରୁଣ୍ଡ ହେବା ସହ ଉତ୍ତେଜନା ପ୍ରକାଶ ପାଇଥିଲା। ମଦଦୋକାନରେ କାମ କରୁଥିବା ଲୋକେ ଏଭଳି ବେଆଇନ ବିଦ୍ୟୁତ୍ ସଂଯୋଗ କରିଥିବାରୁ ମଦ ଦୋକାନ ମାଲିକ ଓ ସ୍ଥାନୀୟ ଭଦ୍ରବ୍ୟକ୍ତି ଘଟଣାସ୍ଥଳରେ ପହଞ୍ଚି ମୃତ ବୃଦ୍ଧାଙ୍କ ପରିବାର ସହ ଆଲୋଚନା କରି ଘଟଣାର ସମାଧାନ କରିଥିଲେ। ଏ ନେଇ ମୃତ ବୃଦ୍ଧାଙ୍କ ପରିବାର ପକ୍ଷରୁ ଥାନାରେ ଏତଲା ଦିଆଯାଇନାହିଁ। ଉଭୟଙ୍କ ମଧ୍ୟରେ ଆପୋସ ସମାଧାନ ହୋଇଛି ବୋଲି ଥାନା ଅଧିକାରୀ ଲିଙ୍ଗରାଜ ଲେଙ୍କା ସୂଚନା ଦେଇଛନ୍ତି। ଭବିଷ୍ୟତରେ ଏଭଳି ଭୁଲ୍ କେବେ ହେବନାହିଁ ବୋଲି ମଦଦୋକାନ ମାଲିକ ଶଶିଭୂଷଣ ରାଉତ ପ୍ରତିକ୍ରିୟାରେ କହିଛନ୍ତି।

■ ଅଧାରେ ଅଟକିଛି ଡ୍ରେନ୍ କାର୍ଯ୍ୟ

# ବର୍ଷା ହେଲେ ସ୍କୁଲରେ ପଶୁଛି ଆବର୍ଜନା



ହାଇସ୍କୁଲ ମୁଖ୍ୟ ଫାଟକ ସମ୍ମୁଖରେ ଥିବା ଅର୍ଦ୍ଧନିର୍ମିତ ଡ୍ରେନ୍।

**ତିଗିରିଆ,୨୪।୭(ଡି.ଏନ.ଏ.)**

ଖୁଣ୍ଟୁଣୀ-ନରସିଂହପୁର ରାଜ୍ୟ ରାଜପଥ ପ୍ରଶସ୍ତୀକରଣ କାର୍ଯ୍ୟ ଚାଲିଛି। ସେହି ଅନୁସାରେ ତିଗିରିଆ ବ୍ଲକ ଅଧୀନ ନୂଆପାଟଣାଠାରେ ରାସ୍ତା ପାର୍ଶ୍ୱରେ ଥିବା ଡ୍ରେନ କାର୍ଯ୍ୟ ଚାଲୁଥିଲା। ତେବେ ୬ ମାସ ହେବ ଏହି କାର୍ଯ୍ୟ ନୂଆପାଟଣା ଅର୍ଜୁନ ସୁବୁଦ୍ଧି ହାଇସ୍କୁଲ ମୁଖ୍ୟ ଫାଟକ ସମ୍ମୁଖରେ ଅଟକି ରହିଛି। ଏଥିଯୋଗୁ ଡ୍ରେନ୍‌ରେ ଜଳ ନିଷ୍କାସନରେ ବାଧା ସୃଷ୍ଟି ହୋଇଛି। ଫଳରେ ସାମାନ୍ୟ ବର୍ଷା ହେଲେ ସ୍କୁଲ ପରିସରରେ ଆବର୍ଜନା ପଶୁଛି। ଯଦ୍ୱାରା ସ୍କୁଲ ପରିବେଶ ପ୍ରଦୂଷିତ ହେଉଛି। ଶିକ୍ଷାଦାନ ମଧ ବାଧାପ୍ରାପ୍ତ ହେଉଛି। ନିର୍ମାଣାଧୀନ ଡ୍ରେନର ଉଚ୍ଚା ଲୁହା ଛଡ଼ ସବୁ ବାହାରି ରହିଥିବା ବେଳେ ଉପରେ ଛାତ ପଡ଼ି ନ ଥିବାରୁ ବର୍ଷାଜଳରେ ବଜାର ସମୂହର ଆବର୍ଜନା ସ୍କୁଲ ହତାକୁ ପ୍ରବେଶ କରୁଛି। ସେହିପରି ଶିକ୍ଷାର୍ଥୀଙ୍କ ସାଇକେଲ ଷ୍ଟାଣ୍ଡ ମଧ ଆବର୍ଜନା ଜଳରେ ଭର୍ତ୍ତି ହୋଇ ରହୁଛି। ଏନେଇ ବିଦ୍ୟାଳୟ ପ୍ରଧାନଶିକ୍ଷକ ବାରମ୍ବାର ଠିକା ସଂସ୍ଥା ଅଧିକାରୀଙ୍କଠାରୁ ଆରମ୍ଭ କରି ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଇଥିଲେ ମଧ ଅଦ୍ୟାବଧି କୌଣସି ସୁଫଳ ମିଳିପାରି ନ ଥିବା ଅଭିଯୋଗ କରିଛନ୍ତି। ଉକ୍ତ ବିଦ୍ୟାଳୟରେ ଚଳିତ ଶିକ୍ଷା ବର୍ଷରେ ନବମ ଓ ଦଶମ ଶ୍ରେଣୀରେ ମୋଟ୍ ୧୯୬ ଶିକ୍ଷାର୍ଥୀ ଅଧ୍ୟୟନରତ ଅଛନ୍ତି। ତେଣୁ ସେମାନଙ୍କୁ ବିପଦ ପୂର୍ଣ୍ଣ ମୁକୁଳା ଡ୍ରେନରୁ ସୁରକ୍ଷା ଦେବା ପାଇଁ ଶିକ୍ଷକମାନେ ଫାଟକଠାରେ ଶିକ୍ଷାର୍ଥୀଙ୍କ ଯାତାୟାତ ସମୟରେ ଜଗି ରହୁଛନ୍ତି। ଏହାର ସମାଧାନ ଦିଗରେ ସ୍ଥାନୀୟ ଓ ଜିଲା ପ୍ରଶାସନ ଦୃଷ୍ଟିଦେବାକୁ ଶିକ୍ଷକ, ଅଭିଭାବକ ଓ ଛାତ୍ରୀଛାତ୍ର ଦାବି କରିଛନ୍ତି।

■ ପୋଖରୀ ଜଳ ବଣ୍ଟନକୁ ବିରୋଧ ଘଟଣା

# ପ୍ରଶାସନିକ ଆଲୋଚନା ପରେ ହେଲା ସମାଧାନ

**ନରସିଂହପୁର,୨୪।୭(ସ୍ୱ.ପ୍ର.)**

ପୋଖରୀ ଜଳ ବଣ୍ଟନକୁ ବିରୋଧ କରି ମଙ୍ଗଳବାର ନରସିଂହପୁର ବ୍ଲକ ଅଧୀନ ସାଗର ପଞ୍ଚାୟତର ସାଗର ଗ୍ରାମବାସୀ ତହସିଲ କାର୍ଯ୍ୟାଳୟ ଘେରାଉ କରିଥିଲେ। ବୁଧବାର ତହସିଲଦାର ଏ ନେଇ ସାଗର ସହିତ ପାଞ୍ଚଗୋଛିଆ ଗ୍ରାମ ମଧ୍ୟରେ ଆଲୋଚନା କରି ବିବାଦର ସମାଧାନ କରିଛନ୍ତି। ଉଭୟ ଗ୍ରାମର ଶତାଧିକ ମହିଳା ଓ ପୁରୁଷ ତହସିଲ କାର୍ଯ୍ୟାଳୟ ଆଗରେ ରୁଣ୍ଡ ହୋଇଥିଲେ। ଉଭୟ ପକ୍ଷରୁ ୧୦ଜଣ ଲେଖାଏ ମୁରବୀ ଲୋକଙ୍କୁ ନେଇ ତହସିଲଦାର ରାଜକିଶୋର ଜେନାଙ୍କ ତତ୍ତ୍ୱାବଧାନରେ ଏକ ଆଲୋଚନା କରାଯାଇ ବିବାଦର ସମାଧାନ କରାଯାଇଥିଲା। ଉଭୟ ଗ୍ରାମର ସୁବିଧା ପାଇଁ ବନ୍ଧର ୨୦ ଫୁଟ ଦୂରତାରେ ୨ଟି କେନାଲ କରାଯିବ ଓ ଜଳ ବଣ୍ଟନକୁ ନିୟନ୍ତ୍ରିତ କରିବା ପାଇଁ ୨ଟି ରେଗୁଲେଟର ସଂଯୋଗ କରାଯିବ ବୋଲି ନିଷ୍ପତ୍ତି ହୋଇଥିଲା। ବୈଠକରେ କ୍ଷୁଦ୍ର ଜଳସେଚନ ବିଭାଗର କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଶଶାଙ୍କ ଶେଖର ପାଢ଼ୀ, ଏସ୍‌ଡିଓ ପ୍ରଭାତ କୁମାର ଧଳ ଓ ସହକାରୀ ଯନ୍ତ୍ରୀ ସୁବାସ ମେହେର ଉପସ୍ଥିତ ଥିଲେ। ଉଭୟ ଗ୍ରାମର ବ୍ୟକ୍ତିଙ୍କୁ ନେଇ ଏକ ଜଳବଣ୍ଟନ ପରିଚାଳନା କମିଟି ଗଠନ କରାଯାଇଛି। ସୂଚନାଯୋଗ୍ୟ, ପାଞ୍ଚଗୋଛିଆ ଗ୍ରାମ ନିକଟରେ ଥିବା ଏକ ପୋଖରୀର ବନ୍ଧହୁଡ଼ାକୁ ହାଣି ପାଞ୍ଚଗୋଛିଆ ଗ୍ରାମବାସୀ ଚାଷ ଜମିକୁ ପାଣି ନେଇଥିବାରୁ ତଳମୁଣ୍ଡରେ ଥିବା ସାଗର ଗ୍ରାମକୁ ପାଣି ଆସୁ ନ ଥିଲା। ଏହାକୁ ନେଇ ସାଗର ଗ୍ରାମାବସୀ ତହସିଲ ତାର୍ଯ୍ୟାଳୟ ଘେରାଉ କରିଥିଲେ। ଉଭୟ ଗ୍ରାମବାସୀଙ୍କ ସହିତ ଆଲୋଚନା ପରେ ଘଟଣାର ସ୍ଥାୟୀ ସମାଧାନ କରାଯାଇଛି ବୋଲି ତହସିଲଦାର ଜେନା କହିଛନ୍ତି।

### ହାଇସ୍କୁଲ୍‌ରେ ଫାଇଲେରିଆ ସଚେତନତା

**ଆଠଗଡ଼,୨୪।୭(ସ୍ୱ.ପ୍ର.)**

ଆଠଗଡ଼ ବ୍ଲକ ଯୋରନ୍ଦାସ୍ଥିତ ମାଧବ ସାମନ୍ତସିଂହାର ବିଦ୍ୟାପୀଠରେ ଆସନ୍ତା ଅଗଷ୍ଟ ୮ରେ ହେବାକୁ ଥିବା ସାର୍ବଜନୀନ ଔଷଧ ସେବନ କାର୍ଯ୍ୟକ୍ରମର ସଫଳତା ପାଇଁ ଏକ ସଚେତନତା କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ମିଶନ ଦ୍ୱାରା ଆୟୋଜିତ ହେବାକୁ ଥିବା ଏହି କାର୍ଯ୍ୟକ୍ରମ ମାଧ୍ୟମରେ ୨-୫ ବର୍ଷ, ୬-୧୪ବର୍ଷ ଏବଂ ୧୪ବର୍ଷରୁ ଊର୍ଦ୍ଧ୍ୱ ପିଲାଙ୍କୁ ଫାଇଲେରିଆ ଓ କୃମି ଔଷଧ ବଣ୍ଟନ କରାଯିବ। ଏମ୍‌ଏସ୍‌ଏସ୍ ବିଦ୍ୟାପୀଠ ସ୍କାଉଟ୍ସ ସହାୟତାରେ ଅନୁଷ୍ଠିତ ସଚେତନତା କାର୍ଯ୍ୟକ୍ରମରେ ବ୍ଲକ କାର୍ଯ୍ୟକ୍ରମ ପରିଚାଳକ ଦୀପନ ଦିଗଲ ଯୋଗଦେଇ ଔଷଧ ବଣ୍ଟନ କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ବୁଝାଇଥିଲେ। ସ୍କୁଲ୍ ପ୍ରଧାନଶିକ୍ଷକ ପ୍ରଦୀପ୍ତ କୁମାର ସାହୁଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶିକ୍ଷକ ମାନସ କୁମାର ସାହୁ, ଶିକ୍ଷୟିତ୍ରୀ ଅନୁସୂୟା ନାୟକ, ଶାନ୍ତାକୁମାରୀ ସେଠୀ ଓ ଅନ୍ୟ ପରିଚାଳନାରେ ସହଯୋଗ କରିଥିଲେ। ସ୍କାଉଟ୍ସ ଓ ଅନ୍ୟ ଛାତ୍ରୀଛାତ୍ର ଏକ ସଚେତନତା ଶୋଭାଯାତ୍ରାରେ ଯୋରନ୍ଦା ଗ୍ରାମ ପରିକ୍ରମା କରିଥିଲେ। ଏହାପରେ ସ୍କୁଲ ପରିସରରେ ଏ ନେଇ ଏକ ଶପଥପାଠ କରାଯାଇଥିଲା। ସ୍କାଉଟ୍ସ ମାଷ୍ଟର ତଥା ଶିକ୍ଷକ ସନ୍ତୋଷ ତ୍ରିପାଠୀ କାର୍ଯ୍ୟକ୍ରମ ସଂଯୋଜନା କରିବା ସହ ଧନ୍ୟବାଦ ଦେଇଥିଲେ।



ଆଠଗଡ଼ ବ୍ଲକ ଯୋରନ୍ଦାସ୍ଥିତ ମାଧବ ସାମନ୍ତସିଂହାର ବିଦ୍ୟାପୀଠରେ ଫାଇଲେରିଆ ସଚେତନତା ନେଇ ଶପଥପାଠ କରାଯାଉଛି।

ଜାଇକା ପ୍ରକଳ୍ପର ଅଗ୍ରଗତି ସମୀକ୍ଷା କଲେ ମନ୍ତ୍ରୀ

# ୨୦୨୦ ଡିସେମ୍ବର ସୁଦ୍ଧା ସରିବ କାର୍ଯ୍ୟ

**ଭୁବନେଶ୍ୱର, ୨୪।୭(ବ୍ୟୁରୋ)**

କଟକ ସହରର ପରିମଳ ବ୍ୟବସ୍ଥା ସୁଦୃଢ଼ୀକରଣ ନିମନ୍ତେ ଜାଇକା ପକ୍ଷରୁ କାର୍ଯ୍ୟକାରୀ ହେଉଥିବା ୨,୯୭୪ କୋଟି ଟଙ୍କାର ପ୍ରକଳ୍ପ ଅଗ୍ରଗତି ସମ୍ପର୍କରେ ପଞ୍ଚାୟତିରାଜ ଓ ପାନୀୟ ଜଳ, ଆଇନ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ପ୍ରତାପ ଜେନା ସମୀକ୍ଷା କରିଛନ୍ତି। ବୁଧବାର ମନ୍ତ୍ରୀ ଜେନାଙ୍କ ଅଧକ୍ଷତାରେ ସଚିବାଳୟସ୍ଥ ପ୍ରକୋଷ୍ଠରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ଜଣାପଡ଼ିଛି ଯେ, ୨୦୨୦ ସେପ୍ଟେମ୍ବର ସୁଦ୍ଧା କଟକ ଓ ଡିସେମ୍ବର ସୁଦ୍ଧା ଭୁବନେଶ୍ୱରରେ ଜାଇକା ପ୍ରକଳ୍ପ କାର୍ଯ୍ୟ ସମ୍ପୂର୍ଣ୍ଣ ହେବ।

ବର୍ତ୍ତମାନ ସୁଦ୍ଧା କଟକ ସହରରେ ୩୮୫ କିମି ସ୍ୱେରେଜ୍ ଲାଇନ୍‌ରୁ ୨୮୫ କିମିର କାର୍ଯ୍ୟ ସମାପ୍ତ ହୋଇଛି। ତେବେ କଟକରେ ସେପ୍ଟେମ୍ବର ୨୦୨୦ ସୁଦ୍ଧା ଜାଇକା ପ୍ରକଳ୍ପ କାର୍ଯ୍ୟ ସରିବା ପରେ ଡ୍ରେନେଜ୍ କାର୍ଯ୍ୟ ୨୦୨୧ ଜୁଲାଇରେ ସରିବ ବୋଲି ମନ୍ତ୍ରୀଙ୍କୁ ଅବଗତ କରାଯାଇଛି। ଜାଇକା ପକ୍ଷରୁ କଟକ ସହରରେ ସର୍ବେକ୍ଷଣ କରାଯାଇ ପ୍ରତ୍ୟେକ ଘରକୁ ସ୍ୱେରେଜ୍ ସଂଯୋଗ ପାଇଁ ପଦକ୍ଷେପ ନିଆଯାଇଛି। ସଂଯୋଗୀକରଣ ଶେଷ ହେବା ପରେ ବର୍ଜ୍ୟବସ୍ତୁ ପରିଚାଳନା କରାଯିବ ବୋଲି ବିଭାଗୀୟ ଅଧିକାରୀ ମନ୍ତ୍ରୀଙ୍କୁ ଜଣାଇଛନ୍ତି। ଏହା ବ୍ୟତୀତ କଟକ ସମାଜ କାର୍ଯ୍ୟାଳୟଠାରୁ ମାତୃଭବନ ପର୍ଯ୍ୟନ୍ତ ଦୀର୍ଘ ୩.୪ କିମି ରାସ୍ତାରେ ବକ୍ସ ଡ୍ରେନ୍ ନିର୍ମାଣ କାର୍ଯ୍ୟ ୨୦୨୧ ଜୁଲାଇରେ ଶେଷ ହେବ। ଏହି ବକ୍ସ ଡ୍ରେନ ଉପରେ ଯାନବାହନ ଚଳାଚଳ ସମ୍ଭବ ହୋଇପାରିବ। ସେହିପରି ପୋଲିସ୍ କଲୋନୀ ଏବଂ ବିଦ୍ୟାଧରପୁରଠାରେ ଜାଇକା ପକ୍ଷରୁ ନିର୍ମିତ ଦୁଇଟି ପମ୍ପିଂ ଷ୍ଟେଶନ୍‌ର କାର୍ଯ୍ୟ ସମାପ୍ତ ହୋଇଥିବା ବେଳେ ମତ୍ତଗଜପୁର ଓ ଗୁଲୁଗୁଳିଠାରେ ଆଉ ଦୁଇଟି ପମ୍ପିଂ ଷ୍ଟେଶନ୍ ୨୦୧୯ ସେପ୍ଟେମ୍ବରରେ ଏବଂ ଖାନନଗରଠାରେ ମାର୍ଚ୍ଚ ୨୦୨୦ ସୁଦ୍ଧା ଗୋଟିଏ ପମ୍ପିଂ ଷ୍ଟେଶନ୍ କାର୍ଯ୍ୟ ସମାପ୍ତ ହେବ ବୋଲି ବୈଠକରେ ଜାଇକାର ଯନ୍ତ୍ରୀମାନେ କହିଛନ୍ତି। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ସାଲେପୁର ବିଧାୟକ ପ୍ରଶାନ୍ତ କୁମାର ବେହେରା, କଟକ ଜିଲାପାଳ ଭବାନୀ ଶଙ୍କର ଚୟନୀ, ଜାଇକାର ପ୍ରକଳ୍ପ ନିର୍ଦ୍ଦେଶକ ବସନ୍ତ କୁମର ପରିଡ଼ା, ମୁଖ୍ୟଯନ୍ତ୍ରୀ ଟି.ବି.କେ. ସ୍ୱର୍ଫ, ନିର୍ବାହୀ ଯନ୍ତ୍ରୀ (ସ୍ୱେରେଜ୍) ବିକ୍ରମ ମିଶ୍ର, ସିଏମ୍‌ସିର ପୂର୍ବତନ କର୍ପୋରେଟର ରଞ୍ଜନ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

# ମିଠାଦୋକାନ ଉପରକୁ ବୋମାମାଡ଼

**କଟକ ଅଫିସ,୨୪।୭**

ବାଦାମବାଡି ଥାନା ଅନ୍ତର୍ଗତ ଖାନ୍‌ନଗର ଦୁର୍ଗାମଣ୍ଡପ ନିକଟ ନାଥସାହୁ ମିଠା ଦୋକାନ ଉପରକୁ ବୁଧବାର ସକାଳେ ବୋମାମାଡ ହୋଇଛି। ୨ଜଣ ଦୁର୍ବୃତ୍ତ ମୁହଁରେ କପଡା ବାନ୍ଧି ଏକ ବାଇକରେ ଆସି ଗୋଟିଏ ବୋମା ଫିଙ୍ଗି ଫେରାର ହୋଇଯାଇଛନ୍ତି। ବୋମା ମାଡରେ ଦୋକାନର ସମ୍ମୁଖ କାନ୍ଥ ଭାଙ୍ଗି ଯାଇଥିବାବେଳେ କେହି ଆହତ ହୋଇ ନ ଥିବା ଜଣାପଡିଛି। ଏ ନେଇ ଦୋକାନ ମାଲିକ ପ୍ରତାପ କୁମାର ସାହୁ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ.୧୬୩/୧୯) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ତେବେ ପୂର୍ବ ଶତ୍ରୁତାକୁ ନେଇ ବୋମାମାଡ ହୋଇଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ପ୍ରତାପ ଖାନ୍‌ନଗର ଯୁବକ ସଂଘର ସମ୍ପାଦକ।

ପ୍ରତାପଙ୍କ ଅଭିଯୋଗ ଅନୁଯାୟୀ, ସାହିରେ ହେଉଥିବା ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟରେ ସେ ସାମିଲ ହୋଇଥାନ୍ତି। ଗତବର୍ଷ ଖାନ୍‌ନଗରରେ ଜଣେ ଠିକାଦାର ଡ୍ରେନେଜ କାମ କରୁଥିବାବେଳେ ନିମ୍ନମାନରେ କାମ ହେଉଛି ବୋଲି ପ୍ରତାପ ଅଭିଯୋଗ କରିଥିଲେ। ଯେଉଁଥିପାଇଁ ସିଏମ୍‌ସି ପକ୍ଷରୁ ଠିକାଦାରଙ୍କ ଟେଣ୍ଡର ରଦ୍ଦ କରାଯାଇଥିଲା। ପରେ ଉକ୍ତ ଠିକାଦାର ପ୍ରତାପଙ୍କୁ ଧମକ ଦେଇଥିଲେ। ଏହାଛଡା ବାଲିଘାଟ ସମ୍ମୁଖ ସରକାରୀ ଜମିରେ ପ୍ରତିବର୍ଷ ଖାନ୍‌ନଗର ଯୁବକ ସଂଘ ପକ୍ଷରୁ ଗଣେଶ ପୂଜା ଅନୁଷ୍ଠିତ ହୋଇଆସୁଥିଲା। ସାହିର କେତେଜଣ ଯୁବକ ଏହାକୁ ନିଜ ଜାଗା କହି ଅବରୋଧ କରିଥିଲେ। ହେଲେ ଏହାକୁ ପ୍ରତାପ ବିରୋଧ କରିଥିଲେ। ଏହିସବୁ କାରଣକୁ ନେଇ ତାଙ୍କ ଉପରେ ବୋମାମାଡ ହୋଇଥିବା ସନ୍ଦେହ କରୁଛନ୍ତି ବୋଲି ପ୍ରତାପ କହିଛନ୍ତି।





ସିସିଟିଭି ଫୁଟେଜରେ କଏଦ ହୋଇଥିବା ବୋମାମାଡ଼ ସମୟର ଦୃଶ୍ୟ। ବୋମାମାଡ଼ରେ କ୍ଷତିଗ୍ରସ୍ତ କାନ୍ଥ।

**■୩ ବୋମା ଆଣିଥିଲେ, ଗୋଟିଏ ପକାଇଲେ**
**■ସିସିଟିଭି ଫୁଟେଜ ଯାଞ୍ଚ କଲା ପୋଲିସ**

ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ବୁଧବାର ମିଠା ଦୋକାନରେ ପ୍ରତାପଙ୍କ ବାପା ରବୀନ୍ଦ୍ର ନାଥ ସାହୁ, ଦୋକାନ କର୍ମଚାରୀ ଓ କେତେଜଣ ଗ୍ରାହକ ଥିଲେ। ପୂର୍ବାହ୍ନ ପ୍ରାୟ ୯ଟା ୨୩ ମିନିଟରେ ଦୁଇଜଣ ଦୁର୍ବୃତ୍ତ ମୁହଁରେ ଗାମୁଛା ବାନ୍ଧି ଏକ ବାଇକରେ ଆସିଥିଲେ। ଦୋକାନ ଉପରକୁ ସେମାନଙ୍କ ମଧ୍ୟରୁ ଜଣେ ଗୋଟିଏ ବୋମା ପକାଇଥିଲେ। ଫଳରେ ବୋମା ପ୍ରଚଣ୍ଡ ଶବ୍ଦ ହେବା ସହ ଘଟଣାସ୍ଥଳ ଧୂଆଁମୟ ହୋଇଯାଇଥିଲା। ଦୁର୍ବୃତ୍ତମାନେ ବୋମା ମାଡ କରି ପଳାଇ ଯାଉଥିବାବେଳେ ପାଖ ଦୋକାନରେ ପ୍ରତାପ ସେମାନଙ୍କୁ ଧରିବାକୁ ପ୍ରୟାସ କରିଥିଲେ। ହେଲେ ଦୁର୍ବୃତ୍ତଙ୍କ ହାତରେ ଆଉ ଦୁଇଟି ବୋମା ଥିବା ଦେଖି ପ୍ରତାପ ସେମାନଙ୍କ ପିଛା କରି ନ ଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିବାବେଳେ ମିଠା ଦୋକାନ ଏବଂ ପାଖ ଦୋକାନରେ ଲାଗିଥିବା ସିସିଟିଭି ଫୁଟେଜ୍ ଯାଞ୍ଚ କରିଛି। ଏଥିସହ ସ୍ଥାନୀୟ ଲୋକଙ୍କୁ ପଚରାଉଚରା କରିଛି।



ଯଦି ସାଧନାରେ ଉନ୍ନତି ଲାଭ କରିବାକୁ ଚାହଁ, ତେବେ କପଟତା ତ୍ୟାଗ କର।

- ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର



## ସଂକ୍ଷେପରେ

### ଏସ୍‌ସିବି ମେଡିକାଲରେ ରୋଗୀଙ୍କୁ ଅବହେଳା ଓଏଚ୍‌ଆରସିରେ ଅଭିଯୋଗ

**କଟକ ଅଫିସ, ୨୪।୭:** ଏସ୍‌ସିବି ମେଡିକାଲରେ ରୋଗୀଙ୍କୁ ଅବହେଳା କରାଯାଉଛି। ଜଣେ ଯୁବତୀ ଏସ୍‌ସିବି ମେଡିକାଲ ସେଣ୍ଟ୍ରାଲ ଆଇସିୟୁରେ ବେଡ ନଂ.୧ରେ ଚିକିତ୍ସିତ ହେଉଥିବାବେଳେ ଠିକ୍ ଭାବରେ ତାଙ୍କ ଚିକିତ୍ସା ଓ ଦେଖାଶୁଣା କରାଯାଉନାହିଁ। ଏପରି କି ତାଙ୍କୁ ଠିକ୍‌ଭାବେ ଔଷଧ ଓ ଖାଦ୍ୟ ମିଳୁନି। ରୋଗୀଙ୍କୁ ତରଳ ଖାଦ୍ୟ ଦେବା ପାଇଁ ଡାକ୍ତର କହିଥିବାବେଳେ ଡାକ୍ତରଖାନା ପକ୍ଷରୁ ଏଥିରେ ଅନିୟମିତତା କରାଯାଉଛି। ଏ ନେଇ ସାମାଜିକ କର୍ମୀ ଅଚ୍ୟୁତ କୁମାର ସାହୁ ବୁଧବାର ରାଜ୍ୟ ମାନବାଧିକାର କମିଶନ(ଓଚ୍‌ଆରସି)ଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଏହି ବିଷୟ ପ୍ରତି ଦୃଷ୍ଟି ଦେବା ସହ ଏଥିରେ ଅବହେଳା କରୁଥିବା ଅଧିକାରୀ ଏବଂ କର୍ମଚାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗହଣ କରିବାକୁ ସେ ଦାବି କରିଛନ୍ତି। କିଛିଦିନ ତଳେ ପୁରୀ-କୋଣାର୍କ ମେରାଇନ୍ ଡ୍ରାଇଭ ରାସ୍ତାର ଲିଆଖିଆ ବ୍ରିଜ ନିକଟରେ ଏକ ଦୁର୍ଘଟଣା ଘଟିଥିଲା। ଏଥିରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିବାବେଳେ ତାଙ୍କ ସହ ଥିବା ଯୁବତୀ ଗୁରୁତର ହୋଇଥିଲେ। ଚିକିତ୍ସା ଲାଗି ଯୁବତୀଙ୍କୁ ପ୍ରଥମେ ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ଗତ ୧୦ ତାରିଖରେ ଏସ୍‌ସିବି ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା।

### ବସ୍‌ରୁ ଭ୍ୟାନିଟ୍ ଚୋରି : ମହିଳା ଗିରଫ

**କଟକ ଅଫିସ,୨୪।୭:** ବସ୍ ଭିତରୁ ଚୋରି କରିବା ଅଭିଯୋଗରେ ବାଦାମବାଡି ପୋଲିସ ଜଣେ ମହିଳାଙ୍କୁ ଗିରଫ କରି ବୁଧବାର କୋର୍ଟଚାଲାଣ କରିଛି। ସେ ହେଲେ ବଡମ୍ବା ଥାନା ଅନ୍ତର୍ଗତ ଗୋପୀନାଥପୁର ଅଞ୍ଚଳର ସୂର୍ଯ୍ୟମଣି ନାୟକ। ବୁଧବାର କଟକର ଅନୁଗୋଳ ବସ୍‌ଷ୍ଟାଣ୍ଡରେ ବସ୍ ଭିତରୁ ଜଣେ ଯୁବତୀଙ୍କ ଭ୍ୟାନିଟ୍ ଚୋରି କରି ସୂର୍ଯ୍ୟମଣି ପଳାଉଥିବାବେଳେ ସ୍ଥାନୀୟ ଲୋକେ ତାଙ୍କୁ କାବୁ କରି ନିସ୍ତୁକ ମାଡ ମାରିବା ସହ ପୋଲିସ ଜିମା ଦେଇଥିଲେ। ପୋଲିସ ତାଙ୍କଠାରୁ ଏଟିଏମ୍ କାର୍ଡ, ୧୭୦୦ ଟଙ୍କା ସମେତ ଭ୍ୟାନିଟ୍ ଜବତ କରିଛି। ଏ ନେଇ ଥାନାରେ ଏକ ମାମଲା(ନଂ.୧୬୨/୧୯) ରୁଜୁ ହୋଇଛି।

### ଅଧାପକଙ୍କ ବିୟୋଗରେ ସ୍ମୃତି ସଭା

**ଚୌଦ୍ୱାର,୨୪।୭(ଡି.ଏନ୍.ଏ.):** କଖଡ଼ି କନିଷ୍ଠ ମହାବିଦ୍ୟାଳୟର ଓଡ଼ିଆ ଅଧାପକ ଡ. ଅମିତାଭ ବେହେରାଙ୍କ ବିୟୋଗରେ କଲେଜ ପରିସରରେ ବୁଧବାର ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷ ରଞ୍ଜିତ୍ ସ୍ୱାଇଁଙ୍କ ଅଧକ୍ଷତାରେ ଆୟୋଜିତ ସଭାରେ ଅଧାପିକା ଅଧାପକ ଓ ଛାତ୍ରୀଛାତ୍ରମାନେ ଯୋଗଦେଇଥିଲେ। ମଙ୍ଗଳବାର ବିଳମ୍ବିତ ରାତିରେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ଚିକିତ୍ସାଳୟରେ ଅଧାପକ ଡ. ବେହେରାଙ୍କ ମୃତ୍ୟୁ ଘଟିଥିଲା।

# ମିଠା ଦୋକାନ ଉପରକୁ ବୋମାମାଡ଼

**କଟକ ଅଫିସ,୨୪।୭**





ସିସିଟିଭି ଫୁଟେଜରେ କଏଦ ହୋଇଥିବା ବୋମାମାଡ଼ ସମୟର ଦୃଶ୍ୟ। ବୋମାମାଡ଼ରେ କ୍ଷତିଗ୍ରସ୍ତ କାନ୍ଥ।

ବାଦାମବାଡି ଥାନା ଅନ୍ତର୍ଗତ ଖାନ୍‌ନଗର ଦୁର୍ଗାମଣ୍ଡପ ନିକଟ ନାଥସାହୁ ମିଠା ଦୋକାନ ଉପରକୁ ବୁଧବାର ସକାଳେ ବୋମାମାଡ ହୋଇଛି। ୨ଜଣ ଦୁର୍ବୃତ୍ତ ମୁହଁରେ କପଡା ବାନ୍ଧି ଏକ ବାଇକରେ ଆସି ଗୋଟିଏ ବୋମା ଫିଙ୍ଗି ଫେରାର ହୋଇଯାଇଛନ୍ତି। ବୋମା ମାଡରେ ଦୋକାନର ସମ୍ମୁଖ କାନ୍ଥ ଭାଙ୍ଗି ଯାଇଥିବାବେଳେ କେହି ଆହତ ହୋଇ ନ ଥିବା ଜଣାପଡିଛି। ଏ ନେଇ ଦୋକାନ ମାଲିକ ପ୍ରତାପ କୁମାର ସାହୁ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ.୧୬୩/୧୯) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ତେବେ ପୂର୍ବ ଶତ୍ରୁତାକୁ ନେଇ ବୋମାମାଡ ହୋଇଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ପ୍ରତାପ ଖାନ୍‌ନଗର ଯୁବକ ସଂଘର ସମ୍ପାଦକ।

ପ୍ରତାପଙ୍କ ଅଭିଯୋଗ ଅନୁଯାୟୀ, ସାହିରେ ହେଉଥିବା ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟରେ ସେ ସାମିଲ ହୋଇଥାନ୍ତି। ଗତବର୍ଷ ଖାନ୍‌ନଗରରେ ଜଣେ ଠିକାଦାର ଡ୍ରେନେଜ କାମ କରୁଥିବାବେଳେ ନିମ୍ନମାନରେ କାମ ହେଉଛି ବୋଲି ପ୍ରତାପ ଅଭିଯୋଗ କରିଥିଲେ। ଯେଉଁଥିପାଇଁ ସିଏମ୍‌ସି ପକ୍ଷରୁ ଠିକାଦାରଙ୍କ ଟେଣ୍ଡର ରଦ୍ଦ କରାଯାଇଥିଲା। ପରେ ଉକ୍ତ ଠିକାଦାର ପ୍ରତାପଙ୍କୁ ଧମକ ଦେଇଥିଲେ। ଏହାଛଡା ବାଲିଘାଟ ସମ୍ମୁଖ ସରକାରୀ ଜମିରେ ପ୍ରତିବର୍ଷ ଖାନ୍‌ନଗର ଯୁବକ ସଂଘ ପକ୍ଷରୁ ଗଣେଶ ପୂଜା ଅନୁଷ୍ଠିତ ହୋଇଆସୁଥିଲା। ସାହିର କେତେଜଣ ଯୁବକ ଏହାକୁ ନିଜ ଜାଗା କହି ଅବରୋଧ କରିଥିଲେ। ହେଲେ ଏହାକୁ ପ୍ରତାପ ବିରୋଧ କରିଥିଲେ। ଏହିସବୁ କାରଣକୁ ନେଇ ତାଙ୍କ ଉପରେ ବୋମାମାଡ ହୋଇଥିବା ସନ୍ଦେହ କରୁଛନ୍ତି ବୋଲି ପ୍ରତାପ କହିଛନ୍ତି।

**■୩ ବୋମା ଆଣିଥିଲେ, ଗୋଟିଏ ପକାଇଲେ**

**■ସିସିଟିଭି ଫୁଟେଜ ଯାଞ୍ଚ କଲା ପୋଲିସ**

ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ବୁଧବାର ମିଠା ଦୋକାନରେ ପ୍ରତାପଙ୍କ ବାପା ରବୀନ୍ଦ୍ର ନାଥ ସାହୁ, ଦୋକାନ କର୍ମଚାରୀ ଓ କେତେଜଣ ଗ୍ରାହକ ଥିଲେ। ପୂର୍ବାହ୍ନ ପ୍ରାୟ ୯ଟା ୨୩ ମିନିଟରେ ଦୁଇଜଣ ଦୁର୍ବୃତ୍ତ ମୁହଁରେ ଗାମୁଛା ବାନ୍ଧି ଏକ ବାଇକରେ ଆସିଥିଲେ। ଦୋକାନ ଉପରକୁ ସେମାନଙ୍କ ମଧ୍ୟରୁ ଜଣେ ଗୋଟିଏ ବୋମା ପକାଇଥିଲେ। ଫଳରେ ବୋମା ପ୍ରଚଣ୍ଡ ଶବ୍ଦ ହେବା ସହ ଘଟଣାସ୍ଥଳ ଧୂଆଁମୟ ହୋଇଯାଇଥିଲା। ଦୁର୍ବୃତ୍ତମାନେ ବୋମା ମାଡ କରି ପଳାଇ ଯାଉଥିବାବେଳେ ପାଖ ଦୋକାନରେ ପ୍ରତାପ ସେମାନଙ୍କୁ ଧରିବାକୁ ପ୍ରୟାସ କରିଥିଲେ। ହେଲେ ଦୁର୍ବୃତ୍ତଙ୍କ ହାତରେ ଆଉ ଦୁଇଟି ବୋମା ଥିବା ଦେଖି ପ୍ରତାପ ସେମାନଙ୍କ ପିଛା କରି ନ ଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିବାବେଳେ ମିଠା ଦୋକାନ ଏବଂ ପାଖ ଦୋକାନରେ ଲାଗିଥିବା ସିସିଟିଭି ଫୁଟେଜ୍ ଯାଞ୍ଚ କରିଛି। ଏଥିସହ ସ୍ଥାନୀୟ ଲୋକଙ୍କୁ ପଚରାଉଚରା କରିଛି।

# ଶିକ୍ଷା ବ୍ୟବସ୍ଥାରେ ପରିବର୍ତ୍ତନର ଆବଶ୍ୟକତା ରହିଛି

**କଟକ ଅଫିସ,୨୪।୭**

ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ୧୫୦ ବର୍ଷ ପୂର୍ତ୍ତି ଅବସରରେ ବୁଧବାର ବିଶ୍ୱବିଦ୍ୟାଳୟର ସେଭେନ୍‌ପିଲାର ଅଫ ୱିଜଡମ ସ୍ଥିତ ଆନେକ୍ସ-୧ ଠାରେ ଭାରତୀୟ ଭାଷା ଓ ଦର୍ଶନ ଶୀର୍ଷକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ହାର୍ଭାର୍ଡ ବିଶ୍ୱବିଦ୍ୟାଳୟ ପ୍ରଫେସର ବିଜୟ ମୋହନ ମିଶ୍ର ଯୋଗଦେଇ କହିଲେ, ଦର୍ଶନ ଓ ଭାଷା ପରସ୍ପର ପରିପୂରକ। ଓଡ଼ିଆ ଭାଷା ଦିନକୁ ଦିନ ଅସ୍ତିତ୍ୱ ହରାଉଛି। ଓଡ଼ିଶାର ଶିକ୍ଷା ବ୍ୟବସ୍ଥାରେ କିଛି ପରିବର୍ତ୍ତନର ଆବଶ୍ୟକତା ରହିଛି। ଯେଉଁଥିରେ ବିଦ୍ୟାର୍ଥୀଙ୍କର ଦକ୍ଷତାରେ ପୂର୍ଣ୍ଣାଙ୍ଗ ବିକାଶ ହୋଇପାରିବ ସେଭଳି ପାଠ୍ୟକ୍ରମ ହେବା ଉଚିତ। ବିଦ୍ୟାର୍ଥୀ ସମସ୍ତ ବିଷୟରେ ଜ୍ଞାନ ଆହରଣ କରିବା ଆବଶ୍ୟକ। ବିଦେଶର ଶିକ୍ଷାନୁଷ୍ଠାନଗୁଡିକରେ ଛାତ୍ରୀଛାତ୍ରମାନଙ୍କୁ ପାଠ୍ୟକ୍ରମ ସହିତ ଧନ୍ଦାମୂଳକ ଶିକ୍ଷା ପ୍ରଦାନ କରାଯାଉଛି। ହେଲେ ଭାରତର କୌଣସି ଶିକ୍ଷାନୁଷ୍ଠାନରେ ଏଭଳି ବ୍ୟବସ୍ଥା ନାହିଁ ବୋଲି ସେ କହିଥିଲେ। ବିଶ୍ୱବିଦ୍ୟାଳୟର କୁଳପତି ଡ. ଈଶାନ କୁମାର ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କର୍ମଶାଳାରେ ପ୍ରଫେସର ଡ. ଦେବୀଲାଲ ମିଶ୍ର ଅତିଥି ପରିଚୟ ପ୍ରଦାନ ଓ ପ୍ରଫେସର ନେତାଜୀ ଅଭିନନ୍ଦନ ବିବରଣୀ ପ୍ରଦାନ କରିଥିଲେ। ଏଥିରେ ବିଶ୍ୱବିଦ୍ୟାଳୟର ସମସ୍ତ ଅଧାପିକାଅଧାପକଙ୍କ ସମେତ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଡ. ବିକ୍ରମ କୁମାର ମିଶ୍ର ଧନ୍ୟବାଦ ଦେଇଥିଲେ।



କର୍ମଶାଳାରେ ପ୍ରଫେସର ବିଜୟ ମୋହନ ମିଶ୍ର ବକ୍ତବ୍ୟ ଦେଉଛନ୍ତି ।

## ■ରାଜ୍ୟରେ ବିଗୁଡୁଛି ଆଇନଶୃଙ୍ଖଳା ପରିସ୍ଥିତି

# ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ କଂଗ୍ରେସର ବିକ୍ଷୋଭ




ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ କଂଗ୍ରେସ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ।

**କଟକ ଅଫିସ,୨୪।୭**

ରାଜ୍ୟରେ ଶିଶୁ, ନାବାଳିକା ଓ ନାରୀ ନିର୍ଯାତନା, ବଳାତ୍କାର, ଗଣବଳାତ୍କାର, ଅପହରଣ, ନିଖୋଜ ଘଟଣା ବୃଦ୍ଧିପାଇଥିବାବେଳେ ଆଇନ ଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇପଡ଼ିଛି। ଏହାର ପ୍ରତିବାଦରେ କଟକ ନଗର ଜିଲା କଂଗ୍ରେସ କମିଟି ପକ୍ଷରୁ ବୁଧବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ଭାବେ ଗଣଧାରଣା ଓ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏଥିସହ ମୁଖ୍ୟମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା। ରାଜ୍ୟରେ ନାରୀ ନିର୍ଯାତନା, ଦୁର୍ନୀତି, ବଳାତ୍କାର ବଢିଥିବାବେଳେ ସରକାର ଚୁପ୍ ବସିଛନ୍ତି। ବିଶେଷକରି ବିଧାନସଭାରେ ମୁଖ୍ୟମନ୍ତ୍ରୀ ନିକଟ ଅତୀତରେ ଆଇନଶୃଙ୍ଖଳା ଠିକ୍ ଥିବା କହିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ୨୦୧୭-୧୮ ବର୍ଷରେ ୨୨୦୦ ଜଣ ବଳାତ୍କାରର ଶିକାର ହୋଇଥିବା ବେଳେ ଚଳିତବର୍ଷ ଏହି ସଂଖ୍ୟା ୨୫୦୦ରେ ପହଞ୍ଚିବା ଅତ୍ୟନ୍ତ ଦୁର୍ଭାଗ୍ୟର ବିଷୟ ବୋଲି କଂଗ୍ରେସ ଅଭିଯୋଗ କରିଛି। ଚଳିତବର୍ଷ ୫୦୨ ଜଣ ଶିଶୁ ନିଖୋଜ ହୋଇ ଯାଇଥିବାବେଳେ ସେମାନଙ୍କ ମଧ୍ୟରୁ ୪୨୩ ଜଣଙ୍କ ପତ୍ତା ପୋଲିସ ପାଇପାରିନାହିଁ। ଫଳରେ ପୋଲିସର ଅପାରଗତା ପଦାରେ ପଡିଛି ବୋଲି କଂଗ୍ରେସ କହିଛି। ଏପରି ଚରମ ଅବହେଳାକୁ ଭାରତୀୟ ଜାତୀୟ କଂଗ୍ରେସ କେବେ ବି ସହ୍ୟ କରିପାରିବ ନାହିଁ। ଯାହାକୁ ନେଇ ବୁଧବାର କଂଗ୍ରେସ ପକ୍ଷରୁ ଜିଲାପାଳଙ୍କ ଜରିଆରେ ରାଜ୍ୟପାଳଙ୍କ ଦୃଷ୍ଟିଆକର୍ଷଣ କରିବା ନିମନ୍ତେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଏଥିସହ ମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବି କରିଛି କଂଗ୍ରେସ। ଏଭଳି ଘଟଣାର ସମାଧାନ ଦିଗରେ ସରକାର ପଦକ୍ଷେପ ନ ନେଲେ ଆଗାମୀ ଦିନରେ ଜନସାଧାରଣଙ୍କ ସହଯୋଗରେ ଓଡ଼ିଶା ବନ୍ଦ ଡାକରା ଦେବାକୁ ବାଧ ହେବୁ ବୋଲି କଂଗ୍ରେସ କହିଛି। ଏହି ବିକ୍ଷୋଭରେ ବାରବାଟୀ-କଟକ ବିଧାୟକ ଇଂ. ମହମ୍ମଦ ମୋକିମ, କାଶୀନାଥ ମଲ୍ଲିକ, ଗିରିବାଳା ବେହେରା, ନିକୁଞ୍ଜ ପଶାୟତ, ସୂର୍ଯ୍ୟକାନ୍ତ ରାଉତ, ଅଶ୍ୱିନୀ ମହାରଣା, ପ୍ରଦୀପ ପ୍ରଧାନ, ଅନିଲ ବେଉରା, ରେଣୁବାଳା ରାଉତ, ବିଶ୍ୱନାଥ ଶତପଥୀ, ଅଜୟ ରାଉତଙ୍କ ସମେତ ବହୁ କର୍ମକର୍ତ୍ତା ସାମିଲ ହୋଇଥିଲେ।

### ସାମାଜିକକର୍ମୀ କେଶବଚନ୍ଦ୍ରଙ୍କ ଶ୍ରାଦ୍ଧ ବାର୍ଷିକୀ ସମାରୋହ

**କଟକ ସଦର,୨୪।୭(ଡି.ଏନ୍.ଏ.)**

ଅବିଭକ୍ତ କଟକ ଜିଲାର ସାମାଜିକ କର୍ମୀ, ସୁଲେଖକ କେଶବ ଚନ୍ଦ୍ର ନନ୍ଦଙ୍କ ୧୪ତମ ଶ୍ରାଦ୍ଧ ବାର୍ଷିକୀ ସମାରୋହ ବୁଧବାର କନ୍ଦରପୁରଠାରେ ଅନୁଷ୍ଠିତ ହୋଇଯାଇଛି। ପ୍ରହରାଜ ପ୍ରତିଭା ପୂଜା ପରିଷଦ ଆନୁକୂଲ୍ୟରେ ଅନୁଷ୍ଠିତ ସମାରୋହରେ ବିଭୂତିଭୂଷଣ ପାଣିଗ୍ରାହୀ, ହୃଦାନନ୍ଦ ଜେନା, କବି ପିତାମ୍ବର ମହାପାତ୍ର, ଲକ୍ଷ୍ମଣ ସାହୁ, ଚକ୍ରବର୍ତ୍ତୀ ଓତା, ଅଶୋକ ପଟ୍ଟନାୟକ, ମୋହନ ପ୍ରସାଦ ନନ୍ଦ ଅତିଥିଭାବେ ଯୋଗଦେଇଥିଲେ। ସ୍ୱର୍ଗତ ନନ୍ଦଙ୍କ ସହଯୋଗରେ ଗୋପାଳ ସ୍ମୃତି ବିଦ୍ୟାପୀଠ ଓ କନ୍ଦରପୁର ଜଲେଜ ସ୍ଥାପନା କରାଯାଇଥିଲା। ଫଳରେ ବ୍ରିଟିଶ ଅମଳରେ ବିରିଡି, କଟକ ସଦର ଓ ଜଗତ୍‌ସିଂହପୁର ଅଞ୍ଚଳର ଛାତ୍ରୀଛାତ୍ର ପାଠପଢିବାରେ ସୁଯୋଗ ପାଇପାରିଥିଲେ। ତାଙ୍କ ପ୍ରଚେଷ୍ଟାରେ ନାରୀ ଶିକ୍ଷାର ଉନ୍ନତି ପାଇଁ ଅଥଙ୍ଗା ଠାରେ ଚିନ୍ତାମଣି ସ୍ମୃତି ବାଳିକା ବିଦ୍ୟାଳୟ ମଧ ପ୍ରତିଷ୍ଠା କରାଯାଇଥିଲା ବୋଲି ବକ୍ତାମାନେ କହିଥିଲେ। ପଣ୍ଡିତ କୃଷ୍ଣଚନ୍ଦ୍ର ତ୍ରିପାଠୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ସମ୍ପାଦକ ପୀୟୁଷ ରଞ୍ଜନ ପରିଡା ବିବରଣୀ ପାଠ କରିଥିଲେ। ଶେଷରେ କବି ପ୍ରତାପ ବେହେରା ଧନ୍ୟବାଦ ଦେଇଥିଲେ।

# ୨୦୨୦ ଡିସେମ୍ବର ସୁଦ୍ଧା ସରିବ କାର୍ଯ୍ୟ

**ଭୁବନେଶ୍ୱର, ୨୪।୭(ବ୍ୟୁରୋ)**

**ଜାଇକା ପ୍ରକଳ୍ପର ଅଗ୍ରଗତି ସମୀକ୍ଷା କଲେ ମନ୍ତ୍ରୀ**

କଟକ ସହରର ପରିମଳ ବ୍ୟବସ୍ଥା ସୁଦୃଢ଼ୀକରଣ ନିମନ୍ତେ ଜାଇକା ପକ୍ଷରୁ କାର୍ଯ୍ୟକାରୀ ହେଉଥିବା ୨,୯୭୪ କୋଟି ଟଙ୍କାର ପ୍ରକଳ୍ପ ଅଗ୍ରଗତି ସମ୍ପର୍କରେ ପଞ୍ଚାୟତିରାଜ ଓ ପାନୀୟ ଜଳ, ଆଇନ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ପ୍ରତାପ ଜେନା ସମୀକ୍ଷା କରିଛନ୍ତି। ବୁଧବାର ମନ୍ତ୍ରୀ ଜେନାଙ୍କ ଅଧ୍ୟକ୍ଷତାରେ ସଚିବାଳୟସ୍ଥ ପ୍ରକୋଷ୍ଠରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ଜଣାପଡ଼ିଛି ଯେ, ୨୦୨୦ ସେପ୍ଟେମ୍ବର ସୁଦ୍ଧା କଟକ ଓ ଡିସେମ୍ବର ସୁଦ୍ଧା ଭୁବନେଶ୍ୱରରେ ଜାଇକା ପ୍ରକଳ୍ପ କାର୍ଯ୍ୟ ସମ୍ପୂର୍ଣ୍ଣ ହେବ।

ବର୍ତ୍ତମାନ ସୁଦ୍ଧା କଟକ ସହରରେ ୩୮୫ କିମି ସ୍ୱେରେଜ୍ ଲାଇନ୍‌ରୁ ୨୮୫ କିମିର କାର୍ଯ୍ୟ ସମାପ୍ତ ହୋଇଛି। ତେବେ କଟକରେ ସେପ୍ଟେମ୍ବର ୨୦୨୦ ସୁଦ୍ଧା ଜାଇକା ପ୍ରକଳ୍ପ କାର୍ଯ୍ୟ ସରିବା ପରେ ଡ୍ରେନେଜ୍ କାର୍ଯ୍ୟ ୨୦୨୧ ଜୁଲାଇରେ ସରିବ ବୋଲି ମନ୍ତ୍ରୀଙ୍କୁ ଅବଗତ କରାଯାଇଛି। ଜାଇକା ପକ୍ଷରୁ କଟକ ସହରରେ ସର୍ବେକ୍ଷଣ କରାଯାଇ ପ୍ରତ୍ୟେକ ଘରକୁ ସ୍ୱେରେଜ୍ ସଂଯୋଗ ପାଇଁ ପଦକ୍ଷେପ ନିଆଯାଇଛି। ସଂଯୋଗୀକରଣ ଶେଷ ହେବା ପରେ ବର୍ଜ୍ୟବସ୍ତୁ ପରିଚାଳନା କରାଯିବ ବୋଲି ବିଭାଗୀୟ ଅଧିକାରୀ ମନ୍ତ୍ରୀଙ୍କୁ ଜଣାଇଛନ୍ତି।

ଏହା ବ୍ୟତୀତ କଟକ ସମାଜ କାର୍ଯ୍ୟାଳୟଠାରୁ ମାତୃଭବନ ପର୍ଯ୍ୟନ୍ତ ଦୀର୍ଘ ୩.୪ କିମି ରାସ୍ତାରେ ବକ୍ସ ଡ୍ରେନ୍ ନିର୍ମାଣ କାର୍ଯ୍ୟ ୨୦୨୧ ଜୁଲାଇରେ ଶେଷ ହେବ। ଏହି ବକ୍ସ ଡ୍ରେନ ଉପରେ ଯାନବାହନ ଚଳାଚଳ ସମ୍ଭବ ହୋଇପାରିବ। ସେହିପରି ପୋଲିସ୍ କଲୋନୀ ଏବଂ ବିଦ୍ୟାଧରପୁରଠାରେ ଜାଇକା ପକ୍ଷରୁ ନିର୍ମିତ ଦୁଇଟି ପମ୍ପିଂ ଷ୍ଟେଶନ୍‌ର କାର୍ଯ୍ୟ ସମାପ୍ତ ହୋଇଥିବା ବେଳେ ମତ୍ତଗଜପୁର ଓ ଗୁଲୁଗୁଲିଠାରେ ଆଉ ଦୁଇଟି ପମ୍ପିଂ ଷ୍ଟେଶନ୍ ୨୦୧୯ ସେପ୍ଟେମ୍ବରରେ ଏବଂ ଖାନନଗରଠାରେ ମାର୍ଚ୍ଚ ୨୦୨୦ ସୁଦ୍ଧା ଗୋଟିଏ ପମ୍ପିଂ ଷ୍ଟେଶନ୍ କାର୍ଯ୍ୟ ସମାପ୍ତ ହେବ ବୋଲି ବୈଠକରେ ଜାଇକାର ଯନ୍ତ୍ରୀମାନେ କହିଛନ୍ତି। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ସାଲେପୁର ବିଧାୟକ ପ୍ରଶାନ୍ତ କୁମାର ବେହେରା, କଟକ ଜିଲାପାଳ ଭବାନୀ ଶଙ୍କର ଚୟନୀ, ଜାଇକାର ପ୍ରକଳ୍ପ ନିର୍ଦ୍ଦେଶକ ବସନ୍ତ କୁମାର ପରିଡ଼ା, ମୁଖ୍ୟଯନ୍ତ୍ରୀ ଟି.ବି.କେ. ସ୍ୱପ୍ନ, ନିର୍ବାହୀ ଯନ୍ତ୍ରୀ (ସ୍ୱେରେଜ୍) ବିକ୍ରମ ମିଶ୍ର, ସିଏମ୍‌ସିର ପୂର୍ବତନ କର୍ପୋରେଟର ରଞ୍ଜନ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

# ବିଭିନ୍ନ ଦାବି ନେଇ ଛାତ୍ରୀଛାତ୍ରଙ୍କ ବିକ୍ଷୋଭ

**କଟକ ଅଫିସ,୨୪।୭**

**ଜାତୀୟ ଆଇନ ବିଶ୍ୱବିଦ୍ୟାଳୟ**

ବିଭିନ୍ନ ଦାବି ନେଇ କଟକ ଜିଲା ନରାଜସ୍ଥିତ ଜାତୀୟ ଆଇନ ବିଶ୍ୱବିଦ୍ୟାଳୟ (ଏନ୍‌ଏଲ୍‌ୟୁ)ର ପ୍ରଶାସନିକ କାର୍ଯ୍ୟାଳୟ ସମ୍ମୁଖରେ ବୁଧବାର ଛାତ୍ରୀଛାତ୍ରମାନେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଆଇନ ବିଶ୍ୱବିଦ୍ୟାଳୟରେ ପାଠାଗାର, ଛାତ୍ରୀନିବାସ କାର୍ଯ୍ୟ ସରି ନ ଥିବା ଯୋଗୁ ଛାତ୍ରୀଛାତ୍ରମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଥିସହ ନୂତନ ଛାତ୍ରୀଛାତ୍ରମାନଙ୍କ ପାଇଁ ଫି'ରେ ୩୦ହଜାର ଟଙ୍କା ବୃଦ୍ଧି କରାଯାଇଛି। ସିଲାବସ୍‌ରେ ତ୍ରୁଟି ରହିଥିବାରୁ ବିଭିନ୍ନ ପରୀକ୍ଷାରେ ବିଭ୍ରାଟ ଉପୁଜୁଛି। ଅଧାପକଙ୍କ ଦକ୍ଷତା ନିର୍ଣ୍ଣୟ ପରୀକ୍ଷା ଫଳାଫଳ ଏ ପର୍ଯ୍ୟନ୍ତ ବାହାରିନାହିଁ। ଏକାଡେମୀ ବ୍ଲକରେ ଥିବା ଏସିଗୁଡ଼ିକ କାର୍ଯ୍ୟ କରୁନାହିଁ। ଫନୀରେ କ୍ଷତିଗ୍ରସ୍ତ ହୋଇଥିବା କ୍ରୀଡ଼ା ଭିତ୍ତିଭୂମିରେ ଏ ପର୍ଯ୍ୟନ୍ତ ସୁଧାର ଆସିପାରିନାହିଁ ବୋଲି ଛାତ୍ରୀଛାତ୍ରମାନେ ଅଭିଯୋଗ କରିଛନ୍ତି। ଉପରୋକ୍ତ ସମସ୍ୟା ସମ୍ପର୍କରେ ପୂର୍ବରୁ ଅନେକଥର ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଦୃଷ୍ଟିଆକର୍ଷଣ କରାଯାଇଥିଲେ ମଧ ଏ ନେଇ କୌଣସି ପଦକ୍ଷେପ ନିଆଯାଇନାହିଁ। ଯାହାକୁ ନେଇ ବୁଧବାର ଛାତ୍ରୀଛାତ୍ରମାନେ ଧାରଣାରେ ବସିବା ସହ ବିକ୍ଷୋଭ କରିଥିଲେ। କୁଳପତି ଶ୍ରୀକ୍ରିଷ୍ଣା ଦେବାରାଓ ଛାତ୍ରୀଛାତ୍ରଙ୍କୁ ଭେଟି ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ହେଲେ ସମାଧାନ ବାଟ ବାହାରିପାରି ନ ଥିବାରୁ ଛାତ୍ରୀଛାତ୍ରମାନେ ଆନ୍ଦୋଳନ ଜାରି ରଖିଛନ୍ତି। ସମସ୍ୟାର ସମାଧାନ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଚାଲୁ ରହିବ ବୋଲି ଛାତ୍ରୀଛାତ୍ରମାନେ କହିଛନ୍ତି।




ଜାତୀୟ ଆଇନ ବିଶ୍ୱବିଦ୍ୟାଳୟର ପ୍ରଶାସନିକ କାର୍ଯ୍ୟାଳୟ ସମ୍ମୁଖରେ ଛାତ୍ରୀଛାତ୍ରମାନେ ବିକ୍ଷୋଭ କରୁଛନ୍ତି ।

## ■ ସାହାପୁର-୨ ଅଙ୍ଗନୱାଡି କେନ୍ଦ୍ରର ନାହିଁ ନିଜସ୍ୱ ଗୃହ

# ମନ୍ଦିର ପିଣ୍ଡାରେ ଚାଲିଛି ପାଠପଢ଼ା

**ମାହାଙ୍ଗା,୨୪।୭(ସ୍ୱ.ପ୍ର.)**



**■ଖୋଲା ଆକାଶତଳେ ପ୍ରସ୍ତୁତ ହେଉଛି ରନ୍ଧାଖାଦ୍ୟ**

**■ଜନସାଧାରଣଙ୍କ ମଧରେ ବଢୁଛି ଅସନ୍ତୋଷ**

**■ଶୀଘ୍ର ସମାଧାନ କରିବାକୁ ବିଡିଓଙ୍କ ପ୍ରତିଶ୍ରୁତି**

ଅଙ୍ଗନୱାଡ଼ି କେନ୍ଦ୍ରର କୋମଳମତୀ ଛାତ୍ରୀଛାତ୍ରଙ୍କ ସୁରକ୍ଷା ପାଇଁ ସରକାର ଯୋଜନା ଉପରେ ଯୋଜନା କରିଛନ୍ତି। ହେଲେ ତାହା ଅନେକ ସ୍ଥାନରେ କେବଳ କାଗଜ କଲମରେ ସୀମିତ ରହିଛି। ଏପରି ଏକ ଘଟଣା କଟକ ଜିଲା ମାହାଙ୍ଗା ବ୍ଲକ ଅନ୍ତର୍ଗତ ସାହାପୁର ପଞ୍ଚାୟତସ୍ଥ ସାହାପୁର-୨ ଅଙ୍ଗନୱାଡ଼ି କେନ୍ଦ୍ରରେ ଦେଖିବାକୁ ମିଳିଛି। ଏହି ଅଙ୍ଗନୱାଡି କେନ୍ଦ୍ରଟି ୧୯୯୮ ମସିହାରୁ ଚାଲୁଛି। ହେଲେ ଏହାର ନିଜସ୍ୱ ଗୃହ ନିର୍ମାଣ ହୋଇ ପାରିନାହିଁ। ଫଳରେ ୧୫ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ଗ୍ରାମରେ ଥିବା କ୍ଲବ ଘର ବାରଣ୍ଡାରେ କୋମଳମତୀ ଛାତ୍ରୀଛାତ୍ରଙ୍କୁ ପଢା ଯାଉଥିଲା। କିନ୍ତୁ ସେଠାରେ କିଛି ସମସ୍ୟା ହେବାରୁ ଏବେ ୫ ବର୍ଷ ହେବ ଗ୍ରାମରେ ଥିବା ମା' ଅଳସା ଦେବୀଙ୍କ ମନ୍ଦିର ପିଣ୍ଡାରେ ପିଲାଙ୍କୁ ପାଠ ପଢ଼ାଯାଉଛି। ବର୍ତ୍ତମାନ ଏଠାରେ ୨୫ଜଣ ଛାତ୍ରୀଛାତ୍ର ପାଠ ପଢୁଛନ୍ତି। କେନ୍ଦ୍ରର ନିଜସ୍ୱ ଗୃହ ନ ଥିବାରୁ ପିଲାଙ୍କ ଖାଦ୍ୟ, ସାମଗ୍ରୀ ଓ ପାଠ୍ୟ ଉପକରଣ ରଖିବାରେ ଯେତିକି ସମସ୍ୟା ହେଉଛି ତା'ଠାରୁ ଅଧିକ ସମସ୍ୟା ହେଉଛି ରନ୍ଧାଖାଦ୍ୟ ପ୍ରସ୍ତୁତ କରିବାରେ। ରୋଷେଇ ଘର ନ ଥିବାରୁ ଖୋଲା ଆକାଶ ତଳେ ଖରା ବର୍ଷାରେ ରୋଷେଇ କରାଯାଉଛି। ଏପରି କି ଯେଉଁ ଦିନ ପିଲା ଅଣ୍ଡା ଖାଇବାର ବ୍ୟବସ୍ଥା ରହିଛି, ମନ୍ଦିର ପରିସର ହୋଇଥିବାରୁ ପିଲାଙ୍କୁ ନିକଟସ୍ଥ ଏକ ଖୋଲାସ୍ଥାନରେ ନେଇ ଖାଇବାକୁ ଦେବାକୁ ପଡୁଛି। ପାଠପଢ଼ା ସ୍ଥାନଟି ଖୋଲା ବାରଣ୍ଡା ହୋଇଥିବାରୁ ବୁଲାଗୋରୁ ଓ କୁକୁରଙ୍କ ଭୟ ରହିଛି। ଏଣୁ ବାଧ ହୋଇ ଗ୍ରାମର ବହୁ ଅଭିଭାବକ ସେମାନଙ୍କ ପିଲାଙ୍କୁ ଆଣି ଏଠାରେ ଜଗି ବସୁଛନ୍ତି।

ଅନ୍ୟପକ୍ଷରେ ଏହି କେନ୍ଦ୍ରର ଏ ପର୍ଯ୍ୟନ୍ତ ନିଜସ୍ୱ ଗୃହ ନ ହୋଇଥିବାରୁ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଗ୍ରାମର ନିଜ ନାତିକୁ ଆଣିଥିବା ଲତା ସିଂହ, ଚପଳା ସାଥୁଆ, ପୂର୍ଣ୍ଣିମା ସାହୁ ପ୍ରମୁଖ ଅଭିଭାବକ କହିଥିଲେ, ପିଲାଙ୍କୁ ଏଠାକୁ ଆଣି ଛାଡ଼ିବାରେ ବହୁ ଅସୁବିଧା ହେଉଛି। ତେଣୁ ପ୍ରଶାସନ ଶୀଘ୍ର ଏହି ସମସ୍ୟାର ସମାଧାନ କରନ୍ତୁ। ଫଳରେ ଆମ ପିଲା ସୁରକ୍ଷିତଭାବେ ଅଧ୍ୟୟନ କରିପାରିବେ। ଏ ସମ୍ପର୍କରେ ଅଙ୍ଗନୱାଡି କର୍ମୀ ଜ୍ୟୋସ୍ନାରାଣୀ ମହାରଣାଙ୍କୁ ପଚାରିବାରୁ ସେ କହିଥିଲ, ନିଜସ୍ୱ ଗୃହ ନ ଥିବାରୁ ବହୁ ଅସୁବିଧା ହେଉଛି। କିନ୍ତୁ ଛାତ୍ରୀଛାତ୍ରଙ୍କୁ ଠିକ୍‌ରେ ଅଧ୍ୟୟନ କରାଯିବା ସହ ରନ୍ଧା ଖାଦ୍ୟ ଓ ଅନ୍ୟ ଉପକରଣ ଦେବାରେ ଅବହେଳା କରାଯାଉନାହିଁ। ମହିଳା ଓ ଶିଶୁ ବିକାଶ ଅଧିକାରୀ ବିଜୟଲକ୍ଷ୍ମୀ ପଣ୍ଡାଙ୍କୁ ପଚାରିବାରୁ ସେ କହିଥିଲେ, ଏହି କେନ୍ଦ୍ରର ନିଜସ୍ୱ ଗୃହ ସମ୍ପର୍କରେ ବ୍ଲକ ପ୍ରଶାସନକୁ ଅବଗତ କରାଯାଇଛି। ସେମାନେ ଯାହା ନିଷ୍ପତ୍ତି ନେବେ। ବିଡିଓ ସୁବୋଧ ଚନ୍ଦ୍ର ଆଚାର୍ଯ୍ୟଙ୍କୁ ପଚାରିବାରୁ ସେ କହିଥିଲେ, ଖୁବଶୀଘ୍ର ସମସ୍ୟାର ସମାଧାନ କରାଯିବ। ଦୀର୍ଘଦିନ ହେବ ସମସ୍ୟା ସମାଧାନ ହୋଇ ନ ଥିବାବେଳେ ଏବେ କିପରି ଶୀଘ୍ର ସମାଧାନ ହେଉଛି ତାହା ଦେଖିବାକୁ ସମସ୍ତଙ୍କ ଅପେକ୍ଷା।



ଯଦି ସାଧନାରେ ଉନ୍ନତି ଲାଭ କରିବାକୁ ଚାହଁ, ତେବେ କପଟତା ତ୍ୟାଗ କର।
-ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର



## ସଂକ୍ଷେପରେ

### ୧୦.୭୮ ଗ୍ରାମ ବ୍ରାଉନସୁଗାର ଜବତ, ଜଣେ ଗିରଫ

**ଖୋର୍ଦ୍ଧା ଅଫିସ,୨୪।୭:** ବ୍ରାଉନସୁଗାର ବିକ୍ରି ଅଭିଯୋଗରେ ଖୋର୍ଦ୍ଧା ଆଦର୍ଶ ଥାନା ପୋଲିସ ଗୁରୁଜଙ୍ଗର ଦୀପକ କୁମାର ସାହୁ(୨୫)ଙ୍କୁ ବୁଧବାର ଗିରଫ କରି କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ପରେ ଦୀପକଙ୍କୁ ଖୋର୍ଦ୍ଧା ସବ୍‌ଜେଲକୁ ପଠାଇ ଦିଆଯାଇଛି। ଦୀପକଙ୍କଠାରୁ ୧୦.୭୮ ଗ୍ରାମ ବ୍ରାଉନସୁଗାର ଓ ୨୮୮୦ ଟଙ୍କା ପୋଲିସ ଜବତ କରିଛି।

### ଆଟାଚି ଧରି ଘୂରି ବୁଲୁଛନ୍ତି ଅଜଣା ବ୍ୟକ୍ତି



ନିରାକାରପୁର,୨୪।୭(ଡି.ଏନ.ଏ.) ଖୋର୍ଦ୍ଧା ଜିଲା ନିରାକାରପୁର ଷ୍ଟେଶନ ଅଞ୍ଚଳରେ ଦୀର୍ଘ ୪ ମାସ ହେବ ଜଣେ ଅଜଣା ବ୍ୟକ୍ତି ଆଟାଚି ଓ ପାଣି ବୋତଲ ଧରି ଘୂରି ବୁଲୁଥିବା ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ସନ୍ଦେହ ସୃଷ୍ଟି ହେଉଛି। ସେ ପ୍ରାୟ ସମୟରେ ଷ୍ଟେଶନ ବାହାରେ ୧୦୦ ମିଟର ମଧ୍ୟରେ ଏକୁଟିଆ ବସୁଛନ୍ତି କିମ୍ବା ବୁଲୁଛନ୍ତି। ତେବେ କାହା ସାଙ୍ଗରେ କଥାବାର୍ତ୍ତା ହେଉ ନାହାନ୍ତି। କେହି ତାଙ୍କୁ କିଛି ପଚାରିଲେ ମଧ୍ୟ ଉତ୍ତର ଦେଉନାହାନ୍ତି। ବ୍ୟକ୍ତି ଜଣକ କୌଣସି ଲୋକ ଦେଖିବା ଭଳି ତାଙ୍କ ଆଟାଚି ଖୋଲୁ ନାହାନ୍ତି କିମ୍ବା କୌଣସି ଲୋକଙ୍କଠାରୁ ଭିକ୍ଷା ନ ମାଗି ନିଜ ହାତରୁ ଖର୍ଚ୍ଚ କରୁଛନ୍ତି। ସେ କିଏ, କେଉଁଠୁ ଟଙ୍କା ଆଣୁଛନ୍ତି ଏବଂ କଣ ପାଇଁ ଏ ଅଞ୍ଚଳରେ ଘୂରି ବୁଲୁଛନ୍ତି ସେ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ସନ୍ଦେହ ଓ ଆଶଙ୍କା ଖେଳିଯାଇଛି। ଏନେଇ ସ୍ଥାନୀୟ ପୋଲିସ ନିକଟରେ ଅଭିଯୋଗ ହୋଇଥିବାବେଳେ କୌଣସି ପଦକ୍ଷେପ ଗ୍ରହଣ ହେଉ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି। ପୋଲିସ ପ୍ରଶାସନ ପକ୍ଷରୁ ଯାଞ୍ଚ କରାଗଲେ ସନ୍ଦେହଜନକ ଭାବେ ଘୂରି ବୁଲୁଥିବା ଏହି ଅଜଣା ବ୍ୟକ୍ତିଙ୍କ ବିଷୟରେ ଅନେକ ତଥ୍ୟ ମିଳିପାରନ୍ତା ବୋଲି ଲୋକେ କହୁଛନ୍ତି। ଏ ନେଇ ନିରାକାରପୁର ଥାନା ଏଏସ୍‌ଆଇ ଶରତ ପାଇକରାୟଙ୍କୁ ପଚାରିବାରୁ ବାବଦରେ ତୁରନ୍ତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଥିଲେ।

■ ରାଜନେତାଙ୍କ ଚାପରେ ପ୍ରଶାସନ ଚେପା

# ମାଟିରେ ମିଶିଲାଣି ପାହାଡ଼

■ ଖଣି ଓ କ୍ରଶର ମାଲିକ କୋଟିପତି

■ ଏସ୍‌ଟିଏଫ୍‌ର ଚଢ଼ାଉ ପରେ ଏବେ ତାଲା

**ଖୋର୍ଦ୍ଧା ଅଫିସ,୨୪।୭**



ଶୂନଶାନ୍ କ୍ରଶର ।

ରାଜନେତାଙ୍କ ଚାପରେ ଚେପା ହୋଇପଡ଼ିଛି ଖୋର୍ଦ୍ଧା ଜିଲା ପ୍ରଶାସନ। ଅନିୟମିତତା ଜାଣି ହାତ ଟେକିଦେବା ପରେ କଳା ମୁଗୁନି ପଥର ଖଣି ଓ କ୍ରଶରରେ ଚାଲିଥିବା ବେଆଇନ କାରବାର ବଢ଼ି ଚାଲିଲା। ଖଣି ଓ କ୍ରଶର ମାଲିକ କୋଟିପତି ହେବାରେ ଲାଗିଲେ। ମାଟିରେ ମିଶିଯିବାକୁ ବସିଲାଣି ଶଙ୍ଖାରି, ଦାନ୍ତିମୁହଁ, ଟାଙ୍ଗେଣୀ, ବଡଶୌଳି, କଳିଙ୍ଗ, ହାତିଆ, ଧନିଆ ମୁଣ୍ଡିଆ ପରି ଅନେକ ପାହାଡ଼। ପରିସ୍ଥିତି ଗମ୍ଭୀର ହେବା ପରେ କ୍ରାଇମବ୍ରାଞ୍ଚର ସ୍ପେଶାଲ୍ ଟାସ୍କଫୋର୍ସ (ଏସ୍‌ଟିଏଫ୍) ମଙ୍ଗଳବାର ଚଢ଼ାଉ ପରେ ଖଣି ଓ କ୍ରଶରରେ ତାଲା ଝୁଲାଇ ଦେଇଛି। ୩୦ରୁ ଊର୍ଦ୍ଧ୍ୱ କ୍ରଶର ଏସ୍‌ଟିଏଫ୍ ଦ୍ୱାରା ସିଲ୍ ହୋଇଥିବାବେଳେ ବୁଧବାର କ୍ରଶର ଓ ଖଣି କାର୍ଯ୍ୟ ବନ୍ଦ ରହିଥିବା ଦେଖିବାକୁ ମିଳିଛି।

କ୍ରଶର କ୍ଷେତ୍ରରେ ବେଆଇନ କାର୍ଯ୍ୟକୁ ଏସ୍‌ଟିଏଫ୍‌ର ଛାଟ ଭୟଭୀତ କରିଛି। ୱାର୍କ ଅର୍ଡର ପାଇଁ ଆବେଦନ କରିଥିବା କେତେଜଣ ଖଣି ବ୍ୟବସାୟୀ ଆଉ କାରବାର କରିବେନି ବୋଲି ନିଷ୍ପତ୍ତି ନେଇଥିବା ଜଣାପଡ଼ିଛି। ଜିଲାର ଖୋର୍ଦ୍ଧା, ବେଗୁନିଆ, ଟାଙ୍ଗୀ ତହସିଲରେ ଥିବା ପୁରୀ ଜଗନ୍ନାଥ ମହାପ୍ରଭୁଙ୍କ ୭୩ଟି ପଥର ଖଣିରୁ ୪୨ ପାହାଡ କିଛି ମାସ ତଳେ ନିଲାମ ହୋଇଥିଲା। ତେବେ ୱାର୍କ ଅର୍ଡର ଦିଆଯାଉ ନ ଥିଲା। କିନ୍ତୁ ବେଆଇନ ଖଣି ଖନନ ଚାଲୁ ରହିଥିଲା। ଏସ୍‌ଟିଏଫର ଧରପଗଡ ଓ ଏନ୍‌କାଉଣ୍ଟର ପରେ ୬ଟି ପାହାଡ(ମୁଣ୍ଡିଆ) ୱାର୍କ ଅର୍ଡର ପାଇଥିଲେ। ୱାର୍କ ଅର୍ଡର ପାଇଲା ପରେ କ୍ୱାରି ୱାର୍କ ଅର୍ଡରଧାରୀ ନିଜ ସୀମାକୁ ଛାଡି ଅଧିକ ଅଞ୍ଚଳ ଦଖଲକୁ ନେଲେ। ସରକାରୀ ନିୟମକୁ ଦଳି ଚକଟି ଦିନରାତି କାମ ଚଳାଇଲେ। ମାସକୁ ୧୫୦ ଟ୍ରିପ ପଥର ଚିପ୍‌ସ ବିକ୍ରି କରିବାର କ୍ୱାରି ନିଲାମ ନେଇଥିବା ୱାର୍କ ଅର୍ଡରଧାରୀ ଦିନକୁ ୫୦୦ରୁ ୭୦୦ ଟ୍ରିପ ଚିପ୍‌ସ ବିକ୍ରି କରି ଚାଲିଲେ। କ୍ୱାରି ୱାର୍କ ଅର୍ଡରଧାରୀ ଓ କ୍ରଶର ମାଲିକ ୱାଇ ଫର୍ମର ଅପବ୍ୟବହାର କରି ଲୁଟ୍ କରି ଚାଲିଥିଲେ ମଧ୍ୟ ମାସିକିଆ କୋଟା ଓ ରାଜନେତାଙ୍କ ଭୟରେ ଚୋରି ଧରିବାକୁ ପ୍ରଶାସନ କୌଣସି ପଦକ୍ଷେପ ନେଲାନାହିଁ। ବରଂ ପରୋକ୍ଷରେ ଖଣି ମାଲିକମାନଙ୍କୁ ଲୁଟ୍‌ପାଟରେ ସହଯୋଗ କଲା। ଫଳରେ ସରକାର ଲକ୍ଷାଧିକ ଟଙ୍କା ରାଜସ୍ୱ ହରାଇଲେ। ଅନ୍ୟପକ୍ଷେ ୱାର୍କ ଅର୍ଡରଧାରୀ ଓ କ୍ରଶର ମାଲିକ, ରାଜନେତା ଏବଂ ପ୍ରଶାସନିକ କେତେଜଣ ଅଧିକାରୀ ଲାଭବାନ ହୋଇ ଚାଲିଲେ। ଗୋଟିଏ ଗୋଟିଏ ମେଗା କ୍ରଶରରେ ୧ ହଜାର ଟ୍ରିପ ପଥର, ଚିପ୍‌ସ, ବଜ୍ରି, ପଥର ଗୁଣ୍ଡ ମହଜୁଦ୍ ରଖିବା ଚୋରିକୁ ପଦାରେ ପକାଇ ଦେଇଥିଲା। କାରଣ କ୍ରାଇମବ୍ରାଞ୍ଚର ଏସ୍‌ଟିଏଫ୍ ଟିମ୍ ଚଢ଼ାଉ ପରେ ବେଆଇନ ଖଣି ଖନନ ବନ୍ଦ ରହିଥିଲା। ଅଧିକ ପଥର ମହଜୁଦ୍ ରଖିବା ସମ୍ଭବ ହେଉ ନ ଥିବାବେଳେ ପୁଣି କ୍ରଶର ଓ ଖଣିରେ ଏସ୍‌ଟିଏଫ୍‌ର ଚଢ଼ାଉକୁ ବାଟ ଖୋଲିଥିଲା।

### କ୍ରଶର ସଂଘ ସଭାପତି ରାଜନେତା

ସରକାରୀସ୍ତରରେ ୩୫୬ କ୍ରଶର ପରିବେଶ ମଞ୍ଜୁରୀ ପାଇଥିବାବେଳେ ରାଜନୈତିକ ପ୍ରୋତ୍ସାହନ ଓ ପ୍ରଶାସନିକ ଆଶୀର୍ବାଦରୁ ଜିଲାରେ ୫୪୪ରୁ ଊର୍ଦ୍ଧ୍ୱ ବେଆଇନ କ୍ରଶର ଗଢ଼ି ଉଠିଥିବା ଅଭିଯୋଗ ରହିଛି। ଏପରିସ୍ଥଳେ କ୍ରଶର ମାଲିକ ସଂଘ ସଭାପତି ଜଣେ ରାଜନେତା ଅଛନ୍ତି। ପୁଣି କେତେଜଣ ରାଜନେତା ନିଜ ସମ୍ପର୍କୀୟଙ୍କ ନାଁରେ ଖଣି ଓ କ୍ରଶରରେ ବେଆଇନ ଭାବେ ଦିନକୁ ଲକ୍ଷାଧିକ ଟଙ୍କା ଲୁଟିବାରେ ଲାଗି ପଡିଛନ୍ତି।

## ଛୋଟାଙ୍କ ଘର ପାଇଁ ଘୁଞ୍ଚିଥିଲା ଅଙ୍ଗନୱାଡି କେନ୍ଦ୍ର

**ଖୋର୍ଦ୍ଧା ଅଫିସ,୨୪।୭**

ବ୍ରାଉନସୁଗାର କାରବାରର ମାଷ୍ଟରମାଇଣ୍ଡ ତଥା ଖୋର୍ଦ୍ଧା ପଥରଖଣି ଉପତ୍ୟକାରେ ରାଜ କରୁଥିବା ସୁଧାଂଶୁ ପରିଡା ଓରଫ ଛୋଟା ଓରଫ ଶୁଭ୍ରାଂଶୁଙ୍କ ସାମ୍ରାଜ୍ୟ ପାଇଁ ଗୁରୁଜଙ୍ଗ ଜବରଦସ୍ତପୁର ଦ୍ୱାରିକାନଗରରେ ଅଙ୍ଗନୱାଡି କେନ୍ଦ୍ର ଘୁଞ୍ଚିଥିଲା। ଛୋଟା ୯୦ ହଜାର ଟଙ୍କାରେ ଏକ ଜବରଦଖଲ ଜମି କିଣି ଦେବା ପରେ ସେଠାରେ ଅଙ୍ଗନୱାଡି କେନ୍ଦ୍ର ହୋଇଥିଲା। ଛୋଟାଙ୍କ ସାମ୍ରାଜ୍ୟ ନିର୍ମାଣ ସମୟରେ ଜାଗା କମ ହୋଇଥିଲା। ଘର ପାଖରେ ଥିବା ପଡୋଶୀମାନେ ଅଧିକ ଦାମ ନେଇ ଜମି ବିକିଥିଲେ। କେତେଜଣ ପଡୋଶୀ ଜମି ଦେବାକୁ ଅରାଜି ହେବା ପରେ ସେମାନଙ୍କୁ ଧମକଚମକ ଦେଇ ଉଠାଇ ଦିଆଯାଇଥିଲା। ସେମାନଙ୍କୁ ଟଙ୍କା ଦିଆଯାଇ ନ ଥିଲା। ତେବେ ଅନ୍ୟତ୍ର ଥଇଥାନ କରାଯାଇଥିଲା। ଏଥିରୁ ସ୍ପଷ୍ଟ ହୋଇଯାଇଥିଲା ଛୋଟାଙ୍କୁ ଗୁରୁଜଙ୍ଗରେ ସାମ୍ରାଜ୍ୟ ବିସ୍ତାର କରିବାକୁ କିପରି ରାଜନୈତିକ ସହଯୋଗ ମିଳିଥିଲା। ରାଜନୈତିକ ସହଯୋଗ କାରଣରୁ ଛୋଟା ଗୋଟିଏ ପରେ ଗୋଟିଏ ସଫଳତାର ଶିଡି ଚଢ଼ି ଚାଲିଥିଲେ। ଏସବୁ ପଛରେ ପୂର୍ବତନ କାଉନସିଲରଙ୍କ ଭୂମିକା ବେଶ ଗୁରୁତ୍ୱପୂର୍ଣ୍ଣ। ଯେଉଁ ପୂର୍ବତନ କାଉନସିଲର ଛୋଟାଙ୍କୁ ଏତେ ସହଯୋଗ କରିଥିଲେ ତାଙ୍କ ନାଁ ମଧ୍ୟ ଛୋଟା ଏସ୍‌ଟିଏଫ୍‌କୁ କହିଥିବା ଜଣାପଡିଛି। ତେବେ ପୂର୍ବତନ କାଉନ୍‌ସିଲର କହି ବୁଲୁଛନ୍ତି ମୋତେ ଗିରଫ କରିବା ଏତେ ସହଜ ନୁହେଁ। ଏସ୍‌ଟିଏଫ୍‌ର ନଜର ଥିବା ଜାଣି ପାରି ସେ ପୂର୍ବରୁ ପଦକ୍ଷେପ ନେଇ ସାରିଛନ୍ତି। ଅନ୍ୟପକ୍ଷେ ଏସ୍‌ଟିଏଫ୍ ପକ୍ଷରୁ ପୂର୍ବତନ କାଉନ୍‌ସିଲରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ଉଦ୍ଦେଶ୍ୟରେ ଫାଇଲ ପ୍ରସ୍ତୁତି ଚାଲୁ ରହିଛି। କାଳେ କିଛି ଅସୁବିଧା ହେବ ତାକୁ ଆଖି ଆଗରେ ରଖି ସତର୍କତାର ସହ ପଦକ୍ଷେପ ନେଉଛି ଏସ୍‌ଟିଏଫ୍ ବୋଲି ବିଶ୍ୱସ୍ତସୂତ୍ରରୁ ଜଣାପଡିଛି।

### ୩ ସହଯୋଗୀ ଫେରିଲେ

ଛୋଟାଙ୍କ ୩ ପ୍ରମୁଖ ସହଯୋଗୀ ଗୁରୁଜଙ୍ଗକୁ ଫେରି ପୁଣି ବ୍ୟବସାୟରେ ପାଦ ଥାପିଛନ୍ତି। ଗିରଫ ଭୟରେ ୩ ସହଯୋଗୀ ଫେରାର ହୋଇଯାଇଥିଲେ। ପୂର୍ବତନ କାଉନ୍‌ସିଲରଙ୍କ ନିର୍ଦ୍ଦେଶ ପାଇବା ପରେ ଫେରି ଆସିଥିବା ଜଣାପଡିଛି। ବ୍ୟବସାୟକୁ ବଢ଼ାଇବାକୁ ୩ ସହଯୋଗୀ ଏକ ବୈଠକ କରି ରଣନୀତି ପ୍ରସ୍ତୁତ କରିଛନ୍ତି। ପୁଣି ଛୋଟାଙ୍କୁ କିପରି ଜାମିନରେ ଅଣାଯିବ ସେନେଇ ଆଲୋଚନା କରାଯାଇଛି।

## ଆଇନଶୃଙ୍ଖଳା ନେଇ କଂଗ୍ରେସର ବିକ୍ଷୋଭ



ଜିଲା କଂଗ୍ରେସ ପକ୍ଷରୁ ଅତିରିକ୍ତ ଜିଲାପାଳଙ୍କୁ ଦାବିପତ୍ର ଦିଆଯାଉଛି ।

**ଖୋର୍ଦ୍ଧା ଅଫିସ,୨୪।୭:**

ରାଜ୍ୟରେ ଆଇନଶୃଙ୍ଖଳା ପରିସ୍ଥିତି ଭୁଶୁଡ଼ି ପଡ଼ିଛି। ନାବାଳିକା ଅପହରଣ, ବଳାତ୍କାର, ହତ୍ୟା ଘଟଣା, ନିଶା କାରବାର, ଉଦ୍‌ବେଗଜନକ ସ୍ଥିତିରେ ପହଞ୍ଚିଛି। ସରକାର ଆଇନ ଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣ କରିବାରେ ବିଫଳ ହୋଇଛନ୍ତି। ରାଜ୍ୟବାସୀ ଆଉ ନିରାପଦ ମନେ କରୁନାହାନ୍ତି। ୫ମ ଥର ଶାସନକୁ ଆସିବା ପରେ ଗର୍ବ ବଢ଼ିଯାଇଛି। ଏ ଅବସରରେ ରାଜ୍ୟପାଳଙ୍କ ଉଦ୍ଦେଶରେ ଏକ ସ୍ମାରକପତ୍ର ଅତିରିକ୍ତ ଜିଲାପାଳଙ୍କୁ କଂଗ୍ରେସ ପକ୍ଷରୁ ପ୍ରଦାନ କରାଯାଇଛି। ତେବେ ସ୍ମାରକପତ୍ର ଦେବା ପୂର୍ବରୁ କଂଗ୍ରେସ ନେତା ଓ କର୍ମୀମାନଙ୍କ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। କଂଗ୍ରେସ ନେତ୍ରୀ ସ୍ୱାଗତିକା ପଟ୍ଟନାୟକ, ନଗର କଂଗ୍ରେସ ସଭାପତି ରଣଜିତ ମହାପାତ୍ରଙ୍କ ନେତୃତ୍ୱରେ ବିକ୍ଷୋଭ କରାଯାଇଥିଲା।

## ସାପ କାମୁଡ଼ାରେ ଯୁବକଙ୍କ ମୃତ୍ୟୁ

**ବୋଲଗଡ଼,୨୪।୭(ଡି.ଏନ.ଏ.)**

ବୋଲଗଡ଼ ବ୍ଲକ କଡ଼ବ ଗ୍ରାମର ଜଣେ ଯୁବକଙ୍କ ସାପ କାମୁଡ଼ାରେ ଚିକିତ୍ସାଧୀନ ଅବସ୍ଥାରେ ବୁଧବାର ମୃତ୍ୟୁ ଘଟିଛି। ମୃତକଙ୍କ ନାମ ଅନିସ ରହମନ ଖାଁ(୨୪)। ପରିବାର ସୂତ୍ରରୁ ଜଣାପଡ଼େ, ସେ ମଙ୍ଗଳବାର ରାତିରେ ଘରେ ଶୋଇଥିବା ଅବସ୍ଥାରେ କୌଣସି ବିଷାକ୍ତ ସାପ କାମୁଡ଼ି ଦେଇଥିଲା। ଚିକିତ୍ସା ନିମନ୍ତେ ତାଙ୍କୁ ପ୍ରଥମେ ଖୋର୍ଦ୍ଧା ଜିଲା ମୁଖ୍ୟ ଡାକ୍ତରଖାନା ଓ ଅଧିକ ଗୁରୁତର ହେବାରୁ ଭୁବନେଶ୍ୱରସ୍ଥିତ ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା।

## ରୋଟାରୀ କ୍ଲବ ପକ୍ଷରୁ ବୃକ୍ଷରୋପଣ

**ଜଟଣୀ, ୨୪।୭(ଡି.ଏନ.ଏ.):**

ଜଟଣୀ ରୋଟାରୀ କ୍ଲବ ପକ୍ଷରୁ ସ୍ଥାନୀୟ ଉତ୍ତରାୟଣୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ବୁଧବାର ବୃକ୍ଷରୋପଣ କରାଯାଇଥିଲା। ଏଥିରେ ୫୦ରୁ ଅଧିକ ବିଭିନ୍ନ କିସମର ଚାରା ରୋପଣ ହୋଇଥିଲା। ରୋଟାରୀ କ୍ଲବର ସଭାପତି ଆଦିନାରାୟଣ ଖଣ୍ଡୁଆଳ, ସୁନୀଲ କୁମାର ଅଗ୍ରୱାଲା, ରାଧାମୋହନ ପଟ୍ଟନାୟକ, ରସିକଲାଲ ପଟେଲ, ରୋଟ୍ରାକ୍ଟ ଅମୀୟ ବେହେରା, ସୌରଭ ବାନିକ, ସ୍କୁଲର ପ୍ରଧାନ ଶିକ୍ଷକ ଭବାନୀ ଶଙ୍କର ମହାପାତ୍ରଙ୍କ ସମେତ ଅନ୍ୟମାନେ ଉପସ୍ଥିତ ରହିଥିଲେ।

## ପ୍ରାକୃତିକ ବିପର୍ଯ୍ୟୟ ସୁରକ୍ଷା କମିଟି ବୈଠକ

**କୃଷ୍ଣପ୍ରସାଦ,୨୪।୭(ଡି.ଏନ.ଏ.)**



ସଭାରେ ଯୋଗଦେଇଥିବା କମିଟି ସଭ୍ୟାସଭ୍ୟ।

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଚିଲିକା ନୂଆପଡ଼ାସ୍ଥିତ ମା'ଚଣ୍ଡୀ ମନ୍ଦିରରେ ଜିଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ ପ୍ରତିକାର କ୍ରିୟାନୁଷ୍ଠାନ କମିଟି କାର୍ଯ୍ୟକାରୀ ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି । ୨୦୧୩ରେ ହୋଇଥିବା ଫାଇଲିନ ବାତ୍ୟାରେ କ୍ଷତିଗ୍ରସ୍ତ ପରିବାରଗୁଡ଼ିକୁ ଏ ପର୍ଯ୍ୟନ୍ତ ସରକାରୀ ସହାୟତା ମିଳିନି ବୋଲି ବୈଠକରେ ସଦସ୍ୟମାନେ କହିଥିଲେ । ବର୍ତ୍ତମାନ ଫନୀ ବାତ୍ୟାକୁ ୨ ମାସରୁ ଊର୍ଦ୍ଧ୍ୱ ହୋଇଥିବାବେଳେ କ୍ଷତିଗ୍ରସ୍ତଙ୍କୁ ରିଲିଫ୍ ବାବଦରେ ୩ ହଜାର ଟଙ୍କା, ୫୦ କେଜି ଚାଉଳ ଓ ଗୋଟିଏ ପଲିଥିନ୍ ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯାଇଛି। ଚାଷୀଙ୍କୁ କାଳିଆ ଯୋଜନା ଅନ୍ତର୍ଭୁକ୍ତ ସହାୟତା ରାଶି ପ୍ରଦାନ ଏବଂ ଏହାର କାର୍ଯ୍ୟକାରିତା ସମ୍ପର୍କରେ ମଧ୍ୟ ବୈଠକରେ ଆଲୋଚନା ହୋଇଥିଲା । ସମସ୍ତ ହିତାଧିକାରୀ ଏଭଳି ଯୋଜନାଗୁଡ଼ିକରୁ କିଭଳି ସୁବିଧା ପାଇପାରିବେ ଓ ଆଗାମୀ ଦିନରେ ଏହାକୁ କିପରି ତ୍ୱରାନ୍ୱିତ କରାଯାଇପାରିବ ସେ ନେଇ ଆଲୋଚନା ହୋଇଥିଲା। ଭକ୍ତିରଞ୍ଜନ ପଲେଇ, ବିହାରୀ ବନ୍ଧୁ ପଲାଇଙ୍କ ନେତୃତ୍ୱରେ ସଭା ଆୟୋଜିତ ହୋଇଥିଲା ।

## ଜଟଣୀ ଥାନାର ଆମ ପୋଲିସ କାର୍ଯ୍ୟକ୍ରମ

**ଜଟଣୀ,୨୪।୭(ଡି.ଏନ.ଏ.)**




କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅଧିକାରୀମାନେ ।

ଜଟଣୀରେ ବୃଦ୍ଧି ପାଉଥିବା ନିଶା କାରବାରକୁ ନେଇ ଅନୁଷ୍ଠିତ ଆମ ପୋଲିସ କାର୍ଯ୍ୟକ୍ରମରେ ଉପସ୍ଥିତ ସ୍ଥାନୀୟ ଅଞ୍ଚଳର ବିଭିନ୍ନ ବର୍ଗର ବ୍ୟକ୍ତି ବିଶେଷ ଉଦ୍‌ବେଗ ପ୍ରକାଶ କରିଥିଲେ। ବିଶେଷକରି ବ୍ରାଉନ୍‌ସୁଗାର ଭଳି ନିଶା କାରବାର ସମ୍ପୂର୍ଣ୍ଣ ବନ୍ଦ କରିବା ଉପରେ ଗୁରୁତ୍ୱ ଦେବାକୁ ମତ ରଖିଥିଲେ। ସ୍ଥାନୀୟ ରୋଟାରୀ କ୍ଲବ ପରିସରରେ ବୁଧବାର ସନ୍ଧ୍ୟାରେ ଆୟୋଜିତ କାର୍ଯ୍ୟକ୍ରମରେ ଜଟଣୀ ଥାନା ଇନ୍ସପେକ୍ଟର ବିଶ୍ୱରଞ୍ଜନ ସାହୁଙ୍କ ସମେତ ଥାନାର ଅନ୍ୟ ପୋଲିସ କର୍ମଚାରୀ ଉପସ୍ଥିତ ରହି ଲୋକଙ୍କର ବିଭିନ୍ନ ସମସ୍ୟା ଶୁଣିଥିଲେ। ଥାନା ଅଞ୍ଚଳରୁ ବ୍ରାଉନ୍‌ସୁଗାର ସହ ଅନ୍ୟାନ୍ୟ ନିଶା କାରବାରକୁ ବନ୍ଦ କରିବାକୁ ପୋଲିସର ଚାଲିଥିବା ଚଢ଼ାଉ ତଥା ଅଭିଯାନ ଉପରେ ଇନ୍ସପେକ୍ଟର ସାହୁ ସୂଚନା ଦେଇଥିଲେ। ଜନସାଧାରଣଙ୍କ ସହଯୋଗ ରହିଲେ ନିଶା କାରବାର ଓ ଅନ୍ୟ ଅପରାଧିକ ଘଟଣା ହ୍ରାସ ପାଇବ ବୋଲି କହିଥିଲେ। ଏଥିରେ ଆଇନଜୀବୀ ଶୈଳେନ୍ଦ୍ର କୁମାର ପଟ୍ଟନାୟକ, ବୀରେନ୍ଦ୍ର କୁମାର ପଟ୍ଟନାୟକ, ଜଟଣୀ ୟୁଥ୍ ଫେଡେରେଶନ୍‌ର ସମ୍ପାଦକ ଅନନ୍ତ ଶତପଥୀ, ନାଟ୍ୟକାର ଗୋପାଳ ଦେ, ଚଳଚ୍ଚିତ୍ର ନିର୍ଦ୍ଦେଶକ ରାଜୁ ମିଶ୍ର, ବିପ୍ଳବ ଶତପଥୀ, ବରିଷ୍ଠ ନାଗରିକ ମଞ୍ଚର ସାଧାରଣ ସମ୍ପାଦକ ରବୀନ୍ଦ୍ର ପ୍ରସାଦ ମିଶ୍ର, ସାମାଜିକ କର୍ମୀ ନୁର ଜାଫର, ପ୍ରତାପ ସାମନ୍ତରାୟ, କାଶୀନାଥ ନାୟକ, ଅଧ୍ୟାପକ ତପନ ମିଶ୍ର, ରୋଟାରିୟାନ୍ ବୁଟୁ ପଟ୍ଟନାୟକ, ରୋହତାସ ଅଗ୍ରୱାଲ ଓ ସ୍ଥାନୀୟ ଅଞ୍ଚଳର ବିଭିନ୍ନ ବର୍ଗର ବ୍ୟକ୍ତିବିଶେଷ ଉପସ୍ଥିତ ରହିଥିଲେ।

## ୧୯ ମୋବାଇଲ, ଇନ୍‌ଭର୍ଟର ଜବତ : ୩ ଗିରଫ

**ଖୋର୍ଦ୍ଧା ଅଫିସ,୨୪।୭**



ଗିରଫ ଅଭିଯୁକ୍ତମାନେ ।

ଖୋର୍ଦ୍ଧା ଆଦର୍ଶ ଥାନା ପୋଲିସ ମୋବାଇଲ ଚୋରି କରିବା ଅଭିଯୋଗରେ ୩ ଜଣଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ସେମାନଙ୍କଠାରୁ ୧୯ ଟି ମୋବାଇଲ, ଗୋଟିଏ ଇନ୍‌ଭର୍ଟର ଓ ଏକ ବାଇକ୍ ଜବତ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଭାଲିଆବାଡିର ଭରତ ନାୟକ(୨୭), ମୁକୁନ୍ଦପ୍ରସାଦର ଅବଦୁଲ ମୁବାରକ ଓରଫ ରାଜା(୨୦) ଓ ଫାରୁକ ଖାନ(୨୨)। କୋର୍ଟରେ ଜାମିନ ନାମଞ୍ଜୁର ପରେ ୩ ଅଭିଯୁକ୍ତଙ୍କୁ ଖୋର୍ଦ୍ଧା ସବ୍‌ଜେଲକୁ ପଠାଇ ଦିଆଯାଇଛି। ମୁକୁନ୍ଦପ୍ରସାଦର ଅବଦୁଲ ଓ ଫାରୁକଙ୍କ ନାଁରେ ମୋବାଇଲ ଚୋରି ଅଭିଯୋଗରେ ୩୯୪ ଆଇପିସି ଦଫାରେ ନଂ. ୨୧୫/୧୯ରେ ମକଦ୍ଦମା ରୁଜୁ ହୋଇଥିଲା। ସେହିପରି ଭରତଙ୍କ ନାଁରେ ଦଫା ୪୫୭, ୩୮୦ରେ ନଂ. ୨୧୪/୧୯ରେ ଅନୁରୂପ ମକଦ୍ଦମା ରୁଜୁ ହୋଇ ଇନ୍‌ଭେଟର ଜବତ ହୋଇଛି।

■ କ୍ୟାନ୍‌ସରରେ ୪ ବର୍ଷ ଧରି ପୀଡ଼ିତ

## ନ ଜାଣି କରୁଥିଲେ ଗାଡି ଡ୍ରାଇଭିଂ

**ଶିଶୁପୁତ୍ରଙ୍କ ଗେଲର ଚାପୁଡା ଚିହ୍ନାଇଲା ରୋଗ**

**ଖୋର୍ଦ୍ଧା ଅଫିସ,୨୪।୭:**



କ୍ୟାନସରରେ ପୀଡିତ ଦୀପକ ।

ଖୋର୍ଦ୍ଧା ବ୍ଲକ ପୁରୁସାହିର ଦୀପକ ଜେନା ଓରଫ ଟୁଲୁ (୪୫) ବସ୍ ଡ୍ରାଇଭରଭାବେ କାମ କରନ୍ତି। ଟୁଲୁ କ୍ୟାନ୍‌ସରରେ ୪ବର୍ଷ ଧରି ପୀଡିତ ଥିଲେ ମଧ୍ୟ ଜାଣି ପାରି ନ ଥିଲେ ରୋଗର ଲକ୍ଷଣ। ସେହିଭଳି ରୋଗରେ ପୀଡିତ ଥାଇବି ଗାଡି ଡ୍ରାଇଭିଂ କଲାବେଳେ କେବେ ଅନୁଭବ କରି ପାରୁ ନ ଥିଲେ ଶାରୀରିକ ଅସୁସ୍ଥତା। ହେଲେ ୩ ବର୍ଷର ଶିଶୁପୁତ୍ରଙ୍କ ଗେଲର ଚାପଡା ସବୁ କିଛି ଏପଟସେପଟ କରିଦେଇଛି। ପ୍ରାପ୍ତ ସୂଚନା ଅନୁସାରେ, ବାହୁଡା ଅବସରରେ ଗାଡିରେ ଭିଡକୁ ଅନୁଭବ କରି ପୂର୍ବଦିନରୁ ଛୁଟିରେ ରହିଥିଲେ ଟୁଲୁ। ଗାଁକୁ ଫେରି ୩ ବର୍ଷର ପୁଅ ସହ ଖେଳୁଥିଲେ। ବାପାଙ୍କୁ ଗେଲ କରିବାକୁ ଯାଇ ପୁଅ ଗାଲକୁ କେଇଥର ମାରିଥିଲେ। ଏହି ସମୟରେ ଗାଲରୁ ରକ୍ତ ଖସିଥିଲା। ଗାଲରୁ ରକ୍ତ ଖସିବା ଦେଖି ଟୁଲୁ ଓ ପରିବାର ଲୋକ ଅବାକ ହୋଇଗଲେ। ରୋଗ ଜାଣିବାକୁ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିଲେ। ହେଲେ କିଛି ଜଣା ପଡି ନ ଥିଲା। ଏମ୍‌ସରେ ଭର୍ତ୍ତି ହେବା ପରେ ଜଣାପଡିଥିଲା କ୍ୟାନସର। ତାହା ପୁଣି ଶେଷ ଅବସ୍ଥା। ୪ ବର୍ଷ ତଳେ କ୍ୟାନ୍‌ସର ହୋଇଥିବା ଡାକ୍ତର କହିଥିଲେ। କ୍ୟାନ୍‌ସର ରୋଗ ସମ୍ପର୍କରେ ଜଣାପଡିବା ପରେ ପରିବାର ଲୋକ ଚିନ୍ତିତ ହୋଇପଡିଛନ୍ତି। ଚିକିତ୍ସା ପାଇଁ ପାଖରେ ଅର୍ଥ ନାହିଁ। ଯାହା ରୋଜଗାର ହୁଏ, ସେଥିରେ ପରିବାର ଚଳିଯାଏ। ସ୍ତ୍ରୀ, ୧୨ ବର୍ଷର ଝିଅ ଓ ୩ ବର୍ଷର ପୁଅକୁ ନେଇ ପରିବାର। ଜମି ବୋଲି କିଛିନାହିଁ। ଚିକିତ୍ସା ପାଇଁ ସରକାରୀ ଓ ବେସରକାରୀ ସ୍ତରରେ ସହାୟତା ପାଇଁ ପରିବାର ଲୋକ ଅନୁରୋଧ କରିଛନ୍ତି। ସେ ଏବେ କଟକ ଜିଲା ତେଲେଙ୍ଗାପେଣ୍ଠରେ ଥିବା ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ଅଛନ୍ତି।

■ ୫୭ ନଂ. ଜାତୀୟ ରାଜପଥ

## ନିର୍ମାଣ କାମରେ ଅନିୟମିତତା ଅଭିଯୋଗ

**ବେଗୁନିଆ, ୨୪।୭ (ଡି.ଏନ.ଏ.)**



ଜାତୀୟ ରାଜପଥ କଡରେ ନିର୍ମାଣାଧୀନ ଡ୍ରେନ ।

ଲୋକଙ୍କ ଯାତାୟାତ ଲାଗି ରାଜ୍ୟ ଓ କେନ୍ଦ୍ର ସରକାର ଟଙ୍କା ଖର୍ଚ୍ଚ କରି ରାସ୍ତା ନିର୍ମାଣ କରୁଛନ୍ତି। ହେଲେ ଖୋର୍ଦ୍ଧା-ବଲାଙ୍ଗୀର ୫୭ ନଂ. ଜାତୀୟ ରାଜପଥରେ ନିର୍ମାଣ କାମରେ ଅନିୟମିତତା କରାଯାଉଥିବା ନେଇ ଜିଲାପାଳଙ୍କ ଜନ ଅଭିଯୋଗ ଶୁଣାଣିରେ ବେଗୁନିଆର ଜନକଲ୍ୟାଣ ପ୍ରତିଷ୍ଠାନର ସଦସ୍ୟମାନେ ଅଭିଯୋଗ ଉଠାଇଛନ୍ତି। ସେମାନେ ଏ ସମ୍ପର୍କରେ କେନ୍ଦ୍ର ପରିବହନ ମନ୍ତ୍ରୀ ନୀତିନ ଗଡକରୀ, ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡଙ୍ଗୀ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ବେଗୁନିଆ ବିଧାୟକ ରାଜେନ୍ଦ୍ର ସାହୁ, ଜିଲାପାଳ, ତହସିଲଦାର, ବିଡିଓଙ୍କୁ ଅଭିଯୋଗ ପତ୍ର ଦେଇଛନ୍ତି। ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବାକୁ ଅନୁଷ୍ଠାନର ସଭାପତି ଅକ୍ଷୟ ରଥ ଓ ୫୦ ଜଣ ସଦସ୍ୟଙ୍କ ଦସ୍ତଖତ ଥିବା ଦାବିପତ୍ରକୁ ପ୍ରେରଣ କରିଛନ୍ତି। ୫୭ ନଂ. ଜାତୀୟ ରାଜପଥର ସାରୁଅଠାରୁ ଚକାପଦା ପର୍ଯ୍ୟନ୍ତ ୧୨ କିମି ରାସ୍ତା ନିର୍ମାଣ କାର୍ଯ୍ୟ ନିମ୍ନମାନର ହେଉଥିବା ଅଭିଯୋଗରେ ଦର୍ଶାଯାଇଛି। ବାରମ୍ବାର ସରକାର ଏବଂ ପ୍ରଶାସନିକ ଅଧିକାରୀଙ୍କୁ ଅଭିଯୋଗ କରିବା ସତ୍ତ୍ୱେ କେହି ଏଥିପ୍ରତି ଦୃଷ୍ଟି ଦେଉନାହାନ୍ତି। ଏହି ରାଜପଥ ଗୋଟିଏ ଲେନ ଥିବା ବେଳେ ଏବେ ୨ ଲେନ କରାଯାଉଛି। ରାଜପଥର ବହୁ ସ୍ଥାନରେ ବିଦ୍ୟୁତ୍ ଖୁଣ୍ଟ ଉଠା ନ ଯାଇ କାମ ହୋଇଛି। ଫଳରେ ଅନେକ ସ୍ଥାନରେ ରାସ୍ତା ଅଣଓସାରିଆ ହୋଇ ଯାଇଛି। କେତେକ ସ୍ଥାନରେ ରାସ୍ତା ଅଧାପନ୍ତରିଆ ଭାବେ ଛାଡି ଦିଆଯାଇଛି। ଏଥିଯୋଗୁ ଦୁର୍ଘଟଣା ଘଟୁଛି। ଅନ୍ୟପକ୍ଷେ ବେଗୁନିଆ ବ୍ଲକ ଛକଠାରୁ ବଜାରର ଉଭୟପାର୍ଶ୍ୱରେ ଡ୍ରେନ ନିର୍ମାଣ କାମ ଚାଲିଛି। ପୂର୍ବରୁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଇ ଡ୍ରେନ ନିର୍ମାଣ କରାଯାଇ ଉପରେ ସ୍ଲାପ ପକାଯାଇଥିଲା। ତାହାକୁ ପୋତି ପାର୍ଶ୍ୱରେ ନୂତନ ଭାବେ ଡ୍ରେନ କାମ ଚାଲିଛି। ଡ୍ରେନଟି ଅଙ୍କାବଙ୍କା ହୋଇ ରହିଥିବାବେଳେ ଏଥିରେ ସ୍ୱଚ୍ଛତା ରହୁ ନ ଥିବା ମଧ୍ୟ ଅଭିଯୋଗରେ କୁହାଯାଇଛି। ଏହି ୧୨ କିମି ରାଜପଥ ପାଇଁ ୭୫ କୋଟି ଟଙ୍କା ଅନୁଦାନ ମିଳିଛି। କାର୍ଯ୍ୟ ଆରମ୍ଭରୁ ଏଯାବତ୍ ୬୦ ପ୍ରତିଶତ କାମ ବାକି ରହିଛି। ଏଥିପ୍ରତି ଯଦି ଦୃଷ୍ଟି ଦିଆ ନ ଯାଏ, ତାହାହେଲେ ଟଙ୍କା ଖର୍ଚ୍ଚ ସତ୍ତ୍ୱେ କାମ ଠିକ୍ ଭାବେ ହେବନାହିଁ ବୋଲି କୁହାଯାଇଛି। ଏଥିସହ ନିର୍ଦ୍ଧାରିତ ସମୟ ପୂର୍ବରୁ କାମ ସରିବା ନେଇ ମଧ୍ୟ ଅନିଶ୍ଚିତତା ଦେଖାଦେଇଛି। ଫଳରେ ରାଜପଥ ଦେଇ ଯାତାୟାତ କରୁଥିବା ଯାତ୍ରୀ ହିନସ୍ତା ହେଉଛନ୍ତି।

ଯଦି ସାଧନାରେ ଉନ୍ନତି ଲାଭ କରିବାକୁ ଚାହଁ,
ତେବେ କପଟତା ତ୍ୟାଗ କର।
-ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର



## ସଂକ୍ଷେପରେ

### ସ୍ୱଚ୍ଛ ବେଳାଭୂମି ଚିନ୍ତା, ବସିଲା ଜାଲ ଅଡ଼ା



**ପୁରୀ ଅଫିସ, ୨୪।୭:** ପୁରୀ ବେଳାଭୂମିକୁ ସ୍ୱଚ୍ଛ ଏବଂ ପରିଷ୍କାର ରଖିବା ଲାଗି ଜିଲା ପ୍ରଶାସନ ବିଭିନ୍ନ ପଦକ୍ଷେପ ହାତକୁ ନେଇଛି। ବିଶେଷକରି ପର୍ଯ୍ୟଟକମାନେ ବେଳାଭୂମିରେ ବୁଲିବା ସମୟରେ ପାଣି ବୋତଲ ହେଉ କିମ୍ବା ଥଣ୍ଡା ପାନୀୟ ବୋତଲ, କ୍ୟାନ୍‌ସ ଓ ଟ୍ରେଟା ଇତ୍ୟାଦି ପିଇ ଯେଉଁଠି ପାଇଲେ ସେଠି ପକାଇ ଦିଅନ୍ତି । ଫଳରେ ବେଳାଭୂମି ଅପରିଷ୍କାର ହୁଏ। ଏଥିପାଇଁ ଜିଲା ପ୍ରଶାସନ ବେଳାଭୂମିର ବିଭିନ୍ନ ସ୍ଥାନରେ ଜାଲ ଅଡ଼ା ବସାଇଛି। ପର୍ଯ୍ୟଟକମାନେ ଏହା ମଧ୍ୟରେ ଯେ କୌଣସି ପ୍ଲାଷ୍ଟିକ ଆବର୍ଜନା ପକାଇ ପାରିବେ। ଦେଶର ଅନ୍ୟ କେତେକ ବେଳାଭୂମିରେ ଏହିଭଳି ଜାଲ ଅଡ଼ା ବସିଥିବା ବେଳେ ସ୍ୱଚ୍ଛତା ପଦକ୍ଷେପ ଫଳପ୍ରଦ ହୋଇଛି। ତେଣୁ ଏଠାରେ ପର୍ଯ୍ୟଟକ ଓ ସ୍ଥାନୀୟ ଲୋକେ ଏହାଦ୍ୱାରା ସଚେତନ ହେବେ ବର୍ତ୍ତମାନ ୭/୮ଟି ଏହିଭଳି ଜାଲ ଅଡ଼ା ବସାଯାଇଛି। ଆଗାମୀ ଦିନରେ ଆହୁରି ଅଧିକ ଜାଲ ଅଡ଼ା ବସାଯିବ ବୋଲି ପ୍ରଶାସନ ପକ୍ଷରୁ ସୂଚନା ମିଳିଛି।

### ଏସ୍‌ସିବି ମେଡିକାଲରେ ରୋଗୀଙ୍କୁ ଅବହେଳା
### ଓଏଚ୍‌ଆର୍‌ସିରେ ଅଭିଯୋଗ

**କଟକ ଅଫିସ, ୨୪।୭:** ଏସ୍‌ସିବି ମେଡିକାଲରେ ରୋଗୀଙ୍କୁ ଅବହେଳା କରାଯାଉଛି। ଜଣେ ଯୁବତୀ ଏସ୍‌ସିବି ମେଡିକାଲ ସେଣ୍ଟ୍ରାଲ ଆଇସିୟୁରେ ବେଡ ନଂ.୧ରେ ଚିକିତ୍ସିତ ହେଉଥିବାବେଳେ ଠିକ୍ ଭାବରେ ତାଙ୍କ ଚିକିତ୍ସା ଓ ଦେଖାଶୁଣା କରାଯାଉନାହିଁ। ଏପରି କି ତାଙ୍କୁ ଠିକ୍‌ଭାବେ ଔଷଧ ଓ ଖାଦ୍ୟ ମିଳୁନି। ରୋଗୀଙ୍କୁ ତରଳ ଖାଦ୍ୟ ଦେବା ପାଇଁ ଡାକ୍ତର କହିଥିବାବେଳେ ଡାକ୍ତରଖାନା ପକ୍ଷରୁ ଏଥିରେ ଅନିୟମିତତା କରାଯାଉଛି। ଏ ନେଇ ସାମାଜିକ କର୍ମୀ ଅଚ୍ୟୁତ କୁମାର ସାହୁ ବୁଧବାର ରାଜ୍ୟ ମାନବାଧିକାର କମିଶନ(ଓଚ୍‌ଆରସି)ଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଏହି ବିଷୟ ପ୍ରତି ଦୃଷ୍ଟି ଦେବା ସହ ଏଥିରେ ଅବହେଳା କରୁଥିବା ଅଧିକାରୀ ଏବଂ କର୍ମଚାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ଦାବି କରିଛନ୍ତି। କିଛିଦିନ ତଳେ ପୁରୀ-କୋଣାର୍କ ମେରାଇନ୍ ଡ୍ରାଇଭ ରାସ୍ତାର ଲିଆଖିଆ ବ୍ରିଜ ନିକଟରେ ଏକ ଦୁର୍ଘଟଣା ଘଟିଥିଲା। ଏଥିରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିବାବେଳେ ତାଙ୍କ ସହ ଥିବା ଯୁବତୀ ଗୁରୁତର ହୋଇଥିଲେ। ଚିକିତ୍ସା ଲାଗି ଯୁବତୀଙ୍କୁ ପ୍ରଥମେ ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ଗତ ୧୦ ତାରିଖରେ ଏସ୍‌ସିବି ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା।

### ଖବରଦାତାଙ୍କ ସୁରକ୍ଷା ପାଇଁ ଆଇନ ପ୍ରଣୟନ ଦାବି

**ଡେଲାଙ୍ଗ,୨୪।୭(ଡି.ଏନ୍.ଏ.):** କାର୍ଯ୍ୟରତ ଖବରଦାତାଙ୍କ ସୁରକ୍ଷା ପାଇଁ ଆଇନ ପ୍ରଣୟନ କରିବାକୁ ବୁଧବାର ଡେଲାଙ୍ଗ ପ୍ରେସ୍ କ୍ଲବ୍ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ସ୍ଥାନୀୟ ତହସିଲଦାର ରାଜେନ୍ଦ୍ର କୁମାର ଆଚାରିଆଙ୍କୁ ପ୍ରଦାନ କରାଯାଇଛି। ଏହି ଦାବିପତ୍ର ପ୍ରଦାନ ବେଳେ ଖବରଦାତା ପ୍ରସନ୍ନ ତ୍ରିପାଠୀ, ବିଜୟ କୁମାର ମିଶ୍ର, ଦିଲୀପ କୁମାର ଧାଉଡ଼ିଆ, ରଶ୍ମିରଞ୍ଜନ ପ୍ରଧାନ, ଦୀପକ କୁମାର ମିଶ୍ର, ଚିତ୍ତରଞ୍ଜନ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

### ଶିକ୍ଷାବିତ୍‌ଙ୍କ ସ୍ମୃତି ସଭା

**କଣାସ,୨୪।୭(ସ୍ୱ.ପ୍ର.):** କଣାସ ବ୍ଲକ ଅର୍ନ୍ତଗତ ପାଣ୍ଡିଆକେରା ଗ୍ରାମର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସୁବାସ ଚନ୍ଦ୍ର ମହାରଥାଙ୍କ ବିୟୋଗରେ ବୁଧବାର ମହନ୍ତ ବନମାଳୀ ଦାଶ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଏକ ସ୍ମୃତି ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ କଣାସ ବରିଷ୍ଠ ନାଗରିକ ମଞ୍ଚର ସଭାପତ ବିଭୂତି ଭୁଷଣ ପଟ୍ଟନାୟକ ଅଧକ୍ଷତା କରିଥିଲେ। ମହାରଥାଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଏକ ମିନିଟ୍ ନୀରବ ପ୍ରଥନା କରାଯାଇଥିଲା। ସେ ଜଣେ ଉତ୍ତମ ପ୍ରଶିକ୍ଷକ, ଦକ୍ଷ ସଙ୍ଗଠକ, ଶିକ୍ଷକ ନେତା, ସାମାଜିକ କର୍ମୀ ଥଲେ ବୋଲି ଯୋଗଦେଇଥିବା ସଭ୍ୟାସଭ୍ୟମାନେ କହିଥିଲେ। ଏହି ସଭାକୁ ଭାଗୀରଥି ମହାପାତ୍ର ପରିଚାଳନା କରିଥିଲେ ।

■ ବାତ୍ୟା ବିପନ୍ନଙ୍କୁ ପକ୍କାଘର ପ୍ରଦାନ ପ୍ରସଙ୍ଗ

# ଆଜିଠୁ ହେବ ଜିଓ ଟ୍ୟାଗିଂ

**ପୁରୀ ଅଫିସ, ୨୪।୭**

■ ସ୍ୱଚ୍ଛତା ବଜାୟ ରଖିବାକୁ ଜିଲାପାଳଙ୍କ ନିର୍ଦ୍ଦେଶ

■ ଘର ମିଳିଲେ ୨ ମାସରେ ସାରିବାକୁ ହେବ

ବାତ୍ୟା ଫନୀରେ ଘର ଭାଙ୍ଗିଥିବା ହିତାଧିକାରୀଙ୍କୁ ପକ୍କା ଘର ଦିଆଯିବ। ଏ ନେଇ ବୁଧବାର ପୁରୀ ଜିଲା ପ୍ରଶାସନ ପକ୍ଷରୁ ଟାଉନ ହଲ୍‌ରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ବଲୱନ୍ତ ସିଂ ଅଧକ୍ଷତା କରିଥିଲେ। ପ୍ରକୃତ କ୍ଷତିଗ୍ରସ୍ତ ଯେପରି ବଞ୍ଚିତ ନ ହେବେ ସେଥିପ୍ରତି ଧ୍ୟାନ ଦେବାକୁ ସେ ଉପସ୍ଥିତ ଅଧିକାରୀ ଏବଂ କର୍ମଚାରୀଙ୍କୁ ପରାମର୍ଶ ଦେଇଥିଲେ। ଗୁରୁବାରଠାରୁ ଜିଓ ଟ୍ୟାଗିଂ ଆରମ୍ଭ ହେବ ବୋଲି ନିଷ୍ପତ୍ତି ନିଆଯାଇଛି।

ବାତ୍ୟାରେ ପୁରୀ ଜିଲାରେ ୨,୭୮,୭୬୨ଟି ବାସଗୃହ ଭାଙ୍ଗିଥିଲା। ତନ୍ମଧ୍ୟରୁ ୭୪ଟି ପକ୍କାଘର, ୮,୯୮୫ଟି କଚ୍ଚାଘର ସମ୍ପୂର୍ଣ୍ଣ ଭାଙ୍ଗିଥିବାବେଳେ ୬,୧୨୭ଟି ପକ୍କାଘର ଓ ୯୮,୫୮୮ କଚ୍ଚାଘର ଅତ୍ୟଧିକ କ୍ଷତିଗ୍ରସ୍ତ ହୋଇଥିଲା। ସେହିପରି ୧,୧୩,୨୮୧ଟି ପକ୍କାଘର, ୪୯,୫୨୯ଟି କଚ୍ଚାଘର ଆଂଶିକ ଭାବେ କ୍ଷୟକ୍ଷତି ହୋଇଥିବାବେଳେ ୨୧୭୮ଟି କୁଡ଼ିଆ ଏବଂ ୪୪,୩୭୮ଟି ଗୁହାଳ ନଷ୍ଟ ହୋଇଛି। ତେବେ ଯେଉଁମାନଙ୍କର ଘର ସମ୍ପୂର୍ଣ୍ଣ ଏବଂ ଅତ୍ୟଧିକ ଭାଙ୍ଗିଛି ଗୁରୁବାରଠାରୁ ସେମାନଙ୍କ ଘରର ଜିଓ ଟ୍ୟାଗିଂ ଆରମ୍ଭ ହେବ। ଏଥିପାଇଁ ପ୍ରତ୍ୟେକ ପଞ୍ଚାୟତରେ ୩ଜଣିଆ କମିଟି ଗଠନ କରାଯାଇଛି। ତହସିଲଦାରମାନେ ଯେଉଁ ଘରଭଙ୍ଗା ତାଲିକା ପ୍ରସ୍ତୁତ କରିଛନ୍ତି ତାହାକୁ ଭିତ୍ତିକରି ଏହି କମିଟି ଘର ଘର ବୁଲି ସେହି ଘରର ଫଟୋ ଉଠାଇ ଜିଓ ଟ୍ୟାଗିଂ କରିବେ। ଏହାପରେ ଅନୁଧ୍ୟାନ କରାଯାଇ ପ୍ରକୃତ କ୍ଷତିଗ୍ରସ୍ତଙ୍କୁ ସ୍ୱତନ୍ତ୍ର ଭାବେ ପ୍ରଧାନମନ୍ତ୍ରୀ ଆବାସ (ଗ୍ରାମୀଣ) ଯୋଗାଇ ଦିଆଯିବ। ବାତ୍ୟାରେ ଯେଉଁମାନଙ୍କର ଘର ଭାଙ୍ଗିଛି ପ୍ରଥମେ ସେମାନଙ୍କ ଡାଟା ବେସ୍ ପ୍ରସ୍ତୁତ କରିବାକୁ କେନ୍ଦ୍ର ସରକାର ରାଜ୍ୟ ସରକାରଙ୍କୁ କହିଥିଲେ। ସେହି ଅନୁଯାୟୀ, କ୍ଷତିଗ୍ରସ୍ତଙ୍କ ପରିବାର ସମ୍ପର୍କରେ ସବିଶେଷ ତଥ୍ୟ, ଜିଓ ଟ୍ୟାଗିଂ ଆରମ୍ଭ କରାଯିବାକୁ ବୈଠକରେ ସ୍ଥିର ହୋଇଛି। ସେହିପରି ସ୍ୱଚ୍ଛ ଭାରତ ମିଶନରେ ଯେଉଁ ହିତାଧିକାରୀମାନେ ପାଇଖାନା କରିଥିଲେ ଏବଂ ବାତ୍ୟାରେ ତାହା ଭାଙ୍ଗିଯାଇଛି ତାହା ମଧ୍ୟ ତାଲିକାଭୁକ୍ତ ହେବ। ଏହି ଅବସରରେ ପୂର୍ବରୁ ଇନ୍ଦିରା ଆବାସ ଏବଂ ପ୍ରଧାନମନ୍ତ୍ରୀ ଆବାସ ନେଇ ଜିଲାକୁ ଯେଉଁ ଟାର୍ଗେଟ ଦିଆଯାଇଥିଲା ତାହାର ସମୀକ୍ଷା କରାଯାଇଥିଲା।

ବୈଠକରେ ଜିଲାପାଳ କହିଥିଲେ, ଯେଉଁମାନେ ଜିଓ ଟ୍ୟାଗିଂ କରିବେ ସେମାନେ ସମ୍ପୂର୍ଣ୍ଣ ନିରପେକ୍ଷ ହେବେ। କାହା କଥାରେ ପରିଚାଳିତ ହେବେ ନାହିଁ କିମ୍ବା ଅର୍ଥ ଲାଳସାରେ କେଉଁଆଡ଼େ ଢଳିବେ ନାହିଁ। ସେହିପରି ଘର ମିଳିବା ମାତ୍ରେ ୨ମାସ ମଧ୍ୟରେ ନିର୍ମାଣ ଶେଷ କରିବାକୁ ପଡ଼ିବ। ହିତାଧିକାରୀଙ୍କ ଆକାଉଣ୍ଟକୁ ସିଧାସଳଖ ଟଙ୍କା ଯାଉଥିଲେ ମଧ୍ୟ ବ୍ଲକ ଏବଂ ପଞ୍ଚାୟତ ଅଧିକାରୀମାନେ କାମର ଅଗ୍ରଗତି ନେଇ ନିୟମିତ ଭାବେ ତଦାରଖ କରିବେ। ଏହାଦ୍ୱାରା ନିର୍ଦ୍ଧାରିତ ସମୟ ମଧ୍ୟରେ ନିର୍ମାଣ କାର୍ଯ୍ୟ ଶେଷ ହେବ। ସେହିପରି ଜିଓ ଟ୍ୟାଗିଂର ସ୍ୱଚ୍ଛତା ମଧ୍ୟ ଅନୁଧ୍ୟାନ କରାଯିବ। ତହସିଲ ଯେଉଁ ରିପୋର୍ଟ ଦେଇଛି ତାହାର ସତ୍ୟତା ରହିଛି କି ନାହିଁ ଅଧିକାରୀମାନେ ପରଖିବେ। ପ୍ରତି ବ୍ଲକରେ ଡାଟା ଏଣ୍ଟ୍ରି ଅପରେଟର ରହି ଡାଟା ବେସ୍ ପ୍ରସ୍ତୁତ କରିବେ।

ଏହି ବୈଠକରେ ପଞ୍ଚାୟତିରାଜ ବିଭାଗର ବରିଷ୍ଠ ଅଧିକାରୀ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ବିଶାଲ ସିଂଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଏବଂ ଜିଓ ଟ୍ୟାଗିଂ କମିଟିରେ ସ୍ଥାନ ପାଇଥିବା କର୍ମଚାରୀମାନେ ଉପସ୍ଥିତ ଥିଲେ ।




ସିଂହଦ୍ୱାର ସମ୍ମୁଖରୁ ଅନ୍ତଃରାଷ୍ଟ୍ରୀୟ ଯୁବଯାତ୍ରାର ଶୁଭାରମ୍ଭ କରାଯାଉଛି।

## ଅନ୍ତଃରାଷ୍ଟ୍ରୀୟ ଯୁବଯାତ୍ରାର ଶୁଭାରମ୍ଭ

**ପୁରୀ ଅଫିସ, ୨୪।୭**

ଯୁବ ସାମାଜିକ ଅନୁଷ୍ଠାନ ସିନର୍ଜି ଟ୍ରଷ୍ଟ ଆନୁକୂଲ୍ୟରେ ପ୍ରଥମ ଅନ୍ତଃରାଷ୍ଟ୍ରୀୟ ଯୁବ ସଂଯୋଗ କାର୍ଯ୍ୟକ୍ରମ ତଥା ସପ୍ତମ ଯୁବଯାତ୍ରା ବୁଧବାର ଶ୍ରୀକ୍ଷେତ୍ରରୁ ଆରମ୍ଭ ହୋଇଛି। ସିଂହଦ୍ୱାର ଆଗରେ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦ କାମନା କରାଯାଇ ଏହାର ଶୁଭାରମ୍ଭ ହୋଇଛି। ଏହି ଯୁବଯାତ୍ରା ନେପାଳ ଅଭିମୁଖେ ଯାତ୍ରା କରିଛି। ଟ୍ରଷ୍ଟ ସମ୍ପାଦକ ଶଚୀନନ୍ଦନ ଦାସ, ଜଗନ୍ନାଥ ଷଡଙ୍ଗୀ, ଭବାନୀ ପ୍ରସାଦ ଦାଶଙ୍କ ନେତୃତ୍ୱରେ ଏହି ଯାତ୍ରାରେ ଦେଶରୁ ୮୫ଜଣ ଯୁବକ ଯୋଗଦାନ କରିଛନ୍ତି। ଯୁବ ବ୍ୟକ୍ତିତ୍ୱ ବିକାଶ, ଶ୍ରୀଜଗନ୍ନାଥ ସଂସ୍କୃତିର ପ୍ରଚାର, ଉଭୟ ଦେଶ ମଧ୍ୟରେ ସଂସ୍କୃତି, ପରମ୍ପରା ଏବଂ ଭାବର ଆଦାନ ପ୍ରଦାନ ଲକ୍ଷ୍ୟରେ ଆୟୋଜିତ ଏହି ଯୁବଯାତ୍ରା ଆସନ୍ତା ୨୮ତାରିଖରେ ନେପାଳର ରାଜଧାନୀ କାଠମାଣ୍ଡୁରେ ପହଞ୍ଚିବ। ସେହିଦିନ ସେଠାରେ ଯୁବ ସଂଯୋଗ କାର୍ଯ୍ୟକ୍ରମ ତଥା ଯୁବଯାତ୍ରାର ଉଦ୍‌ଘାଟନ କରାଯିବ। ଏଥିରେ ନେତୃତ୍ୱ, ଦକ୍ଷତା ବିକାଶ, ପରିବେଶ ସୁରକ୍ଷା ଆଦି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ହେବ। ଆସନ୍ତା ଅଗଷ୍ଟ ୧୧ରେ ଏହା ଉଦ୍‌ଯାପନ ହେବ ବୋଲି ଟ୍ରଷ୍ଟ ସଭାପତି କୃଷ୍ଣଚନ୍ଦ୍ର ପାଢୀ ସୂଚନା ଦେଇଛନ୍ତି।



ପୁରୀ ଟାଉନହଲ୍ ପରିସରରେ ବୁଧବାର ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି, ଆୟୋଜକ ସଙ୍ଗଠନର କର୍ମକର୍ତ୍ତା ଏବଂ ପିଲାମାନେ।

## ଆନନ୍ଦମୟ ଶିକ୍ଷା ମାଧ୍ୟମରେ ପାଠ ପ୍ରତି ଆଗ୍ରହ

**ପୁରୀ ଅଫିସ, ୨୪।୭**

**ସ୍ନେହ ସମ୍ପର୍କ ଅଭିଯାନ**

ବାତ୍ୟାରେ ସବୁଠୁ ଅଧିକ କ୍ଷତିଗ୍ରସ୍ତ ପୁରୀ ଜିଲାରେ କେତେକ ପିଲା ମାନସିକ ସ୍ତରରେ ଆଘାତ ପାଇଥିଲେ। ପବନର ଘୋର ଗର୍ଜନ, ଘର, ଗଛ ଓ ବିଦ୍ୟାଳୟ ଭାଙ୍ଗିପଡ଼ିବା ଯୋଗୁ ଅନେକଙ୍କ ମନରେ ଆଶଙ୍କା ପ୍ରକାଶ ପାଇଥିଲା। ଏଭଳି ପିଲାଙ୍କୁ ପାଠ ପ୍ରତି ଆଗ୍ରହ ସୃଷ୍ଟି କରିବା ଉଦ୍ଦେଶ୍ୟରେ ସ୍ନେହ ସମ୍ପର୍କ ଅଭିଯାନ ଆରମ୍ଭ ହୋଇଛି। ୟୁନିସେଫ ସହଯୋଗରେ ଭାରତ ଜ୍ଞାନ ବିଜ୍ଞାନ ସମିତି, ବକୁଳ ଫାଉଣ୍ଡେଶନ ଓ ନିମାହାନ୍ସ ଏହି ଅଭିଯାନ ଆରମ୍ଭ କରିଛନ୍ତି। ଆନନ୍ଦମୟ ଶିକ୍ଷା ମାଧ୍ୟମରେ ୩ରୁ ୧୪ବର୍ଷର ପିଲାଙ୍କୁ ପାଠ ପ୍ରତି ଆଗ୍ରହ ସୃଷ୍ଟି କରିବା ଏହାର ମୁଖ୍ୟ ଲକ୍ଷ୍ୟ। ବୁଧବାର ସ୍ଥାନୀୟ ଟାଉନ ହଲ୍ ପରିସରରେ ଏ ନେଇ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଦର୍ଶାଯାଇଥିଲା ଯେ, ସ୍ନେହ ସମ୍ପର୍କ ଅଭିଯାନ ନାମରେ ପୁରୀ ଜିଲାର ବାତ୍ୟା ପ୍ରଭାବିତ କୃଷ୍ଣପ୍ରସାଦ, ବ୍ରହ୍ମଗିରି ଓ କଣାସ ବ୍ଲକର ୫୮ଟି ପଞ୍ଚାୟତରେ ୩ରୁ ୧୪ବର୍ଷ ପିଲାଙ୍କୁ ଆନନ୍ଦମୟ ଶିକ୍ଷା ପ୍ରଦାନ କରାଯାଉଛି। ୪୭୧ଟି କେନ୍ଦ୍ରରେ ସ୍ୱେଚ୍ଛାସେବୀଙ୍କ ମାଧ୍ୟମରେ ଏହା କାର୍ଯ୍ୟକାରୀ ହେଉଛି। ଏହି କାର୍ଯ୍ୟକ୍ରମରେ ୟୁନିସେଫ୍‌ର କଣ୍ଟ୍ରି ଡାଇରେକ୍ଟର ଡ. ଯସ୍ମିନ ଅଲୀ ହକ୍, ଷ୍ଟେଟ୍ ଡାଇରେକ୍ଟର ମୋମିକ୍, ପୁରୀ ଜିଲା ପ୍ରକଳ୍ପ ସଂଯୋଜିକା ସୌନ୍ଦର୍ଯ୍ୟମଞ୍ଜରୀ ଦାସ, ଡିଏସ୍‌ଡବ୍ଲ୍ୟୁଓ ପୁଷ୍ପାଞ୍ଜଳି ମହାପାତ୍ର, ଲଳିତା ପଟ୍ଟନାୟକ, ଭାରତ ଜ୍ଞାନବିଜ୍ଞାନ ସମିତି ସମ୍ପାଦକ କ୍ଲୋରିନ କୁମାର ମହାନ୍ତି, ବକୁଳ ଫାଉଣ୍ଡେଶନର ସୁଦୀପ୍ତ ମହାପାତ୍ର ଯୋଗ ଦେଇଥିଲେ। ଏହି ଅବସରରେ ୩୦୦ ଅଙ୍ଗନୱାଡ଼ି କେନ୍ଦ୍ରକୁ ଅଙ୍ଗନୱାଡି କିଟ୍ ଓ ୩୦୦ ବିଦ୍ୟାଳୟରେ ଶିକ୍ଷା ଉପକରଣ କିଟ୍ ପ୍ରଦାନ କରାଯିବା ଲାଗି ସୂଚନା ଦିଆଯାଇଥିଲା।

ଆମ୍ବିଳିରେ ମାଛ ଚୋରି ଘଟଣା

## ଜେଲ ଗଲେ ୨ ଅଭିଯୁକ୍ତ

**କୋଣାର୍କ,୨୪।୭(ଡି.ଏନ୍.ଏ.)**

ଆମ୍ବିଳି ଗ୍ରାମର ଏକ ପୋଖରୀରୁ ମାଛ ଚୋରି ଅଭିଯୋଗରେ କୋଣାର୍କ ଥାନା ପୋଲିସ ବୁଧବାର ୨ ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଅଭିଯୁକ୍ତଦ୍ୱୟ ହେଲେ ଏହି ଥାନା ଅଧୀନ ଆମ୍ବିଳି ଗ୍ରାମର କାଳିଆ କାଣ୍ଡି ଓ ନିଲୁ କାଣ୍ଡି। ଜାମିନ ନାମଞ୍ଜୁର ହେବାରୁ ଏମାନଙ୍କୁ ନିମାପଡା ଉପକାରାଗାରକୁ ପଠାଇ ଦିଆଯାଇଥିବା ଆଇଆଇସି ସଞ୍ଜୀବ କୁମାର ପ୍ରଧାନ ଓ ତଦନ୍ତ ଅଧିକାରୀ ଏଏସ୍‌ଆଇ ତ୍ରିଲୋଚନ ମହାରଣା କହିଛନ୍ତି। ସୂଚନା ଅନୁଯାୟୀ, ଗତ ସୋମବାର ରାତି ପ୍ରାୟ ୨ଟାରେ ଅଭିଯୁକ୍ତଦ୍ୱୟ ଆମ୍ବିଳିଗାଁର ମାଛଚାଷୀ ରାମଚନ୍ଦ୍ର ବାହିନୀପତିଙ୍କ ପୋଖରୀରୁ ମାଛ ଚୋରି କରୁଥିବା ବେଳେ ବାହିନୀପତିଙ୍କ ନିଦ ଭାଙ୍ଗିଯାଇଥିଲା। ଏହା ପରେ ସେ ପୋଖରୀକୂଳକୁ ଆସି ଅଭିଯୁକ୍ତଦ୍ୱୟଙ୍କୁ ଦେଖି ପଚାରିବାରୁ ସେମାନେ ବାହିନୀପତିଙ୍କୁ ଗାଳିଗୁଲଜ କରିବାସହ ଜୀବନରେ ମାରିଦେବାକୁ ଧମକ ଦେଇଥିଲେ। ବାହିନୀପତିଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା(ନଂ.୮୦/୧୯)ରୁଜୁ କରି ଅଭିଯୁକ୍ତଦ୍ୱୟଙ୍କୁ ଗିରଫ କରିବା ସହ ୧ହଜାର ଟଙ୍କା ଜବତ କରିଥିଲେ।

■ ବାତ୍ୟା ପରଠୁ ଗାଁରେ ବିଦ୍ୟୁତ୍ ନାହିଁ

## ଜିଲାପାଳଙ୍କୁ ଗୁହାରି କଲେ ମହିଳା

**ପୁରୀ ଅଫିସ, ୨୪।୭**

ଆଉ ୯ଦିନ ପରେ ବାତ୍ୟା ଫନୀକୁ ୩ମାସ ପୂରିଯିବ। ହେଲେ ଏ ପର୍ଯ୍ୟନ୍ତ କିଛି ଗାଁକୁ ବିଦ୍ୟୁତ୍ ସଂଯୋଗ ହୋଇପାରିନାହିଁ। ଲୋକେ ଏବେ ବି ଅନ୍ଧାରରେ ରହିଛନ୍ତି। ବିଜୁଳି କଷ୍ଟର ସମାଧାନ ପାଇଁ ସିପକୁଦା ବନମାଳୀପୁର ପାଟଣାର ମହିଳାମାନେ ବୁଧବାର ଜିଲାପାଳଙ୍କୁ ସ୍ମାରକପତ୍ର ଦେଇଛନ୍ତି । ଏହାକୁ ସହୃଦୟତାର ସହ ବିଚାର କରି ତାଙ୍କ ଗାଁକୁ ବିଦ୍ୟୁତ୍ ସଂଯୋଗ ଦେବା ଲାଗି ବ୍ୟବସ୍ଥା କରିବାକୁ ସେମାନେ ଗୁହାରି ଜଣାଇଛନ୍ତି। ସ୍ମାରକପତ୍ରରେ ଉଲ୍ଲେଖ ହୋଇଛି ଯେ, ବାତ୍ୟା ପରଠାରୁ ସିପକୁଦା ବନମାଳୀପୁର ପାଟଣା ଗାଁକୁ ବିଦ୍ୟୁତ୍ ସଂଯୋଗ ହୋଇପାରିନାହିଁ। ଫଳରେ ଅନ୍ଧାର ଓ ଗରମରେ ଲୋକେ ଅସ୍ତବ୍ୟସ୍ତ ହୋଇପଡୁଛନ୍ତି। ସେହିପରି କେତେଜଣ ଜ୍ୱର, ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇ କଷ୍ଟ ପାଉଛନ୍ତି। ବିଦ୍ୟୁତ ବିଭାଗର ଅଧିକାରୀଙ୍କୁ ବାରମ୍ବାର ଅବଗତ କଲେ ମଧ୍ୟ କେହି ଶୁଣୁନାହାନ୍ତି ତେଣୁ ଏଥିରେ ହସ୍ତକ୍ଷେପ କରି ତାଙ୍କ ଗାଁକୁ ବିଦ୍ୟୁତ୍ ସଂଯୋଗ ବ୍ୟବସ୍ଥା କରିବାକୁ ମିନତୀ ଜେନା, ବିଷ୍ଣୁପ୍ରିୟା ଜେନା ପ୍ରମୁଖ ଜିଲାପାଳଙ୍କୁ ଅନୁରୋଧ କରିଛନ୍ତି ।



ଜିଲାପାଳଙ୍କୁ ଅଭିଯୋଗ ଜଣାଇବାକୁ ଆସିଥିବା ମହିଳାମାନେ।

## ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ କଂଗ୍ରେସର ଦାବିପତ୍ର

**ପୁରୀ ଅଫିସ, ୨୪।୭**

ରାଜ୍ୟରେ କ୍ରମାଗତ ଭାବେ ଶିଶୁ, ନାବାଳିକା ଓ ନାରୀ ନିର୍ଯାତନା, ବଳାତ୍କାର, ଅପହରଣ ଓ ନିଖୋଜ ଘଟଣା ବୃଦ୍ଧି ପାଉଛି। ଏହି ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ପ୍ରତିବାଦରେ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ପୁରୀ ଜିଲା କଂଗ୍ରେସ କମିଟି ପକ୍ଷରୁ ବୁଧବାର ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ରରେ ଦର୍ଶାଯାଇଛି, ଆଇନଶୃଙ୍ଖଳା ପରିସ୍ଥିତି ଅନିୟନ୍ତ୍ରିତ ଓ ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଛି। ମାତ୍ର ବିଧାନସଭାରେ ମୁଖ୍ୟମନ୍ତ୍ରୀ ଆଇନଶୃଙ୍ଖଳା ଠିକ୍ ରହିଛି ବୋଲି ଉତ୍ତର ରଖିବା ଦୁର୍ଭାଗ୍ୟଜନକ। ପ୍ରତିଦିନ ରାଜ୍ୟରେ ୬ଜଣ ମହିଳା ବଳାତ୍କାରର ଶିକାର ହେବା, ୨୦୧୭-୧୮ ବର୍ଷରେ ୨୨୦୦ ଜଣ ବଳାତ୍କାରର ଶିକାର ହୋଇଥିବା ବେଳେ ଚଳିତବର୍ଷ ଏହି ସଂଖ୍ୟା ୨୫୦୦ ରେ ପହଞ୍ଚିବା ଅତ୍ୟନ୍ତ ପରିତାପର ବିଷୟ । ଚଳିତବର୍ଷ ୫୦୨ ଜଣ ଶିଶୁ ନିଖୋଜ ହୋଇଥିବା ବେଳେ ୪୨୩ ଜଣଙ୍କୁ ଖୋଜି ନ ପାଇବା ପୋଲିସ ବିଭାଗର ଅପାରଗତାକୁ ପ୍ରମାଣିତ କରୁଛି। ମା'ଙ୍କୁ ସମ୍ମାନ ଦେବାର ନାରା ଏ ସରକାରରେ କିପରି ପ୍ରତିପାଦିତ ହୋଇପାରିଛି ତାହା ସ୍ପଷ୍ଟ ଅନୁମେୟ। କ୍ଷମତାର ଅହଂକାରରେ ନାବାଳିକା, ଶିଶୁ, ମହିଳାଙ୍କ ସୁରକ୍ଷା, ସମ୍ମାନ ଓ ସ୍ୱାଭିମାନ ପ୍ରତି ଏପରି ଚରମ ଅବହେଳାକୁ କଂଗ୍ରେସ ବରଦାସ୍ତ କରେ ନାହିଁ। ଏହାର ନିରାକରଣ ଦିଗରେ ରାଜ୍ୟ ସରକାର ଦୃଢ ପଦକ୍ଷେପ ନ ନେଲେ ଆଗାମୀ ଦିନରେ ଓଡ଼ିଶା ବନ୍ଦ ଡାକରା ଦିଆଯିବ ବୋଲି କଂଗ୍ରେସ ଚେତାବନୀ ଦେଇଛି । ଜିଲା କଂଗ୍ରେସ କମିଟି ସଭାପତି ଅମୀୟ କୁମାର ପଟ୍ଟନାୟକ, ପିସିସି ମୁଖପାତ୍ର ବିନାୟକ ଦାସମହାପାତ୍ର, ଜିଲା ଉପସଭାପତି ବୀରେନ୍ଦ୍ର ଭୂଷଣ ହୋତା, ଅମରେନ୍ଦ୍ର ପାଇକରାୟ ପ୍ରମୁଖ ଜିଲାପାଳଙ୍କୁ ଏହି ଦାବିପତ୍ର ପ୍ରଦାନ କରିଥିଲେ।

## ବାଲୁଙ୍କେଶ୍ୱର ନୋଡାଲ ବିଦ୍ୟାପୀଠରେ ଶିକ୍ଷକ ଅଭାବ

**ବ୍ରହ୍ମଗିରି,୨୪।୭(ଡି.ଏନ୍.ଏ.)**

ବ୍ରହ୍ମଗିରି ବ୍ଲକ ଅନ୍ତର୍ଗତ ଖଜୁରିଆସ୍ଥିତ ବାଲୁଙ୍କେଶ୍ୱର ନୋଡାଲ ବିଦ୍ୟାପୀଠରେ ଶିକ୍ଷକଙ୍କ ଅଭାବ ଯୋଗୁ ଶିକ୍ଷାଦାନ ବାଧାପ୍ରାପ୍ତ ହେଉଛି। ଏଥିଯୋଗୁ ଅଭିଭାବକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଶିକ୍ଷକ ନିଯୁକ୍ତି ପାଇଁ ଦାବି ହେଉଥିଲେ ମଧ୍ୟ ସୁଫଳ ମିଳୁନାହିଁ। ତୁରନ୍ତ ଶିକ୍ଷକ ନିଯୁକ୍ତି କରା ନ ଗଲେ ଆନ୍ଦୋଳନ କରାଯିବ ବୋଲି ଅଭିଭାବକ ବନମାଳି ବେହେରା, ଦିନବନ୍ଧୁ ସାହୁ ପ୍ରମୁଖ କହିଛନ୍ତି। ଏହି ବିଦ୍ୟାଳୟରେ ୯ମ ଓ ୧୦ମ ଶ୍ରେଣୀ ରହିଥିବା ବେଳେ ପ୍ରାଥମିକ ବିଦ୍ୟାଳୟର ପ୍ରଥମରୁ ୮ମ ଶ୍ରେଣୀ ମିଶି ଏହା ଏବେ ବାଲୁଙ୍କେଶ୍ୱର ନୋଡାଲ ବିଦ୍ୟାପୀଠ ଭାବେ ପରିବର୍ତ୍ତନ ହୋଇଛି। ୯ମ ଓ ୧୦ମ ଶ୍ରେଣୀର ୨୦୦ ଛାତ୍ରୀଛାତ୍ରଙ୍କ ପାଇଁ ୨ଜଣ ଶିକ୍ଷକ ଅଛନ୍ତି। ଆବଶ୍ୟକ ଶିକ୍ଷକ ନ ଥିବାରୁ ଛାତ୍ରୀଛାତ୍ରଙ୍କ ପାଠପଢାରେ ସମସ୍ୟା ହେଉଥିବା ଛାତ୍ରୀ ସ୍ୱାଗତିକା ପରିଡ଼ା ଓ ସ୍ୱୟମଶ୍ରୀ ବିଶ୍ୱାଳ କହିଛନ୍ତି। ବ୍ରହ୍ମଗିରି ବ୍ଲକ ସହଶିକ୍ଷାଧିକାରୀ ଯତୀନ୍ଦ୍ର କୁମାର ନାୟକ କହିଛନ୍ତି, ଏ ସମ୍ପର୍କରେ ଜିଲା ଶିକ୍ଷା ଅଧିକାରୀଙ୍କୁ ଅବଗତ କରାଯାଇଛି।

■ ଦୋଳବେଦିରେ ସାରଥି, ଗୁଣ୍ଡିଚା ଘରେ ଘୋଡ଼ା

# ପାର୍ଶ୍ୱ ଦେବଦେବୀଙ୍କୁ ଅସମ୍ମାନ

**ପୁରୀ ଅଫିସ, ୨୪।୭**

ନବଦିନାତ୍ମକ ଘୋଷଯାତ୍ରା ପରେ ଚତୁର୍ଦ୍ଧାବିଗ୍ରହ ଏବେ ରତ୍ନସିଂହାସନରେ। ଏଥିସହିତ ତିନିରଥରୁ ଓହ୍ଲାଇଛନ୍ତି ସାରଥି, ଅଶ୍ୱ ଓ ପାର୍ଶ୍ୱ ଦେବଦେବୀ। ଏମାନଙ୍କ ପ୍ରତି ଅସମ୍ମାନ କରାଯାଉଥିବା ଅଭିଯୋଗ ହୋଇଛି। ଏମାନଙ୍କୁ ପୂଜାର୍ଚ୍ଚନା କରିବାର ବିଧି ରହିଥିବାବେଳେ ତାହା କରାଯାଉନାହିଁ। ସେହିପରି ସାରଥି, ଅଶ୍ୱ ଓ ପାର୍ଶ୍ୱ ଦେବଦେବୀଙ୍କୁ ଦୋଳବେଦି କୋଣ, ଗୁଣ୍ଡିଚା ଘର ଓ ନବକଳେବର କମ୍ପ୍ଲେକ୍ସରେ ରଖାଯାଇଛି। ଏହାକୁ ନେଇ ଭକ୍ତ, ସେବାୟତ ଏବଂ ଗବେଷକମାନଙ୍କ ମଧ୍ୟରେ ଅସନ୍ତୋଷ ଓ କ୍ଷୋଭ ପ୍ରକାଶ ପାଇଛି। ପବିତ୍ର ଅକ୍ଷୟତୃତୀୟାଠାରୁ ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ, ବଳଭଦ୍ରଙ୍କ ତାଳଧ୍ୱଜ ଏବଂ ଦେବୀ ସୁଭଦ୍ରାଙ୍କ ଦର୍ପଦଳନ ରଥର ଅନୁକୂଳ କାର୍ଯ୍ୟ ଆରମ୍ଭ ହୋଇଥାଏ। ପ୍ରତ୍ୟେକ ରଥରେ ସାରଥି, ଅଶ୍ୱ ଏବଂ ପାର୍ଶ୍ୱ ଦେବଦେବୀଙ୍କୁ ଖଞ୍ଜା ଯାଇଥାଏ। ପ୍ରତିବର୍ଷ ରଥଯାତ୍ରାରେ ତିନିରଥ ନୂତନ ଭାବେ ନିର୍ମାଣ ହେଉଥିବାବେଳେ ନବକଳେବର ବର୍ଷରେ ଅଶ୍ୱ, ସାରଥି, ପାର୍ଶ୍ୱ ଦେବଦେବୀ, ଶୁଆ, ଅଁଳା, ଧ୍ୱଜ ଓ ଆୟୁଧ ମୂର୍ତ୍ତି ନିର୍ମାଣ ହୋଇଥାଏ। ଏଥିସହ ନବକଳେବର ବର୍ଷରେ ପୂର୍ବର ଘୋଡ଼ା, ସାରଥି, ପାର୍ଶ୍ୱ ଦେବଦେବୀ, ଶୁଆ, ଅଁଳା, ଧ୍ୱଜ ଓ ଆୟୁଧ ମୂର୍ତ୍ତିଙ୍କୁ ମହାପ୍ରଭୁଙ୍କ ସହିତ କୋଇଲି ବୈକୁଣ୍ଠରେ ସମାଧିସ୍ଥ କରାଯାଇଥାଏ। ରଥର ଘୋଡ଼ା, ସାରଥି ଏବଂ ପାର୍ଶ୍ୱ ଦେବଦେବୀଙ୍କୁ ପୂର୍ବରୁ ଆନନ୍ଦ ବଜାରରେ ରଖାଯାଉଥିଲା। ପରବର୍ତ୍ତୀ ସମୟରେ କୋଇଲି ବୈକୁଣ୍ଠକୁ ଯିବା ରାସ୍ତା ବାମ ପଟ ପାର୍ଶ୍ୱସ୍ଥ ଏକ ଘରେ ରଖାଯାଉଥିଲା। ତାହାକୁ ପାଣିଘର କୁହାଯାଉଥିଲା। ଉକ୍ତ ଗୃହ ବର୍ତ୍ତମାନ ଭକ୍ତଙ୍କ ମହାପ୍ରସାଦ ସେବନ ସ୍ଥଳ ପାଲଟିଛି। ୨୦୧୫ ନବକଳେବରଠାରୁ ତିନି ରଥର ସାରଥିଙ୍କୁ ଦୋଳବେଦି କୋଣରେ, ପାର୍ଶ୍ୱ ଦେବଦେବୀଙ୍କୁ ଶ୍ରୀମନ୍ଦିର ପ୍ରଶାସନର ନବକଳେବର କମ୍ପ୍ଲେକ୍ସରେ ଏବଂ ଘୋଡ଼ାଙ୍କୁ ଗୁଣ୍ଡିଚା ଘରେ ରଖାଯାଉଛି। ୧୯୯୬ ନବକଳେବର ପରଠାରୁ ମହାପ୍ରଭୁଙ୍କ ଅଶ୍ୱ, ସାରଥି, ପାର୍ଶ୍ୱ ଦେବଦେବୀ, ଶୁଆ, ଅଁଳା ଶ୍ରୀମନ୍ଦିର ବାହାରେ ରହୁଛନ୍ତି। ଏହାକୁ ନେଇ ଅସନ୍ତୋଷ ସୃଷ୍ଟି ହୋଇଛି। ଏ ସଂକ୍ରାନ୍ତରେ ବାରମ୍ବାର ଶ୍ରୀମନ୍ଦିର ପ୍ରଶାସନର ଦୃଷ୍ଟି ଆକର୍ଷଣ ସତ୍ତ୍ୱେ କୌଣସି ପଦକ୍ଷେପ ନିଆଯାଉନାହିଁ ବୋଲି ରଥ କାର୍ଯ୍ୟରେ ନିୟୋଜିତ କେତେଜଣ ସେବକ ଗଣମାଧ୍ୟମ ଆଗରେ କହିଛନ୍ତି।

ରଥର ଜନୈକ ରୂପକାର ସେବକ କହିଛନ୍ତି, ମହାପ୍ରଭୁଙ୍କ ଭଳି ଘୋଡ଼ା, ସାରଥି ଏବଂ ପାର୍ଶ୍ୱ ଦେବଦେବୀଙ୍କୁ ପୂଜାର୍ଚ୍ଚନା କରାଯିବାର ବିଧି ରହିଛି। କିନ୍ତୁ ପ୍ରାୟ ଦୁଇ ଦଶନ୍ଧି ଧରି ଏମାନଙ୍କୁ ପୂଜା କରାଯାଉନାହିଁ। ଏ ନେଇ ୨୦୧୫ରେ ତତ୍କାଳୀନ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ଦୃଷ୍ଟି ଆକର୍ଷଣ କରିଥିଲୁ। ନବକଳେବର ରଥଯାତ୍ରା ପରେ ଘୋଡ଼ା, ସାରଥି ଏବଂ ପାର୍ଶ୍ୱ ଦେବଦେବୀଙ୍କୁ ପ୍ରକୃଷ୍ଟ ସ୍ଥାନରେ ରଖାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ୪ଟି ରଥଯାତ୍ରା ସରିଥିଲେ ମଧ୍ୟ ତାଙ୍କ ପ୍ରତିଶ୍ରୁତି ପାଳନ ହୋଇନାହିଁ। ପ୍ରତିବର୍ଷ ରଥଯାତ୍ରାରେ ଏ ନେଇ ଶ୍ରୀମନ୍ଦିର ପ୍ରଶାସନର ଦୃଷ୍ଟି ଆକର୍ଷଣ କରୁଛୁ। କିନ୍ତୁ ପ୍ରଶାସନ ଏଥିପ୍ରତି ନଜର ଦେଉନାହିଁ। ଶ୍ରୀମନ୍ଦିର ପ୍ରଶାସନ ପରମ୍ପରା ଭାଙ୍ଗୁଥିବାବେଳେ ଏହାର ପ୍ରଭାବ ଆମ ଉପରେ ପଡୁଛି। କାରଣ ସେସବୁ ଆମେ ଗଢୁଛୁ। ତେଣୁ ଅଶ୍ୱ, ସାରଥି ଏବଂ ପାର୍ଶ୍ୱ ଦେବଦେବୀଙ୍କ ରହିବା ଲାଗି ନିର୍ଦ୍ଦିଷ୍ଟ ସ୍ଥାନ ନିରୂପଣ ଏବଂ ପୂଜାର୍ଚ୍ଚନା ଲାଗି ବ୍ୟବସ୍ଥା କରାଯାଉ।

ଏ ସମ୍ପର୍କରେ ଐତିହ୍ୟ ବିଶାରଦ ଡ.ସୁରେନ୍ଦ୍ର ମିଶ୍ର କୁହନ୍ତି, ଶାସ୍ତ୍ରୀୟ ଦୃଷ୍ଟିକୋଣରୁ ରଥର ପାର୍ଶ୍ୱ ଦେବଦେବୀ, ଘୋଡ଼ା ଓ ସାରଥିଙ୍କୁ ଜୀବନ୍ୟାସ ଦିଆଯାଇଥିବାରୁ ତାଙ୍କୁ ଯଥା ସ୍ଥାନରେ ରଖାଯାଇ ଉପାସନା କରାଯିବା କଥା। ପୂର୍ବରୁ ଏମାନଙ୍କ ଉପାସନା ବିଧି ଶ୍ରୀମନ୍ଦିରରେ ପ୍ରଚଳିତ ଥିଲା। ଗୋଟିଏ ନବକଳେବର ପରଠାରୁ ପରବର୍ତ୍ତୀ ନବକଳେବର ପର୍ଯ୍ୟନ୍ତ ଏହା ଅବ୍ୟାହତ ରହେ। ଏଥିପାଇଁ କୋଇଲି ବୈକୁଣ୍ଠରେ ମଧ୍ୟ ଏକ ସ୍ୱତନ୍ତ୍ର ଗୃହ ଥିଲା। ଏହି ପରମ୍ପରା ବ୍ୟାହତ ହେଲେ ଅଶୁଭ ତଥା ବିଶୃଙ୍ଖଳା ହେବାର ସମ୍ଭାବନା ରହିଛି।



ଦୋଳବେଦି କୋଣ ପରିସରରେ ସାରଥିଙ୍କୁ ରଖାଯାଇଛି।